# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-351 ♦FRIDAY ♦19 JUNE 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୫୧ ♦ଶୁକ୍ରବାର ♦୧୯ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




୪୦ ବର୍ଷ ପରେ ପୁଣି ଏକାଠି

▶ପୃଷ୍ଠା ୧୧ ଦେଖନ୍ତୁ...






## ୧୧୧ ଦିନ ପରେ ବୁଝାମଣା ସ୍ୱାକ୍ଷର

# ଶାନ୍ତି ପାଇଁ ଚୁକ୍ତି

■ ୱାଶିଂଟନ/ତେହେରାନ, ୧୮ ।୬ (ଏଜେନ୍ସି): ଇରାନ ଉପରେ ଆମେରିକା ଏବଂ ଇସ୍ରାଲ ଆକ୍ରମଣ ପରେ ଦୀର୍ଘ ତିନି ମାସରୁ ଅଧିକ ସମୟ ଧରି ଅଶାନ୍ତ ଥିବା ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ବାଟ ଫିଟିଛି । ସ୍ଥାୟୀ ରୂପେ ଯୁଦ୍ଧ ବନ୍ଦ କରିବା ସହିତ ହର୍ମୁଜ ଅବରୋଧ ହଟାଇବା ଲାଗି ସହମତ ହୋଇଛନ୍ତି ଇରାନ ଏବଂ ଆମେରିକା । ଏସଂପର୍କରେ ସେମାନଙ୍କ ମଧ୍ୟ ବହୁପ୍ରତୀକ୍ଷିତ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏଥିରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ତତକ୍ଷଣାତ୍ କାର୍ଯ୍ୟକାରୀ ହୋଇଛି । ଶାନ୍ତି ପ୍ରତିଷ୍ଠା ସହିତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ସମୁଦ୍ର ପଥ ଖୋଲିବା ଲାଗି ଏଥିରେ ସହମତି ପ୍ରକାଶ ପାଇଥିବାରୁ ସାରା ବିଶ୍ୱ ୧୧୧ ଦିନ ପରେ ଆଶ୍ୱସ୍ତ ହୋଇଛି । ହର୍ମୁଜରୁ ଆମେରିକା ଏହାର ନୌଅବରୋଧ ହଟାଇବା ସହିତ ଇରାନ ମଧ୍ୟ କଟକଣା ମୁକ୍ତ ଯାତାୟତ ଲାଗି ଅନୁମତି ପ୍ରଦାନ କରିଛି ।




ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ଅନୁଯାୟୀ ଇରାନକୁ ଅନେକ ରିହାତି ପ୍ରଦାନ କରାଯାଇଛି । ଆମେରିକାରେ ଜବତ ଥିବା ଇରାନର ସଂପତ୍ତିକୁ ପର୍ଯ୍ୟାୟକ୍ରମେ ହସ୍ତାନ୍ତର କରାଯିବ । ଇରାନର ଅର୍ଥନୈତିକ ସୁରକ୍ଷା ଲାଗି ଆମେରିକା ୩୦୦ ବିଲିୟନ ଡଲାରର ପାଣ୍ଠି ପାଇଁ ଗ୍ୟାରେଣ୍ଟି ଦେଇଛି । ଇରାନ ପରମାଣୁ ଅସ୍ତ୍ର ତିଆରି କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ବିବାଦୀୟ ପରମାଣୁ ସମୃଦ୍ଧୀକରଣ ଉପରେ ଆଲୋଚନା ଜାରି ରହିବ । ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କରିବ ନାହିଁ ବୋଲି ଏହି ବୁଝାମଣାପତ୍ରରେ ଇରାନ ସର୍ତ୍ତ ରଖିଛି ।

### ଦସ୍ତଖତ କଲେ ଦୁଇ ଦେଶର ରାଷ୍ଟ୍ରପତି

### ଇରାନକୁ ରିହାତି, ଖୋଲିବ ହର୍ମୁଜ

ଜି-୭ ଶିଖର ସମ୍ମିଳନୀ ଅବସରରେ ଗତକାଲି ପ୍ୟାରିସରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ସହ ନୈଶଭୋଜି ସମୟରେ ଟ୍ରମ୍ପ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହି ଘଟଣାରେ ମଧ୍ୟସ୍ଥତା କରୁଥିବା ଅନ୍ୟାନ୍ୟ ଦେଶଗୁଡ଼ିକୁ ମଧ୍ୟ ଏହି ସ୍ୱାକ୍ଷରିତ ନଥିର ନକଲ ପଠାଯାଇଛି ।

ସ୍ଥାୟୀ ଚୁକ୍ତି ପାଇଁ ଦୁଇ ଦେଶକୁ ୬୦ ଦିନର ସମୟ ମିଳିଛି । ଏହି ସମୟ ମଧ୍ୟରେ କୌଣସି ପକ୍ଷ ନୂତନ କଟକଣା କିମ୍ବା ସାମରିକ କାର୍ଯ୍ୟାନୁଷ୍ଠାନ ▶ପୃଷ୍ଠା-୭

## ଏକାମ୍ରକ୍ଷେତ୍ରରେ ଶୀତଳଷଷ୍ଠୀ

# ଶୁଭଲଗ୍ନରେ ଦେବବିବାହ


■ ଭୁବନେଶ୍ୱର, ୧୮ ।୬ (ସମିସ): ଏକାମ୍ରକ୍ଷେତ୍ରାଧୀଶ୍ୱର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିବାହ ପାଇଁ ଉତ୍ସବମୁଖର ହୋଇ ଉଠିଛି ପୁରୁଣା ଭୁବନେଶ୍ୱର । ଆଖି ଝଲସିଲା ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ଲିଙ୍ଗରାଜ ମନ୍ଦିର ଓ କେଦାରଗୌରୀ ଅଞ୍ଚଳ । ସୁରୁଖୁରୁରେ ସମ୍ପନ୍ନ ହୋଇଛି ଦେବ ବିବାହ । ଗୁରୁବାର ବଡ଼ସିଂହାର ବେଶ ପରେ ତ୍ରିପଣ୍ଡ ଚନ୍ଦନ ଲାଗି ହୋଇ ଦେଶୀ ବାଜା, ରୋଶଣୀ କରି ବରଯାତ୍ରୀଙ୍କୁ ଧରି କନ୍ୟା ଘର ଅଭିମୁଖେ ବାହାରିଥିଲେ ମହାପ୍ରଭୁ । ବିଭିନ୍ନ ପ୍ରକାରର ନୃତ୍ୟ ଓ ବାଜା ସାଙ୍ଗକୁ ଘଣ୍ଟଘଣ୍ଟା, କାହାଳୀ, ତ୍ରିଶାଖା, ମଶାଲ, କଳା-ଧଳାଛତ୍ର, ଶୁଭଶଙ୍ଖ ସହ ଢୋଲ, ମହୁରୀ, ଘୋଡ଼ା ନାଚ ସହ ବିଭିନ୍ନ ପ୍ରକାରର ଦେବଦେବୀ ବେଶ, ବନାଟି ସହିତ ପାରମ୍ପରିକ ବାଦ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ବିବାହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ୩୦୦ରୁ ଉର୍ଦ୍ଧ୍ୱ ବରଯାତ୍ରୀ । ବରାନୁଗମନ ଶୋଭାଯାତ୍ରା ▶ପୃଷ୍ଠା-୭

**ଆଜି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନଗର ପରିକ୍ରମା**



# ଭତ୍ତା ପାଇଁ ଲୋକେ ନୟାନ୍ତ ହେବା ଦୁଃଖଦାୟକ: ନବୀନ

### ଦୁର୍ଦ୍ଦଶା ସମୟରେ ସରକାର ଚୁପ୍ କାହିଁକି ?



■ ଭୁବନେଶ୍ୱର, ୧୮।୬ (ସମିସ): ରାଜ୍ୟର ଲକ୍ଷ ଲକ୍ଷ ସାମାଜିକ ସୁରକ୍ଷା ଭତ୍ତା ହିତାଧିକାରୀ ଗତ ୩ ମାସ ହେଲାଣି ଭତ୍ତା ନ ପାଇ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି । ଏହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇ ଆସୁଥିବା ବେଳେ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଭତ୍ତା ପାଇଁ ଲୋକେ ନୟାନ୍ତ ହେବା ଅତ୍ୟନ୍ତ ଦୁଃଖଦାୟକ । ୨ ବର୍ଷ ପୂରଣ କରିଥିବା ବିଜେପି ସରକାରର ଏଇଆ କ'ଣ ଫାଇଦା ବୋଲି ନବୀନ ପ୍ରଶ୍ନ କରିଛନ୍ତି ।

ସାମାଜିକ ଗଣମାଧ୍ୟମରେ ନବୀନ କହିଛନ୍ତି ଯେ ତିନି ମାସରୁ ଅଧିକ ସମୟ ଧରି ରାଜ୍ୟର ଲକ୍ଷ ଲକ୍ଷ ଲୋକ ସାମାଜିକ ସୁରକ୍ଷା ଅଧୀନରେ ଭତ୍ତା ନ ପାଇ ବ୍ୟାପକ ସମସ୍ୟାର ସାମ୍ନା କରୁଛନ୍ତି । ଭତ୍ତା ପାଇଁ ଲୋକ ଜୀବନ ହାରିବା ପରି ଖବର ମଧ୍ୟ ଗଣମାଧ୍ୟମର ଶିରୋନାମା ପାଲଟିଛି; ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ନିର୍ବାଚନ ସମୟରେ ଭତ୍ତା ବଢ଼ାଇବାର ମିଛ ପ୍ରତିଶ୍ରୁତି ଦେଇ ଓଡ଼ିଶା ବିଜେପି କ୍ଷମତାକୁ ଆସିଲା । ହେଲେ ବର୍ତ୍ତମାନ ଯାଏଁ ଭତ୍ତା ବଢ଼ାଇବା ଦୂରେ ଥାଉ ହିତାଧିକାରୀଙ୍କୁ ପୂର୍ବରୁ ମିଳୁଥିବା ଭତ୍ତାକୁ ବି ସରକାର ପ୍ରଦାନ କରିବାରେ ଅସମର୍ଥ । ଏହା ଅନେକ ବୟସ୍କ ଲୋକ, ମା'ମାଉସୀଙ୍କୁ ହତାଶା ଓ ଯନ୍ତ୍ରଣା ଭିତରକୁ ଠେଲି ଦେଇଛି । ଭତ୍ତା ଉପରେ ନିର୍ଭର କରି ଜୀବନ ଅତିବାହିତ କରୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ▶ପୃଷ୍ଠା-୭

## କଠୋର ହେଲେ ମୁଖ୍ୟମନ୍ତ୍ରୀ

# ଡାକ୍ତରାଣୀ ବହିଷ୍କୃତ, ଏଡିଜି ନିଲମ୍ବିତ

### ପୂର୍ବତନ ମେଡିକାଲ ଅଫିସର ବହିଷ୍କୃତ

■ ଭୁବନେଶ୍ୱର, ୧୮।୬ (ସମିସ): ଦୀର୍ଘଦିନ ଧରି ଡାକ୍ତରଖାନା ନ ଆସି, ରୋଗୀ ସେବାରୁ ବିରତ ରହୁଥିବା ଡାକ୍ତରମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି । ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି । ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ସହ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ ତାହାର ଅନୁପାଳନ କରି ନ ଥିଲେ । ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁଁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି । ଏଥିସହିତ ରାଜ୍ୟବ୍ୟାପୀ ବିଭିନ୍ନ ଡାକ୍ତରଖାନାରେ ୫ ବର୍ଷରୁ ଅଧିକ ସମୟଧରି କାର୍ଯ୍ୟରେ ଅନୁପସ୍ଥିତ ଥିବା ୧୨୮ ଜଣ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ▶ପୃଷ୍ଠା-୭



**୧୨୮ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ**

### ନିଲମ୍ବନ ହେଲେ ଆଇପିଏସ୍ ଗଙ୍ଗୱାର

■ ଭୁବନେଶ୍ୱର, ୧୮।୬ (ସମିସ): ବାଲିଅନ୍ତା ଭିଡ଼ହତ୍ୟାର ଶିକାର ସୌମ୍ୟରଞ୍ଜନଙ୍କ ମୃତ୍ୟୁ ପରବର୍ତ୍ତୀ ଘଟଣାରେ ଗୃହ ବିଭାଗର ଓଏସ୍‌ଡ଼ି ତଥା ବିବାଦୀୟ ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କୁ ନିଲମ୍ବନ କରିଛନ୍ତି ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବନ କରାଯାଇଥିଲେ ହେଁ ନିର୍ଦ୍ଦେଶନାମାରେ କୌଣସି କାରଣ ଉଲ୍ଲେଖ କରାଯାଇ ନାହିଁ । ବାଲିଅନ୍ତା ସୌମ୍ୟ ହତ୍ୟାକାଣ୍ଡ ପରେ ଦୟାଲ ଗଙ୍ଗୱାରଙ୍କ ନାମ ଚର୍ଚ୍ଚାକୁ ଆସିଥିଲା । ସୌମ୍ୟଙ୍କ ପରିବାର ଲୋକେ ସିଧାସଳଖ ଦୟାଲ ଗଙ୍ଗୱାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଥିଲେ । ଏପରିକି ସୌମ୍ୟଙ୍କୁ ହତ୍ୟା ଘଟଣାକୁ ଏକ ଷଡ଼ଯନ୍ତ୍ର ଅଭିହିତ କରି ଏହାପଛରେ ଗଙ୍ଗୱାରଙ୍କ ହାତ ଥିବା ସୌମ୍ୟଙ୍କ ▶ପୃଷ୍ଠା-୭



**ସୌମ୍ୟଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ ମା'**

## ପିଲାଙ୍କ ବସ୍ତାନୀରେ ଅଫିସରଙ୍କ ପାପ ବୋଝ

# ଏବର୍ଷ ପିଲା ପଢ଼ିବେ ଭୁଲ୍ ପାଠ

■ ଭୁବନେଶ୍ୱର, ୧୮।୬ (ସମିସ): ତଥାକଥିତ ଜ୍ଞାନୀ ଓ ପଣ୍ଡିତମାନଙ୍କ ପାପର ବୋଝ ଏବେ ବୋହିବେ ସ୍କୁଲ ପିଲା । ଭୁଲ ଛପା ଯୋଗୁଁ ଅପବ୍ୟୟ ହୋଇଥିବା କୋଟି କୋଟି ଟଙ୍କାର ବୋଝ ରାଜ୍ୟବାସୀ ବୋହିବେ । ମାତ୍ର ତଳୁ ଉପର ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ, ବହିଗୁଡ଼ିକର ବିଶେଷ ବିଶେଷଜ୍ଞ, ସମୀକ୍ଷକମଣ୍ଡଳୀ, ସମ୍ପାଦକ ମଣ୍ଡଳୀ, ସଂଯୋଜକ, ମୁଖ୍ୟ ସଂଯୋଜକମାନଙ୍କର ଏଥିରେ କୌଣସି ଦାୟିତ୍ୱ ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭାଗୀୟ ମନ୍ତ୍ରୀଙ୍କ ଦାୟିତ୍ୱହୀନ ଟିପ୍ପଣୀ । ଚଳିତ ବର୍ଷ ଆଉ ବହି ଛପାଯିବ ନାହିଁ, ଛପା ଯାଇଥିବା ତ୍ରୁଟିପୂର୍ଣ୍ଣ ବହିରେ ପିଲାମାନେ ପାଠ ପଢ଼ିବେ ଓ ଆସନ୍ତା ବର୍ଷ ତ୍ରୁଟି ଶୂନ୍ୟ ନୂଆ ବହି ଛପାଯିବ । ଯେଉଁଠି ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ କ୍ଷୋଭ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇ ସାରିଛନ୍ତି, ସେଠାରେ ବିଭାଗୀୟ ମନ୍ତ୍ରୀ ନିରବ ରହିବା ଓ ଚଳେଇଦେବା ନ୍ୟାୟରେ ମନ୍ତବ୍ୟ ଦେବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି ।

୨୦୨୬-୨୭ ଶିକ୍ଷାବର୍ଷ ପାଇଁ ପ୍ରସ୍ତୁତ ▶ପୃଷ୍ଠା-୭

**ଆରବର୍ଷକୁ ନୂଆ ବହି**

**ସମ୍ପାଦକ, ସମୀକ୍ଷକ, ସଂଯୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

**ଦରମାରୁ ବହି ଛପା ବାବଦରେ ବ୍ୟୟ ରାଶି ଭରଣା କରିବାକୁ ଦାବି**

### ତଦନ୍ତ କମିଟି ଗଠିତ

■ ଭୁବନେଶ୍ୱର, ୧୮।୬ (ସମିସ): ରାଜ୍ୟର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଠ୍ୟ ପୁସ୍ତକରେ ବ୍ୟାପକ ମୁଦ୍ରଣଜନିତ ତ୍ରୁଟି ଉପରେ ତଦନ୍ତ ପାଇଁ ଗୁରୁବାର ଏକ କମିଟି ଗଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଠିତ ଏହି କମିଟିରେ ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଅଧ୍ୟକ୍ଷ ରହିଛନ୍ତି । ଓଡ଼ିଆ ଭାଷା, ▶ପୃଷ୍ଠା-୭




## ପଞ୍ଚାୟତରେ ଅପମାନିତ ହେବା ପରେ ମହିଳାଙ୍କ ଆତ୍ମହତ୍ୟା

ଗାଜିଆବାଦ, ୧୮ ।୬(ଏଜେନ୍ସି): ଉତ୍ତର ପ୍ରଦେଶର ଗାଜିଆବାଦରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମହମ୍ମଦ ସମୀର ନାମକ ଜଣେ ଯୁବକ ନିଖୋଜ ହେବା ପଛରେ ଶିଦ୍ରା (୨୪) ନାମକ ଜଣେ ମହିଳାଙ୍କ ହାତ ଥିବା ନେଇ ଯୁବକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଆୟୋଜିତ ଏକ ସ୍ଥାନୀୟ ପଞ୍ଚାୟତରେ ଶିଦ୍ରାଙ୍କୁ ସର୍ବସାଧାରଣରେ ଗାଳିଗୁଲଜ ଓ ଗଭୀର ଅପମାନିତ କରାଯାଇଥିଲା। ଏହି ମାନସିକ ନିର୍ଯାତନା ସହି ନପାରି ଶିଦ୍ରା ଗତ ମଙ୍ଗଳବାର ରାତିରେ ନିଜ ଘରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ଶିଦ୍ରାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପରିବାର ଓ ସ୍ଥାନୀୟ ଲୋକେ ମୃତଦେହକୁ ରାସ୍ତାରେ ରଖି ପ୍ରତିବାଦ କରିବା ସହ ପୁଲିସ ସହ ଧସ୍ତାଧସ୍ତି ହୋଇଥିଲେ। ତେବେ ପୁଲିସ ତଦନ୍ତରୁ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି ଯେ, ଯୁବକ ସମୀର ପ୍ରକୃତରେ ନିଖୋଜ ନଥିଲେ, ବରଂ ଅନ୍ୟ ଏକ ମାମଲାରେ ପୁଲିସ ତାଙ୍କୁ ପଚରାଉଚରା ପାଇଁ ଅଟକ ରଖିଥିଲା ଏବଂ ସେ ଦୁଇ ଦିନ ପୂର୍ବରୁ ହିଁ ଘରକୁ ଫେରିଆସିଥିଲେ। ଅନ୍ୟପଟେ ମୃତ ମହିଳାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ସମୀର ବିବାହର ପ୍ରତିଶ୍ରୁତି ଦେଇ ଶିଦ୍ରାଙ୍କୁ ଶୋଷଣ କରୁଥିଲେ ଏବଂ ପଞ୍ଚାୟତରେ ହୋଇଥିବା ଅପମାନ ଯୋଗୁଁ ହିଁ ସେ ଜୀବନ ହାରିଛନ୍ତି। ବର୍ତ୍ତମାନ ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଗୁଣିଗାରେଡ଼ି ସନ୍ଦେହରେ ଘରୋଇ ସହାୟିକାଙ୍କୁ ହତ୍ୟା କଲେ ଦିଲ୍ଲୀର ଡାକ୍ତର

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ଦିଲ୍ଲୀର ସମ୍ଭ୍ରାନ୍ତ ମାଉଣ୍ଟ କୈଳାସ ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। ଜଣେ ଡାକ୍ତର ନିଜ ଘରୋଇ ସହାୟିକା ମୀନା (୪୫)ଙ୍କୁ ପ୍ରଥମେ ବ୍ୟାଟ୍‌ରେ ପିଟି ଏବଂ ପରେ ଛୁରୀ ଭୁସି ନିର୍ମମ ଭାବେ ହତ୍ୟା କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର କରିବା ସହ ସେଠାରେ ବସିଥିବା ଅଭିଯୁକ୍ତ ଡାକ୍ତର ମନୀଷ ଗୁପ୍ତାଙ୍କୁ ଗିରଫ କରିଛି। ପୁଲିସ ଜେରା ବେଳେ ଡାକ୍ତର ଜଣକ ନିଜର ଅପରାଧ ସ୍ୱୀକାର କରିଛନ୍ତି। ସେ ଦାବି କରିଛନ୍ତି ଯେ ମୃତ ମହିଳା ଜଣକ ତାଙ୍କ ଘରେ ଗୁଣିଗାରେଡ଼ି ବା କଳାଯାଦୁ କରୁଥିଲେ, ଯାହାଦ୍ୱାରା ତାଙ୍କ ପରିବାରର ଶାନ୍ତି ନଷ୍ଟ ହେଉଥିଲା। ତେବେ ପୁଲିସ ସୂଚନା ଅନୁଯାୟୀ, ଡାକ୍ତର ଜଣକ ଦୀର୍ଘ ଦିନ ହେବ ମାନସିକ ଅବସାଦ ଅର୍ଥାତ୍ ଡିପ୍ରେସନ୍‌ରେ ପୀଡ଼ିତ ଅଛନ୍ତି ଏବଂ ବାରମ୍ବାର ନିଜ ବୟାନ ବଦଳାଉଛନ୍ତି। ପୁଲିସ ହତ୍ୟାରେ ବ୍ୟବହୃତ ବ୍ୟାଟ୍ ଓ ଛୁରୀ ଜବତ କରିବା ସହ ସିସିଟିଭି ଫୁଟେଜ୍ ଆଧାରରେ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଟେଲିଗ୍ରାମ କଟକଣା ମାମଲା: ହାଇକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ନିଟ୍-ୟୁଜି ପୁନଃ-ପରୀକ୍ଷା ପୂର୍ବରୁ ସାରା ଦେଶରେ ଟେଲିଗ୍ରାମ ଉପରେ ଲାଗିଥିବା ସାମୟିକ କଟକଣା ବିରୋଧରେ ହୋଇଥିବା ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ନିଜର ରାୟ ସଂରକ୍ଷିତ ରଖିଛନ୍ତି। ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜୁନ ୨୨ ପର୍ଯ୍ୟନ୍ତ ଏହି ବ୍ୟାନ୍‌କୁ ସଠିକ୍ ବୋଲି ଦର୍ଶାଇଛନ୍ତି। ଅଦାଲତରେ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ, ଟେଲିଗ୍ରାମରେ ବେଆଇନ ଚ୍ୟାନେଲ ଓ ବଟ୍ସ ମାଧ୍ୟମରେ ଅପରାଧୀଙ୍କୁ ଟ୍ରାକ୍ କରିବା କଷ୍ଟକର। ଏହାର 'ମେସେଜ୍ ଏଡିଟିଂ' ଫିଚର ବ୍ୟବହାର କରି ପୂର୍ବରୁ ପ୍ରଶ୍ନପତ୍ର ଲିକ୍‌ର ଗୁଜବ ସୃଷ୍ଟି କରାଯାଇଥିଲା। ଟେଲିଗ୍ରାମ ଏଭଳି ସନ୍ଦିଗ୍ଧ ଗତିବିଧି ରୋକିବାରେ ବିଫଳ ହୋଇଛି ଏବଂ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅନ୍ୟପଟେ, କୋର୍ଟ ପ୍ରଶ୍ନ କରିଥିଲେ ଯେ କିଛି ଲୋକଙ୍କ ଅପରାଧ ପାଇଁ ସାଧାରଣ ଜନତାଙ୍କ ଅଧିକାରକୁ କ୍ଷୁଣ୍ଣ କରାଯାଇପାରିବ କି? ଏହାର ଜବାବରେ ସରକାର କହିଛନ୍ତି ଯେ ସୁରକ୍ଷା ଦୃଷ୍ଟିରୁ ଏହା ଏକ ଜରୁରୀ ପ୍ରତିଷେଧକ ମୂଳକ ପଦକ୍ଷେପ। ଅନ୍ୟପଟେ, ଟେଲିଗ୍ରାମ ପକ୍ଷରୁ କୁହାଯାଇଛି ଯେ ସମ୍ପୂର୍ଣ୍ଣ ଆପ୍ ବ୍ୟାନ୍ କରିବା ବଦଳରେ କେବଳ ସନ୍ଦେହଜନକ ଡିଭାଇସ୍ ବା ମୋବାଇଲ୍‌ଗୁଡ଼ିକୁ ବ୍ଲକ କରାଯାଇପାରିଥାନ୍ତା।

## ହାଇକୋର୍ଟରେ ମମତାଙ୍କୁ ଝଟ୍‌କା


### ରତବ୍ରତଙ୍କ ନିଯୁକ୍ତି ଉପରେ ରୋକ୍ ଲାଗିବ ନାହିଁ

କୋଲକାତା, ୧୮ ।୬(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ ମମତା ବାନାର୍ଜୀଙ୍କୁ କଲିକତା ହାଇକୋର୍ଟରୁ ଏକ ବଡ଼ ସେଟ୍‌ବ୍ୟାକ୍ ମିଳିଛି। ପଶ୍ଚିମବଙ୍ଗ ବିଧାନସଭାରେ ବିଦ୍ରୋହୀ ବିଧାୟକ ରତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ସ୍ୱୀକୃତି ଦେବା ପାଇଁ ବାଚସ୍ପତି ରଥିନ ବସୁଙ୍କ ନିଷ୍ପତ୍ତି ଉପରେ ମଧ୍ୟବର୍ତ୍ତୀକାଳୀନ ରୋକ ଲଗାଇବାକୁ ହାଇକୋର୍ଟ ମନା କରିଦେଇଛନ୍ତି। ଫଳରେ ରତବ୍ରତ ବର୍ତ୍ତମାନ ପାଇଁ ନିଜ ପଦବୀରେ ବଜାୟ ରହିବେ। ବିଧାନସଭା ନିର୍ବାଚନରେ ଟିଏମସିର ପରାଜୟ ପରେ ଦଳ ମଧ୍ୟରେ ବିଭାଜନ ସୃଷ୍ଟି ହୋଇଥିଲା ଏବଂ ଅଧିକାଂଶ ବିଧାୟକ ବିଦ୍ରୋହୀ ସାଜିଥିଲେ। ଦଳୀୟ ନେତୃତ୍ୱ ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ଏହି ପଦ ପାଇଁ ମନୋନୀତ କରିଥିଲେ ମଧ୍ୟ, ରତବ୍ରତ ୫୮ ଜଣ ବିଧାୟକଙ୍କ ସମର୍ଥନ ହାସଲ କରି ବିରୋଧୀ ଦଳ ନେତା ବନିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆବେଦନ କରାଯାଇଥିଲା। ବିଚାରପତି କୃଷ୍ଣା ରାଓ ଏହି ମାମଲାରେ କୌଣସି ଜରୁରୀ ଆଦେଶ ଦେବାକୁ ମନା କରିବା ସହ ଆଗାମୀ ଶୁଣାଣି ଜୁଲାଇ ୨୮ ତାରିଖକୁ ଧାର୍ଯ୍ୟ କରିଛନ୍ତି ଏବଂ ସମସ୍ତ ପକ୍ଷଙ୍କୁ ସେମାନଙ୍କର ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଗଣଦୁଷ୍କର୍ମ ପରେ ମହିଳାଙ୍କ ଗୁପ୍ତାଙ୍ଗରେ ଗୁଳି ପୂରାଇଦେଲେ

ବେଗୁସରାଇ, ୧୮ ।୬(ଏଜେନ୍ସି): ବିହାରର ବେଗୁସରାଇ ଜିଲ୍ଲାରୁ ଏକ ଅତ୍ୟନ୍ତ ସ୍ତବ୍ଧ କରିଦେବା ଭଳି ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଚକିଆ ଥାନା ଅଞ୍ଚଳରେ ୫ ଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ସ୍ୱାମୀଙ୍କୁ ଘର ଭିତରେ ବନ୍ଦ କରିବା ପରେ ମହିଳାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଗଣଦୁଷ୍କର୍ମ କରିଛନ୍ତି। କେବଳ ସେତିକି ନୁହେଁ, ବିରୋଧ କରିବାରୁ ବ୍ଲେଡ୍‌ରେ ତାଙ୍କ ଶରୀରକୁ କ୍ଷତବିକ୍ଷତ କରିବା ସହ ଅଚେତ ଅବସ୍ଥାରେ ତାଙ୍କ ଗୁପ୍ତାଙ୍ଗ ଭିତରକୁ ଗୁଳି ଓ ପଥର ପଶାଇ ବର୍ବରତାର ସବୁ ସୀମା ପାର୍ କରିଛନ୍ତି। ଗତ ଜୁନ ୧୧ ତାରିଖ ବିଳମ୍ବିତ ରାତିରେ ଏହି ଜଘନ୍ୟ କାଣ୍ଡ ଘଟିଥିଲା। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାରାଉନି ଏବଂ ପରେ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସହ୍ୟ ଯନ୍ତ୍ରଣା ହେବାରୁ ଡାକ୍ତରମାନେ ଗଭୀର ଭାବେ ଯାଞ୍ଚ କରିବା ପରେ ମହିଳାଙ୍କ ଗୁପ୍ତାଙ୍ଗ ଭିତରୁ ଏକ ଜୀବନ୍ତ ଗୁଳି ଅର୍ଥାତ ବୁଲେଟ୍, ପଥର ଏବଂ କାଠ ଖଣ୍ଡ ଉଦ୍ଧାର କରିଛନ୍ତି। ମହିଳାଙ୍କ କହିବା ଅନୁଯାୟୀ, ୩ ମାସ ପୂର୍ବରୁ ମଧ୍ୟ କିଛି ଅପରାଧୀ ତାଙ୍କ ଘରେ ପଶି ଲୁଟପାଟ କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲେ, ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ସ୍ଥାନୀୟ ଡିଏସପି ଆନନ୍ଦ କୁମାର ପାଣ୍ଡେ କହିଛନ୍ତି ଯେ ପୀଡ଼ିତାଙ୍କ ବୟାନ ସତ୍ୟ ପ୍ରତୀତ ହେଉଛି ଏବଂ ଏହି ସଙ୍ଗୀନ ମାମଲାର ବୈଜ୍ଞାନିକ ପଦ୍ଧତିରେ ତଦନ୍ତ କରାଯାଉଛି। ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବା ସହ ପୂର୍ବରୁ ଅବହେଳା କରିଥିବା ପୁଲିସ କର୍ମଚାରୀଙ୍କ ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

# ଏନ୍‌ଡିଏକୁ ସୁହାଉଛି ବିଭାଜନ



ଟାର୍ଗେଟ୍ ୩୬୨

ନୂଆଦିଲ୍ଲୀ, ୧୮।୬: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତାଙ୍କ ଟିଏମ୍‌ସିର ଶୋଚନୀୟ ପରାଜୟ ପରେ ବଦଳିଯାଇଛି ଜାତୀୟ ରାଜନୀତିର ଦୃଶ୍ୟପଟ୍ଟ। ଗତ ଦୁଇ ସପ୍ତାହ ମଧ୍ୟରେ ଯାହାସବୁ ଘଟି ଚାଲିଛି, ସେଥିରେ ବିରୋଧୀ ମେଣ୍ଟ ଦୁର୍ବଳ ହେଉଥିବା ବେଳେ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ଶକ୍ତିଶାଳୀ ହେବାକୁ ଲାଗିଛି। ଏଭଳି ଧାରା ଜାରି ରହିଲେ ଲୋକସଭାରେ ଏନ୍‌ଡିଏ ସାଂସଦଙ୍କ ସଂଖ୍ୟା ଦୁଇ ତୃତୀୟାଂଶ (୩୬୨) ଛୁଇଁବାକୁ ଆଉ ଅଧିକ ସମୟ ଲାଗିବ ନାହିଁ। ଏହି ସଂଖ୍ୟା ଛୁଇଁଲେ ମହିଳା ସଂରକ୍ଷଣ, ସୀମା ପୁନଃନିର୍ଦ୍ଧାରଣ ଏବଂ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଅନୁମୋଦନରେ ଆଉ ପ୍ରତିବନ୍ଧକ ରହିବ ନାହିଁ। ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଲକ୍ଷ୍ୟ ହାସଲ ହେବ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ମନ୍ତବ୍ୟ ଏଭଳି ଆକଳନକୁ ବଳ ଯୋଗାଇଛି। ସେ କହିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ପାଇଁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବହୁତ କିଛି ଘଟିଯିବ।

ଗତ ଏପ୍ରିଲ ମାସରେ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଏବଂ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଲୋକସଭାରେ ଆଗତ କରିଥିଲେ। ମାତ୍ର ସମ୍ବିଧାନ ସଂଶୋଧନ ପାଇଁ ଆବଶ୍ୟକ ଦୁଇ ତୃତୀୟାଂଶ ସମର୍ଥନ ନମିଳିବାରୁ ୫୪ ଭୋଟରେ କାଟ୍ ଖାଇଯାଇଥିଲା ଏହି ବିଲ୍। ଏହି ବିଲ୍ ପାସ୍ କରାଇବାକୁ ହେଲେ ୫୪୩ ସଭ୍ୟ ବିଶିଷ୍ଟ ଲୋକସଭାରେ ୩୬୨ ସଭ୍ୟଙ୍କ ସମର୍ଥନ ଦରକାର। ଟିଏମସିର ୧୯ ବିଦ୍ରୋହୀ ସାଂସଦଙ୍କୁ ମିଶାଇଲେ ଲୋକସଭାରେ ଏବେ ଏନଡିଏ ସାଂସଦ ସଂଖ୍ୟା ୩୧୨ରେ ପହଞ୍ଚିଥିବା ବେଳେ ଉଦ୍ଧବ ସେନାର ୬ ସାଂସଦ ଏଥିରେ ସାମିଲ ହେବେ ବୋଲି କୁହାଯାଉଛି। ଫଳରେ ଏନ୍‌ଡିଏ ସଂଖ୍ୟା ୩୧୮କୁ ବୃଦ୍ଧି ପାଇବ। ଦୁଇ ତୃତୀୟାଂଶ ସଂଖ୍ୟା ପାଇଁ ଆହୁରି ୪୪ ସଭ୍ୟଙ୍କ ସମର୍ଥନ ଦରକାର ଥିବାରୁ ଡିଏମ୍‌କେ ସହିତ ଏନଡିଏ ନେତାଙ୍କ ଆଲୋଚନା ଚାଲିଛି। କଂଗ୍ରେସ ଉପରେ କ୍ଷୁବ୍ଧ ହୋଇ ଇଣ୍ଡିଆ ମେଣ୍ଟ ଛାଡ଼ିଥିବା ଡିଏମକେର ୨୨ ଜଣ ଲୋକସଭା ସାଂସଦ ଅଛନ୍ତି। ଏହାର ସମର୍ଥନ ମିଳିଲେ ଏନ୍‌ଡିଏ ୩୪୦ ସହିତ ଟାର୍ଗେଟ ୩୬୨ର ନିକଟତର ହୋଇଯିବ। ଏହି ଟାର୍ଗେଟ୍ ହାସଲ ପାଇଁ ଅନ୍ୟ ଛୋଟ ଛୋଟ ଦଳ ସହିତ ଆଲୋଚନା ଚାଲିଥିବାର ଖବର ମିଳିଛି। ଆସନ୍ତା ଲୋକସଭା ଅଧିବେଶନ ବେଳେ ଏହି ସଂଖ୍ୟା ମିଳିଯିବ ବୋଲି ଜଣେ ନେତା ଆଶା ପ୍ରକାଶ କରିଛନ୍ତି। ଲୋକସଭାରେ ଇଣ୍ଡିଆ ମେଣ୍ଟରେ ୧୯୦ ସାଂସଦ ଥିବା ବେଳେ ନିରପେକ୍ଷ ରହିଛନ୍ତି ୩୮ ସାଂସଦ। ନିରପେକ୍ଷଙ୍କ ମଧ୍ୟରେ ରହିଛି ଡିଏମକେ।


ସେହିଭଳି ରାଜ୍ୟସଭାରେ ମୋଟ୍ ସାଂସଦ ସଂଖ୍ୟା ୨୪୫ ଥିବା ବେଳେ ଦୁଇ ତୃତୀୟାଂଶ ସଂଖ୍ୟା ହେଉଛି ୧୬୪। ଏବେ ୫ଟି ଆସନ ଖାଲି ପଡ଼ିଥିବାରୁ ଦୁଇ ତୃତୀୟାଂଶ ସଂଖ୍ୟା ୧୬୧କୁ ଖସି ଆସିଛି। ରାଜ୍ୟସଭାରେ ଏନଡିଏ ସଭ୍ୟ ସଂଖ୍ୟା ୧୪୯ ଥିବା ବେଳେ ଇଣ୍ଡିଆ ମେଣ୍ଟର ୬୨ ସାଂସଦ ଏବଂ ନିରପେକ୍ଷ ସାଂସଦ ସଂଖ୍ୟା ରହିଛି ୨୯। ସମ୍ବିଧାନ ସଂଶୋଧନ ବିଲ୍ ଅନୁମୋଦନ ପାଇଁ ଏନଡିଏକୁ ଆଉ ୧୨ ସାଂସଦଙ୍କ ସମର୍ଥନ ଦରକାର। ଡିଏମକେ (୮) ଏବଂ ଜଗନ ରେଡୀଙ୍କ ୱାଇଏସ୍‌ଆରସିପି (୪) ସମର୍ଥନ ଦେଲେ ସରକାରଙ୍କୁ ବେଶି ଅସୁବିଧା ହେବନାହିଁ।



## ଗାଡ଼ି ଭିତରେ ବିଜେପି ନେତାଙ୍କୁ ଜାଳିଦେଲେ

ରାୟପର, ୧୮ ।୬(ଏଜେନ୍ସି): ଛତିଶଗଡ଼ର କୋରିଆ ଜିଲ୍ଲାରେ ବାଲି ମାଫିଆଙ୍କ ମଧ୍ୟରେ ଚାଲିଥିବା ବିବାଦ ଏକ ବର୍ବର ହତ୍ୟାକାଣ୍ଡର ରୂପ ନେଇଛି। ବିଜେପି ନେତା ତଥା ପୂର୍ବତନ ଜନପଦ ପଞ୍ଚାୟତ ସଭାପତି ଭରତ ସିଂହ ଓରଫ ଲଲ୍ଲା ସିଂହଙ୍କ ସହ ୩ ଜଣଙ୍କୁ ଏକ ଏସୟୁଭି ଗାଡ଼ି ଭିତରେ ପେଟ୍ରୋଲ ଢାଳି ଜୀବନ୍ତ ଜାଳି ଦିଆଯାଇଛି। ଏହି ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ସୋନହାଟ୍ ଥାନା ଅନ୍ତର୍ଗତ ନୌଗେନ୍ ଗ୍ରାମରେ ଏହି ଘଟଣା ଘଟିଛି। ଭରତ ସିଂହ ଏକ ବାଲି ଖାଦାନ ବିବାଦର ସମାଧାନ ପାଇଁ ଯାଇଥିବା ବେଳେ ତାଙ୍କୁ ସେଠାରେ ଘେରି ନିଆଯାଇଥିଲା। ବିରୋଧୀ ଗୋଷ୍ଠୀର ଟ୍ରକ୍‌ଗୁଡ଼ିକ ତାଙ୍କ ଗାଡ଼ିର ଆଗ ଓ ପଛ ପଟୁ ବନ୍ଦ କରିଦେଇଥିଲେ। ଏହାପରେ ଗାଡ଼ି ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଇଥିଲା। ନିଆଁରେ ପୋଡ଼ି ହୋଇ ଭରତ ସିଂହଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସମ୍ପର୍କୀୟ ଭାଇ ନଗେନ୍ଦ୍ର ସିଂହ ଏବଂ ଚିକିତ୍ସାଧୀନ ଅବସ୍ଥାରେ ବୀରେନ୍ଦ୍ର ସିଂହଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଆହତ ମୟଙ୍କ ସିଂହଙ୍କ ଅବସ୍ଥା ଗୁରୁତର ରହିଛି। ଭରତ ସିଂହଙ୍କ ଗୋଷ୍ଠୀ ଏବଂ ସ୍ଥାନୀୟ ବିଜେପି ନେତା ମନୋଜ ତ୍ରିପାଠୀଙ୍କ ପରିବାର ମଧ୍ୟରେ ଦୀର୍ଘ ମାସ ଧରି ବାଲି ପରିବହନ ଏବଂ ବେଆଇନ ଆଦାୟକୁ ନେଇ ଶତ୍ରୁତା ଚାଲିଥିଲା। ତ୍ରିପାଠୀ ପରିବାରର ବାଲି ବୋଝେଇ ଟ୍ରକ୍ ଚଳାଚଳ ଏବଂ କାରବାର ଉପରେ କର୍ତ୍ତୃତ୍ୱକୁ ନେଇ ଦୁଇ ପକ୍ଷ ମଧ୍ୟରେ ପୂର୍ବରୁ ମଧ୍ୟ ମାଡ଼ପିଟ୍ ହୋଇଥିଲା। ପୁଲିସ ଏହି ମାମଲାରେ ଅକ୍ଷତ ତ୍ରିପାଠୀ, ବିଶାଳ ତ୍ରିପାଠୀ, ସତ୍ୟପ୍ରକାଶ ତ୍ରିପାଠୀ ଏବଂ ମନ୍ନୁ ତ୍ରିପାଠୀଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଅନ୍ୟ ୫ ଜଣ ଫେରାର ଅଛନ୍ତି। ମୃତକଙ୍କ ପରିବାର ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି।

# ଉଦ୍ଧବଙ୍କ ହାତ ଛାଡ଼ିଲେ ୬ ସାଂସଦ



### ବାଚସ୍ପତିଙ୍କୁ ଭେଟି ସ୍ୱତନ୍ତ୍ର ଗୋଷ୍ଠୀ ପାଇଁ ଦାବି ଜଣାଇଲେ

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ରେ ପୁଣି ବିଦ୍ରୋହ। ହୁଇପ୍ ସତ୍ତ୍ୱେ ଦଳର ୬ ସାଂସଦ ସେନା ବୈଠକକୁ ଆସିଲେ ନାହିଁ। ଅନ୍ୟପକ୍ଷରେ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ପାଇବାକୁ ଦାବି କରିଛନ୍ତି। ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବ ସେନାରେ ସାମିଲ ହେବାଲାଗି ମଧ୍ୟ ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଲୋକସଭାରେ ଉଦ୍ଧବ ସେନାର ୯ ସାଂସଦ ଥିବା ବେଳେ ଏହାର ଦୁଇ ତୃତୀୟାଂଶ ସାଂସଦ (୬) ଅଲଗା ହୋଇଥିବାରୁ ସେମାନେ ଅଯୋଗ୍ୟ ଘୋଷିତ ହେବେ ନାହିଁ। ମମତା ବାନାର୍ଜୀଙ୍କ ଟିଏମସି ପରେ ବିଦ୍ରୋହ ଓ ବିଭାଜନର ଶିକାର ହେବାରେ ଉଦ୍ଧବ ସେନା ହେଉଛି ଦ୍ୱିତୀୟ ଆଞ୍ଚଳିକ ଦଳ। ଏହି ଘଟଣା ଜାତୀୟ ରାଜନୀତିକୁ ପୁଣି ସରଗରମ କରିଛି। ଆକ୍ରମଣ ଭୟ ଦର୍ଶାଇ ସରକାର ଏହି ୬ ସାଂସଦଙ୍କୁ ୱାଇ-ପ୍ଲସ୍ ସୁରକ୍ଷା ପ୍ରଦାନ କରିଛନ୍ତି। କଂଗ୍ରେସ ସହିତ ସେନା ମିଶ୍ରଣ ଯୋଜନା ଚାଲିଥିବାରୁ ସେମାନେ ବିଦ୍ରୋହ କରିଥିବା ଏହି ସାଂସଦ ବାଚସ୍ପତିଙ୍କୁ କହିଥିବା ଜଣାପଡ଼ିଛି।

ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ଏହି ସାଂସଦମାନଙ୍କୁ 'ବିଶ୍ୱାସଘାତକ' ବୋଲି କହିଛନ୍ତି। ଇଡି ଓ ସିବିଆଇର ଭୟ ଦେଖାଇ ଗଣତନ୍ତ୍ରକୁ ପରିହାସ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସମ୍ପୂର୍ଣ୍ଣ ଘଟଣା ପଛରେ ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବିର ଦ୍ୱାରା ପରିଚାଳିତ 'ଅପରେସନ ଟାଇଗର'ର ହାତ ଥିବା ଚର୍ଚ୍ଚା ହେଉଛି। ୨୦୨୨ ମସିହାରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହ ପରେ ଉଦ୍ଧବ ଠାକରେଙ୍କ ପାଇଁ ଏହା ସବୁଠାରୁ ବଡ଼ ରାଜନୈତିକ ଧକ୍କା।

## ଝାଡ଼ଖଣ୍ଡ ରାଜ୍ୟସଭା ନିର୍ବାଚନରେ କ୍ରସ୍-ଭୋଟିଂ

ରାଞ୍ଚି, ୧୮ ।୬(ଏଜେନ୍ସି): ଝାଡ଼ଖଣ୍ଡର ଦୁଇଟି ରାଜ୍ୟସଭା ଆସନ ପାଇଁ ଅନୁଷ୍ଠିତ ରୋମାଞ୍ଚକର ନିର୍ବାଚନରେ ବଡ଼ ଧରଣର ଅଦଳବଦଳ ଦେଖିବାକୁ ମିଳିଛି। ବିରୋଧୀ କ୍ୟାମ୍ପରେ 'କ୍ରସ୍-ଭୋଟିଂ' (ଦଳୀୟ ନିର୍ଦ୍ଦେଶ ବିରୋଧରେ ଭୋଟ୍ ଦେବା) ଯୋଗୁଁ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଳ ନଥୱାନୀ ଏକ ଆସନରେ ବିଜୟ ହାସଲ କରିଛନ୍ତି। ଅନ୍ୟପଟେ ଶାସକ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ପ୍ରାର୍ଥୀ ବୈଦ୍ୟନାଥ ରାମ ଦ୍ୱିତୀୟ ଆସନଟିକୁ ନିଜ ସପକ୍ଷରେ କରିଛନ୍ତି। ପରିମଳ ନଥୱାନୀ ମୋଟ ୨୮ ଟି ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ସେ କଂଗ୍ରେସ ପ୍ରାର୍ଥୀ ପ୍ରଣବଙ୍କୁ ପରାସ୍ତ କରିଛନ୍ତି, ଯିଏ ମାତ୍ର ୨୦ଟି ଭୋଟ୍ ପାଇବାରେ ସକ୍ଷମ ହୋଇଥିଲେ। ବୈଦ୍ୟନାଥ ରାମ ସର୍ବାଧିକ ୩୦ଟି ଭୋଟ୍ ପାଇ ସହଜରେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ମୋଟ ୩ଟି ଭୋଟ୍ ନାକଚ ହୋଇଛି, ଯେଉଁଥିରେ ବିଜେପିର ୨ଟି ଏବଂ କଂଗ୍ରେସର ୧ଟି ଭୋଟ୍ ସାମିଲ ରହିଛି। ୮୧ ସଦସ୍ୟ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଏନଡିଏ ପାଖରେ ମାତ୍ର ୨୪ ଜଣ ବିଧାୟକ ଥିଲେ ଏବଂ ଜିତିବା ପାଇଁ ଆବଶ୍ୟକ ୨୮ ଟି ପ୍ରଥମ ପସନ୍ଦ ଭୋଟ୍‌ଠାରୁ ସେମାନେ ୪ଟି ଭୋଟ୍ ପଛରେ ଥିଲେ। ଅନ୍ୟପଟେ ଶାସକ 'ଇଣ୍ଡିଆ' ମେଣ୍ଟ ପାଖରେ ୫୬ ଜଣ ବିଧାୟକ ଥିବାରୁ ସେମାନଙ୍କ ପାଇଁ ଦୁଇଟିଯାକ ଆସନ ଜିତିବା ସହଜ ମନେହେଉଥିଲା। ବିଧାୟକମାନଙ୍କୁ ଏକାଠି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବାସଭବନରେ ବୈଠକ ଓ ମକ୍ ପୋଲ୍ କରାଯାଇଥିଲେ ମଧ୍ୟ ବିରୋଧୀ ଦଳର ବିଧାୟକମାନେ କ୍ରସ୍-ଭୋଟିଂ କରିଥିଲେ।



କଂଗ୍ରେସକୁ ହରାଇଲେ ବିଜେପି ସମର୍ଥିତ ପ୍ରାର୍ଥୀ

## ଏମିରେଟ୍ସରେ ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମ ମନା



ଦୁବାଇ, ୧୮ ।୬(ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କ୍ୟାବିନେଟ୍ ଶିଶୁମାନଙ୍କ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଆଣିଛନ୍ତି। ନୂଆ ନିୟମ ଅନୁଯାୟୀ, ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର କରିବା ପାଇଁ ଶିଶୁମାନଙ୍କ ସର୍ବନିମ୍ନ ବୟସ ୧୫ ବର୍ଷ ନିର୍ଦ୍ଧାରଣ କରାଯାଇଛି। ଏଭଳି କଟକଣା ଲାଗୁ କରିବାରେ ୟୁଏଇ ପ୍ରଥମ ଆରବ ଦେଶ ହୋଇଛି। ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମରେ ନିଜର ବ୍ୟକ୍ତିଗତ ଖାତା ବା ଆକାଉଣ୍ଟ ଖୋଲିବା ଏବଂ ବ୍ୟବହାର କରିବାକୁ ଅନୁମତି ମିଳିବ ନାହିଁ। କମ୍ ବୟସର ବ୍ୟବହାରକାରୀଙ୍କ ପାଇଁ ବୟସ-ଉପଯୋଗୀ ବିଷୟବସ୍ତୁ କଟକଣା, ଅଜଣା ବ୍ୟକ୍ତିଙ୍କ ସହ ଯୋଗାଯୋଗ ଉପରେ ସୀମା, ସ୍କ୍ରିନ୍ ସମୟ ନିର୍ଦ୍ଧାରଣ ଏବଂ ଅଭିଭାବକଙ୍କ ନିୟନ୍ତ୍ରଣ ଉପକରଣ ଭଳି ବ୍ୟବସ୍ଥା କରାଯିବ। ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଏହି ନୂଆ ନିୟମ ପାଳନ କରିବା ଏବଂ ବୈଷୟିକ ପ୍ରସ୍ତୁତି ପାଇଁ ସରକାରଙ୍କ ପକ୍ଷରୁ ୧୨ ମାସର ସମୟ ଦିଆଯାଇଛି। ଏକ ସର୍ଭେ ଅନୁଯାୟୀ, ୟୁଏଇର ପିଲାମାନେ ଦୈନିକ ପ୍ରାୟ ୩ ଘଣ୍ଟା ସୋସିଆଲ ମିଡିଆରେ ବିତାଉଛନ୍ତି। ଏହା ଦ୍ୱାରା ସେମାନେ ସାଇବର ଅପରାଧ ଏବଂ ଅଶ୍ଳୀଳ ବିଷୟବସ୍ତୁର ଶିକାର ହେବାର ଆଶଙ୍କା ଥିବାରୁ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ବ୍ରିଟେନ, ଅଷ୍ଟ୍ରେଲିଆ ଏବଂ ମାଲେସିଆ ଭଳି ଦେଶ ଏହିପରି ନିୟମ ଆଣିଥିବା ବେଳେ, ବର୍ତ୍ତମାନ ୟୁଏଇ ଏହାକୁ ଆପଣାଇ ଆରବ ଜଗତରେ ଏକ ନୂଆ ଉଦାହରଣ ସୃଷ୍ଟି କରିଛି।

## ୧୫ ବର୍ଷ ଧରି ମହିଳାଙ୍କୁ ଯୌନ ନିର୍ଯାତନା; ଭଣ୍ଡ ବାବା ଗିରଫ



ପୁଣେ, ୧୮ ।୬(ଏଜେନ୍ସି): ପୁଣେର ୱାଘୋଲି ଅଞ୍ଚଳରେ ଜଣେ ୪୧ ବର୍ଷୀୟା ମହିଳାଙ୍କୁ ଦୀର୍ଘ ୧୫ ବର୍ଷ ଧରି ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଭଣ୍ଡ ବାବା ରାଧାମୋହନ ମିଶ୍ର (୫୯) ଏବଂ ତାଙ୍କର ୭ ଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରିଛି। ଗିରଫ ସହଯୋଗୀଙ୍କ ମଧ୍ୟରେ ୬ ଜଣ ମହିଳା ରହିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ବାବା ଜଣକ ମହିଳାଙ୍କ ପରିବାରର ଅନ୍ଧବିଶ୍ୱାସର ସୁଯୋଗ ନେଇ ତାଙ୍କୁ ନିଜ ଆଶ୍ରମରେ ବନ୍ଦୀ କରି ରଖିଥିଲା। ସେଠାରେ ସେ ମହିଳାଙ୍କୁ ମୂତ୍ର ପିଇବାକୁ ବାଧ୍ୟ କରିବା, କରେଣ୍ଟ ଝଟକା ଦେବା, ବ୍ଲାକମେଲ୍ କରି ସ୍ୱାମୀଙ୍କଠାରୁ ଛାଡ଼ପତ୍ର କରାଇବା ଏବଂ ସମ୍ପତ୍ତି ନିଜ ନାମରେ କରିବା ଭଳି ଅଘୋରୀ ଓ ଅମାନୁଷିକ କାଣ୍ଡ ଭିଆଇଥିଲା। ପୀଡ଼ିତାଜଣକ କୌଶଳକ୍ରମେ ସେଠାରୁ ଖସି ଆସି ପରିବାରକୁ ଜଣାଇବା ପରେ ପୁଲିସ ଆଶ୍ରମରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେଠାରୁ ବିପୁଳ ପରିମାଣର ଲାପଟପ୍, ହାର୍ଡ ଡିସ୍କ, ନଗଦ ଟଙ୍କା, ସୁନା ଏବଂ ଗୁଳି ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଜୁନ ୨୦ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଯାଇଛି।

# ଏସିଆରେ ଜଳବାୟୁ ସଙ୍କଟ: ପ୍ରବଳ ଗ୍ରୀଷ୍ମ, ବନ୍ୟା, ଗ୍ଲେସିୟର କ୍ଷୟ



ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ଜାରି ହୋଇଥିବା 'ଷ୍ଟେଟ୍ ଅଫ୍ କ୍ଲାଇମେଟ୍ ଇନ୍ ଏସିଆ ୨୦୨୫' ରିପୋର୍ଟ ଅନୁଯାୟୀ, ୨୦୨୫ବର୍ଷରେ ଏସିଆ ମହାଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ, ବନ୍ୟା, ମରୁଡ଼ି ଏବଂ ଭୟଙ୍କର ବର୍ଷା ଭଳି ଚରମ ପାଣିପାଗ ସ୍ଥିତି ଦେଖାଦେଇଥିଲା। ୨୦୨୫ର ହାରାହାରି ତାପମାତ୍ରା ପୂର୍ବ ବର୍ଷଗୁଡ଼ିକର ହାରାହାରି ତୁଳନାରେ ୦.୯୬ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିଲା, ଯାହା ଏହାକୁ ରେକର୍ଡ ଅନୁସାରେ ଇତିହାସର ଦ୍ୱିତୀୟରୁ ଚତୁର୍ଥ ସବୁଠାରୁ ଗରମ ବର୍ଷ ଭାବେ ଚିହ୍ନିତ କରିଛି। ଭାରତୀୟ ଉପମହାଦେଶ ସମେତ ଦକ୍ଷିଣ ଏସିଆର କିଛି ଅଞ୍ଚଳକୁ ବାଦ୍ ଦେଲେ ବାକି ସମସ୍ତ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଥିଲା। ଜାପାନ, ଚୀନ୍ ଏବଂ ଦକ୍ଷିଣ କୋରିଆରେ ୨୦୨୫ ମସିହାରେ ଇତିହାସର ସବୁଠାରୁ ଗରମ ଗ୍ରୀଷ୍ମଋତୁ ଅନୁଭୂତ ହୋଇଥିଲା। ମଧ୍ୟ ଏସିଆ, ପଶ୍ଚିମ ଏସିଆ ଏବଂ ଆରବ ଦ୍ୱୀପପୁଞ୍ଜରେ ଦୀର୍ଘ ଦିନ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା। ଅତ୍ୟଧିକ ଗରମ ଏବଂ ଶୀତଦିନେ

### ବିଶ୍ୱ ପାଣିପାଗ ସଂଗଠନର ଚେତାବନୀ

କମ୍ ବରଫପାତ ଯୋଗୁଁ ଏସିଆର ପାର୍ବତ୍ୟ ଅଞ୍ଚଳରେ ଥିବା ସମସ୍ତ ୨୩ଟି ଜଗାଯାଇଥିବା ଗ୍ଲେସିୟରର ବରଫ ସ୍ତର ବହୁ ପରିମାଣରେ ହ୍ରାସ ପାଇଛି। ୧୯୯୦ ଦଶକ ପରଠାରୁ ସମୁଦ୍ରର ତାପମାତ୍ରା କ୍ରମାଗତ ଭାବେ ବଢୁଥିବା ବେଳେ ୨୦୨୫ରେ ଏହା ଏକ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଉତ୍ତର ଭାରତ ମହାସାଗରର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକର ଜଳସ୍ତର ବିଶ୍ୱର ହାରାହାରି ଜଳସ୍ତର ବୃଦ୍ଧି (ବାର୍ଷିକ ୩.୬ ମିଲିମିଟର) ତୁଳନାରେ ଅଧିକ ଦ୍ରୁତ ଗତିରେ ବଢ଼ିଛି। ଭାରତ ମହାସାଗର ଏବଂ ବଙ୍ଗୋପସାଗରରେ ସମୁଦ୍ର ଜଳର ଅମ୍ଳୀୟତା ବୃଦ୍ଧି ପାଇଛି, ଯାହା ସାମୁଦ୍ରିକ ଜୀବଜନ୍ତୁ ଓ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି। ବିଶ୍ୱ ପାଣିପାଗ ସଂଗଠନର ମୁଖ୍ୟ ସେଲେଷ୍ଟେ ସାଉଲୋ ଏବଂ ଜାତିସଂଘର ପ୍ରତିନିଧି ଅର୍ମିଦା ଆଲିସଜାବାନା ଏହି ସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ବନ୍ୟା, ମରୁଡ଼ି ଏବଂ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବହୁ ମାତ୍ରାରେ ଅର୍ଥନୈତିକ କ୍ଷତି ଓ ଜୀବନହାନି ଘଟୁଛି। ଏହି ବଦଳୁଥିବା ଜଳବାୟୁ ସହ ଖାପଖୁଆଇ ଚଳିବା ଏବଂ ସବୁଠାରୁ ଅସହାୟ ଲୋକଙ୍କ ଜୀବନ ରକ୍ଷା କରିବା ପାଇଁ ସଠିକ ସମୟରେ 'ଆଗୁଆ ସତର୍କ ସୂଚନା ପ୍ରଣାଳୀ' ଏବଂ ସାମଗ୍ରିକ ପ୍ରସ୍ତୁତିକୁ ସୁଦୃଢ଼ କରିବା ନିହାତି ଜରୁରୀ।

ଫିଲ୍ମ ଷ୍ଟାଇଲରେ ସୁନା ଦୋକାନରୁ ଲୁଟ୍, କର୍ମଚାରୀଙ୍କୁ ଅପହରଣ

# ପୁଲିସ ଏନକାଉଣ୍ଟର, ୨ ଦୁର୍ବୃତ୍ତ ଗୁରୁତର

ଅନୁଗୋଳ,୧୮।୬(ସମିସ): ତାଳଚେର ସହରରେ ବୁଧବାର ରାତିରେ ଘଟିଥିବା ଚାଞ୍ଚଲ୍ୟକର ସୁନା ଲୁଟ୍ ଘଟଣାର ମାତ୍ର ୧୨ ଘଣ୍ଟା ମଧ୍ୟରେ ପର୍ଦ୍ଦାଫାସ କରିଛି ଅନୁଗୋଳ ପୁଲିସ। ଇନକମ ଟାକ୍ସ ଅଫିସର ଓ ପୁଲିସ ପରିଚୟ ଦେଇ ସୁନା ରିଫାଇନାରୀ ଦୋକାନରୁ ପ୍ରାୟ ୨୯୦ ଗ୍ରାମ ସୁନା ଓ ଲକ୍ଷାଧିକ

- ମିଛ ପୁଲିସ ସାଜି ଲୁଟିଥିଲେ
- ସତ ପୁଲିସ ଗୁଳିରେ ସାବାଡ଼ ହେଲେ
- ୪ ଆନ୍ତଃରାଜ୍ୟ ଲୁଟେରା ଗିରଫ

ଟଙ୍କାର ସୁନାଗହଣା ଲୁଟି ଫେରାର ହୋଇଯାଉଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ହଣ୍ଡପା ଚୁଲିଆପୁର ଜଙ୍ଗଲରେ ଗୋଡ଼େଇ ଗୋଡ଼େଇ କାବୁ କରିଛି ପୁଲିସ। ଏହି ସମୟରେ ପୁଲିସ ଓ ଦୁର୍ବୃତ୍ତଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ବେଳେ ମହାରାଷ୍ଟ୍ରର ଦୁଇ ଦୁର୍ଦ୍ଦାନ୍ତ ଲୁଟେରାଙ୍କ ଦେହରେ ଗୁଳି ବାଜିଛି। ସେମାନେ ହେଲେ ମହାରାଷ୍ଟ୍ରର ସଚିନ ଗାଜଗେ ଏବଂ ପ୍ରକାଶ ମାହାନେ। ଉଭୟଙ୍କ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏମାନଙ୍କ ବ୍ୟତୀତ ପୁଲିସ ଏହି ଗ୍ୟାଙ୍ଗର ଅନ୍ୟ ଦୁଇ ସଦସ୍ୟ ରାଜେଶ ମାଡନେ ଏବଂ ଦେବ ପ୍ରଭାକର ଲୋଖଣ୍ଡେଙ୍କୁ ମଧ୍ୟ ଗିରଫ କରିବାରେ ସଫଳ ହୋଇଛି।

ଗତକାଲି ରାତିରେ ଏକ କଳା ରଙ୍ଗର ଦାମୀ କାରରେ




ଆସି ଦୁର୍ବୃତ୍ତମାନେ ତାଳଚେର ହାଟତୋଟାସ୍ଥିତ ଶ୍ରୀ ବାଲାଜୀ ଗୋଲ୍ଡ ଆଣ୍ଡ ସିଲଭର ରିଫାଇନାରୀ ଦୋକାନରେ ପହଞ୍ଚିଥିଲେ। ନିଜକୁ ଭୁବନେଶ୍ୱରରୁ ଆସିଥିବା ପୁଲିସ ଓ ଇନକମ ଟାକ୍ସ କର୍ମଚାରୀ ପରିଚୟ ଦେଇ ସେମାନେ ଦୋକାନରେ 'ରେଡ୍' ବାହାନା କରିଥିଲେ। ଦୋକାନୀଙ୍କୁ ଭୟଭୀତ କରାଇ ପ୍ରାୟ ୨୯୦ ଗ୍ରାମ ଓଜନର ସୁନା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଜବତ କରିବା ସହ ଦୋକାନର ଜଣେ କର୍ମଚାରୀଙ୍କୁ ଜୋରଜବରଦସ୍ତ କାରରେ ବସାଇ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ପରେ ଅନୁଗୋଳ କାଲଟାକ୍ସ ଛକ ନିକଟରେ ସମ୍ପୃକ୍ତ କର୍ମଚାରୀଙ୍କୁ ଛାଡ଼ି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଏହି ସମଗ୍ର ଘଟଣା ଦୋକାନର ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଘଟଣା ସମ୍ପର୍କରେ ଦୋକାନ ମାଲିକ ତାଳଚେର ଥାନାରେ ଅଭିଯୋଗ କରିବା ପରେ ଅନୁଗୋଳ ଏସପିଙ୍କ ନିର୍ଦ୍ଦେଶରେ ତୁରନ୍ତ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ସିସିଟିଭି ଫୁଟେଜ୍ ଆଧାରରେ ଲୁଟେରାମାନେ ସମ୍ବଲପୁର ଅଭିମୁଖେ ଯାଉଥିବା ସୁରାକ ପାଇ ପୁଲିସ ସେମାନଙ୍କ ପିଛା କରିଥିଲା। ପଡ଼ୋଶୀ ଢେଙ୍କାନାଳ ସମେତ ରାଜ୍ୟର ସବୁ ଥାନା ଅଞ୍ଚଳରେ ମଧ୍ୟ ପୁଲିସକୁ ଆଲର୍ଟ କରାଯାଇ ନାକାବନ୍ଦୀ କରାଯାଇଥିଲା। ପୁଲିସ ଗୋଡ଼ାଉଥିବା ଜାଣିପାରି ଲୁଟେରାମାନେ ନିଜ ଗାଡ଼ି ଛାଡ଼ି ହଣ୍ଡପା ଥାନା ଅନ୍ତର୍ଗତ ଚୁଲିଆପୁର ଜଙ୍ଗଲ ଭିତରକୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ଲୁଟେରାମାନେ ପୁଲିସ ଉପରକୁ ଗୁଳି ଚଳାଇଥିଲେ। ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା।

# ବିଜେପିରେ 'ଭତ୍ତା' ବିସ୍ଫୋରଣ

## ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଲେ ଦଳୀୟ ସାଂସଦ

ଭୁବନେଶ୍ୱର,୧୮।୬(ସମିସ): ଗତ ୩ ମାସ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବୃଦ୍ଧ, ବୃଦ୍ଧାଙ୍କୁ ଭତ୍ତା ନ ମିଳିବା ରାଜ୍ୟରେ ହିତାଧିକାରୀଙ୍କ ମନରେ ସୃଷ୍ଟି କରିଛି ଚରମ ଅସନ୍ତୋଷ। ନିର୍ବାଚନ ସମୟରେ ଘୋଷିତ ୩ ହଜାର ଟଙ୍କା ଭତ୍ତା ତ ଦୂରର କଥା, ଏବେ ପୂର୍ବ ସରକାର ପ୍ରଦାନ କରୁଥିବା ୧ ହଜାର ଟଙ୍କା ଭତ୍ତା ବି ହିତାଧିକାରୀ ପାଉ ନାହାନ୍ତି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଦୋଷ ଦେଉଛନ୍ତି ଓ ଖୁବ୍ ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ଆଶ୍ୱାସନା ଦେଉଛନ୍ତି। ଏହି ପ୍ରରିପେକ୍ଷୀରେ କରୁଥିବା ବେଳେ ଖୋଦ୍ ବିଜେପି ସାଂସଦଙ୍କ ଅଭିଯୋଗ ସରକାରଙ୍କ ପାଇଁ ଅଶ୍ୱସ୍ତିକର ହୋଇଛି।

ଡ. ପାଣିଗ୍ରାହୀ ଚିଠିରେ ଉଲ୍ଲେଖ କରି କହିଛନ୍ତି ଯେ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଗ୍ରାମାଞ୍ଚଳ ଗସ୍ତ ସମୟରେ ହଜାର ହଜାର ଅସହାୟ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଗତ ୩ ମାସ ହେବ ଭତ୍ତା ପାଇନଥିବା ନେଇ ଦୁଃଖ ପ୍ରକାଶ କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଏବଂ ଜନସାଧାରଣ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସ୍ୱତଃପ୍ରବୃତ୍ତ ମାମଲା ରୁଜୁ କରି ଓଡ଼ିଶା ସରକାରଙ୍କୁ ସମସ୍ତ ସାମାଜିକ ସୁରକ୍ଷା ଓ ମୌଳିକ ସୁବିଧା ତୁରନ୍ତ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସାଂସଦ ଚିଠିରେ ଉଲ୍ଲେଖ କରିଛନ୍ତି। ସାଂସଦ ଡଃ ପାଣିଗ୍ରାହୀ କହିଛନ୍ତି ଯେ ଡିଜିଟାଲ୍ କିମ୍ବା ଅନଲାଇନ୍ ସଫ୍ଟୱେର୍ ଅପଡେଟ୍ ନାଁରେ ଅସହାୟ ଗରିବ ଲୋକଙ୍କୁ ମାସ ମାସ ଧରି ଭୋକିଲା ରଖାଯାଇପାରିବ ନାହିଁ। ଏ ନେଇ ଡ. ପାଣିଗ୍ରାହୀ ୩ ଦଫା ଦାବି କରିଛନ୍ତି। ଯେ ପର୍ଯ୍ୟନ୍ତ ନୂତନ ସଫ୍ଟୱେର୍ କିମ୍ବା ଡିଜିଟାଲ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ଓ ତ୍ରୁଟିଶୂନ୍ୟ ହୋଇନାହିଁ, ସେ

- ଗରିବଙ୍କୁ ମାସ ମାସ ଭୋକିଲା ରଖାଯାଇପାରିବ ନାହିଁ
- ସମସ୍ୟା ସମାଧାନ ଯାଏଁ ହିତାଧିକାରୀଙ୍କ ମିଳୁ ନଗଦ ଅର୍ଥ
- ଭତ୍ତାରୁ ବଞ୍ଚିତ ଲକ୍ଷ ଲକ୍ଷ ବୃଦ୍ଧବୃଦ୍ଧା ଭୋଗୁଛନ୍ତି ଚରମ ଦୁର୍ଦ୍ଦଶା

ବ୍ରହ୍ମପୁର ବିଜେପି ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠି ଓ ଉଠାଇଥିବା ପ୍ରଶ୍ନ ଦଳରେ ସୃଷ୍ଟି କରିଛି ଆଲୋଡ଼ନ। ଶ୍ରୀ ପାଣିଗ୍ରାହୀଙ୍କ ଚିଠି ପରୋକ୍ଷରେ ରାଜ୍ୟରେ ଭତ୍ତାକୁ ନେଇ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ଓ ଶାସକ ଦଳରେ ଭତ୍ତା ପ୍ରସଙ୍ଗରେ ବୃଦ୍ଧି ପାଇଥିବା ଅସନ୍ତୋଷକୁ ପ୍ରମାଣିତ କରିଥିବା କୁହାଯାଉଛି। ସଫ୍ଟୱେର ଅପଡ଼େଟ୍ ନାମରେ ଗରିବ ଲୋକଙ୍କୁ ମାସମାସ ଭୋକିଲା ରଖାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରି ଶ୍ରୀ ପାଣିଗ୍ରାହୀ ହିତାଧିକାରୀଙ୍କୁ ନଗଦ ଅର୍ଥ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏପରିକି ଭତ୍ତା ନପାଇବା କାରଣରୁ ଜଣେ ଅସହାୟ ବିଧବା ଆତ୍ମହତ୍ୟା କରିବା ପରି ହୃଦୟବିଦାରକ ଘଟଣା ସମ୍ପର୍କରେ ଚିଠିରେ ଉଲ୍ଲେଖ କରିଛନ୍ତି ସାଂସଦ। ସରକାରୀ ଅଧିକାରୀମାନେ ଏପରି ଆତ୍ମହତ୍ୟାକୁ ଅସ୍ୱୀକାର ସାଂସଦଙ୍କୁ ବାରମ୍ବାର ଅନୁରୋଧ କରିଆସୁଛନ୍ତି। ଭତ୍ତା ନମିଳିବାରୁ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଚଢ଼େୟାପଦା ଗ୍ରାମର ୬୬ ବର୍ଷୀୟା ଅସହାୟ ବିଧବା ମହିଳା ବି. ସାବିତ୍ରୀ ଡୋରା ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଛନ୍ତି। ଗତ ୩ ମାସ ଧରି ବୃଦ୍ଧାବସ୍ଥା ଭତ୍ତା ନପାଇ ଚରମ ଆର୍ଥିକ ଅନାଟନ ମଧ୍ୟରେ ସେ ଗତି କରୁଥିବା ବେଳେ ବ୍ୟାଙ୍କଠାରୁ ବ୍ଲକ ଯାଏଁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ବିଷ ପିଇ ଆତ୍ମହତ୍ୟା କଲେ। କେବଳ ଗଞ୍ଜାମ ଜିଲ୍ଲାରେ ହିଁ ୧.୪୯ ଲକ୍ଷରୁ ଅଧିକ ହିତାଧିକାରୀ ଏହି ସଫ୍ଟୱେର ସମସ୍ୟା ଯୋଗୁଁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସେହିପରି ଏକ ସମସ୍ୟାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲାର ଜଣେ ଜନ୍ମାନ୍ଧ ବ୍ୟକ୍ତି ଜପ ଭୁଏ ଓ ତାଙ୍କର ୮୦ ବର୍ଷୀୟା ବୃଦ୍ଧା ମାଆ ରାଧିକା ଭୁଏଙ୍କ ଅତି ଦୟନୀୟ ଅବସ୍ଥା ସମ୍ପର୍କରେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ସମସ୍ତ ବ୍ଲକ ଏବଂ ପଞ୍ଚାୟତରେ ମାନୁଆଲ୍ ପଦ୍ଧତିରେ (ନଗଦ ଆକାରରେ) ଭତ୍ତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବାକୁ ଡ. ପାଣିଗ୍ରାହୀ ଦାବି କରିଛନ୍ତି। ସେହିପରି ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ନିଜ ନିଜ ଜିଲ୍ଲାରେ ଭତ୍ତା ବଣ୍ଟନ ପ୍ରକ୍ରିୟାକୁ ବ୍ୟକ୍ତିଗତ ଭାବେ ତଦାରଖ କରିବାକୁ ଏବଂ ଆଗାମୀ ଦିନରେ ଯେପରି ଏଭଳି କୌଣସି ଅଭାବନୀୟ ବା ଦୁଃଖଦ ଘଟଣା ନଘଟେ, ସେଥିପାଇଁ ସେମାନଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଉ। ଗଞ୍ଜାମ ଜିଲ୍ଲାରେ ବି. ସାବିତ୍ରୀ ଡୋରାଙ୍କ ମୃତ୍ୟୁ ଘଟଣାର ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ସମୀକ୍ଷା କରାଯାଇ ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା/ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯାଉ ବୋଲି ଡ. ପାଣିଗ୍ରାହୀ ଦାବି କରିଛନ୍ତି।

ଅଶାନ୍ତ ହେଉଛି ରୌପ୍ୟନଗରୀ

# ପୁଣି ବଳ ଗୋଟାଉଛି ଡି-ଗ୍ୟାଙ୍ଗ୍

କଟକ,୧୮।୬(ସମିସ): ରୌପ୍ୟନଗରୀରେ ଏକଦା ଚର୍ଚ୍ଚାରେ ଥିବା ଗ୍ୟାଙ୍ଗ୍‌ଷ୍ଟର୍ ଡି-ବ୍ରଦର୍ସ ୨୦୧୬ ଜାନୁଆରୀ ୨୯ ତାରିଖରେ ଗିରଫ ପରେ ଗ୍ୟାଙ୍ଗ୍‌ୱାର୍ କମି ଆସିଥିଲା। ଦୀପୁ-ଓମ୍ ହତ୍ୟାକାଣ୍ଡ, ବେଆଇନ ଅସ୍ତ୍ରଶସ୍ତ୍ର ମାମଲା, ଡାଲି ବ୍ୟବସାୟୀ ଫାରୁକ୍ ହତ୍ୟାକାଣ୍ଡ, ଜାଲ୍ ନୋଟ୍ କାରବାର ଭଳି ଏକାଧିକ ସଂଗୀନ ଅପରାଧରୁ ଅଦାଲତରୁ ଅଦାଲତରୁ କେତେକ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ଆଉ କେତୋଟି ମାମଲାରେ ଜେଲ୍ ଭିତରେ ସଜା କାଟି ସାରିଲେଣି। କିଛି ମାମଲା ଏବେ ବି ବିଚରାଧୀନ ରହିଛି। ଏହି ପରିପ୍ରେକ୍ଷୀରେ

### ଚୌଦ୍ୱାର ଜେଲ୍‌ର ସୁରକ୍ଷାକୁ ନେଇ ପ୍ରଶ୍ନ

ଚୌଦ୍ୱାର ଜେଲ୍‌ରୁ କୁଖ୍ୟାତ ଅପରାଧୀ ଲିଟୁଆର ଜାମିନ୍, ଥର୍ ଗାଡିରେ ଜାକ୍‌ଜମ୍‌ରେ ଦାଦାଲିଆ ଠାଣିରେ ଘରକୁ ଫେରିବାର ଭିଡ଼ିଓ ପୁଣି କଟକକୁ ଅଶାନ୍ତ କରିବାର ଆଭାସ ଦେଇଛି।

ଧଳସାମନ୍ତ ଭ୍ରାତା (ଡି-ବ୍ରଦର୍ସ)ଙ୍କ ଅତ୍ୟନ୍ତ ବିଶ୍ୱସ୍ତ ସହଯୋଗୀ ଲିଟୁଆ ବେହେରା ଓରଫ୍ ଲିଟୁ ଚୌଦ୍ୱାର ସର୍କଲ ଜେଲ୍‌ରୁ ମୁକ୍ତ ହେବା ପରେ କଟକର ଅପରାଧିକ ସାମ୍ରାଜ୍ୟରେ ଏକ ବଡ଼ ଧରଣର ଓଲଟପାଲଟ ହେବାର ସଂକେତ ମିଳିଛି। ଜେଲ୍ ଗେଟ୍ ସମ୍ମୁଖରେ ଯେଉଁଭଳି ଭାବେ ଶହ ଶହ ସମର୍ଥକ, ଗାଡ଼ି ଉପରେ ସିନେମା ଷ୍ଟାଇଲ୍‌ରେ ରିଲ୍ସ ପ୍ରସ୍ତୁତ ହେଲା; ତାହା ଜେଲ୍ ଫେରନ୍ତା ସେଲିବ୍ରେସନ୍ ନ ଥିଲା, ବରଂ ବିରୋଧୀ ଗୋଷ୍ଠୀଙ୍କୁ ଏକ ଖୋଲା ଚ୍ୟାଲେଞ୍ଜ ଥିବା ଚର୍ଚ୍ଚା ହେଉଛି।

ସୁଶାନ୍ତ ଓ ସୁଶୀଲ ଧଳସାମନ୍ତ ଜେଲ୍ ଯିବା ପରେ କଟକ ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା କୋଟି କୋଟି ଟଙ୍କାର ସରକାରୀ ଟେଣ୍ଡର, ମହାନଦୀ ଓ କାଠଯୋଡ଼ିର ବାଲିଘାଟରୁ ବଟି ଆଦାୟ, ସ୍କ୍ରାପ୍ ବ୍ୟବସାୟ ଏବଂ ପରିବହନ ସିଣ୍ଡିକେଟ୍ ଉପରୁ ଡି-ଗ୍ୟାଙ୍ଗ୍‌ର ସାମ୍ରାଜ୍ୟ କିଛି ମାତ୍ରାରେ ଦୁର୍ବଳ ହୋଇପଡ଼ିଥିଲା। ଏହି ସୁଯୋଗରେ ସହରର କେତେକ ଛୋଟବଡ଼ ନୂଆ ଗ୍ରୁପ୍ ମୁଣ୍ଡ ଟେକିଥିଲେ ଓ ଏହି ଅବୈଧ କାରବାରକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏବେ ଲିଟୁଆ



ଜେଲ୍‌ରୁ ବାହାରିବା ପରେ ତାର ପୁରୁଣା ଗ୍ରୁପ୍ ପୁଣି ସକ୍ରିୟ ହୋଇଛନ୍ତି। ଚାଉଳିଆଗଞ୍ଜ, ମାଲଗୋଦାମ, ବାଦାମବାଡ଼ି ଏବଂ ସିଡିଏ ଅଞ୍ଚଳରେ ନିଜର ପୁରୁଣା ଦବ୍‌ଦବା ଫେରାଇ ଆଣିବା ପାଇଁ "ଲିଟୁ ଗ୍ରୁପ୍' ବଳ ଗୋଟାଇବା ସହ ଗୁପ୍ତ ବୈଠକ କରୁଥିବା ଖବର ମିଳିଛି। ଏହାକୁ ନେଇ ସହରରେ ଥିବା ଅନ୍ୟ ସକ୍ରିୟ ଗ୍ୟାଙ୍ଗଗୁଡ଼ିକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଚୌଦ୍ୱାର ଜେଲ୍ ଭିତରେ କଡ଼ା ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଛି। ଜେଲ୍ ଭିତରକୁ ଲିଟୁଆକୁ ସ୍ୱାଗତ କରିବା ପାଇଁ କଳା ରଙ୍ଗର ଥାର୍ ଗାଡ଼ି କେମିତି ପଶିଲା ? ତାହାକୁ ନେଇ ରାଜ୍ୟ ଗୃହ ବିଭାଗରେ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ଜେଲ୍ ଡିଆଇଜି ଏହି ଘଟଣାରେ ଜେଲ୍ ସୁପରିଟେଣ୍ଡେଣ୍ଟ ଏବଂ ସେଠାରେ ନିୟୋଜିତ ଥିବା ସୁରକ୍ଷା କର୍ମୀଙ୍କୁ କୈଫିୟତ ତଲବ କରିଛନ୍ତି। ଜେଲ୍ ପରିସରରେ ମୋବାଇଲ୍ ବ୍ୟବହାର ନିଷେଧ ଥିବାବେଳେ କେଉଁ ପରିସ୍ଥିତିରେ ଏବଂ କାହା ସହଯୋଗରେ ସେଠାରେ ଭିଡିଓ ସୁଟିଂ କରାଯାଇ ସୋସିଆଲ ମିଡିଆରେ ଭାଇରାଲ କରାଗଲା, ସେ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ପୁଲିସର ସୂଚନା ଅନୁଯାୟୀ, କଟକ ସହରରେ କୌଣସି ବି ପରିସ୍ଥିତିରେ ଦାଦାବଟି କିମ୍ବା ଗ୍ୟାଙ୍ଗୱାର୍‌କୁ ବରଦାସ୍ତ କରାଯିବ ନାହିଁ। ଯଦି କୌଣସି ଗ୍ରୁପ୍ ଆଇନକୁ ହାତକୁ ନେବାକୁ ଚେଷ୍ଟା କରେ, ତେବେ ସେମାନଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ ଭଳି କଠୋର ଦଫା ଲଗାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଚାକିରି ନେଲା ଲାଞ୍ଚ ଲୋଭ

# ମଞ୍ଚେଶ୍ୱର ଥାନା ଏଏସ୍‌ଆଇ ବହିଷ୍କୃତ

ଭୁବନେଶ୍ୱର ୧୮।୬ (ସମିସ): ମୋବାଇଲ ଫେରାଇବାକୁ ଲାଞ୍ଚ ନେଇଥିବା ଏଏସ୍‌ଆଇ ରାଜେଶ କୁଲୁଙ୍କୁ ଚାକିରିରୁ ବିଦା କରିଛନ୍ତି ରାଜ୍ୟ ସରକାର। ଖାଲି ଏଏସ୍‌ଆଇ ନୁହନ୍ତି, ଦୁଇ ହୋମଗାର୍ଡଙ୍କୁ ମଧ୍ୟ ବହିଷ୍କାର ପାଇଁ ନୋଟିସ୍ ଦିଆଯାଇଛି।

ସୂଚନା ଅନୁସାରେ, ମଞ୍ଚେଶ୍ୱର ଥାନା ଏଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ ରାଜେଶ କୁଲୁ ଦୁଇ ମାସ ତଳେ ଜଣେ ବ୍ୟକ୍ତିଙ୍କ ଠାରୁ ୨ଟି ମୋବାଇଲ ଜବତ କରିଥିଲେ। ମୋବାଇଲ ଫେରି ପାଇବାକୁ ଯୋଗାଯୋଗ କରିବାରୁ କୁଲୁ ତାଙ୍କୁ ଏକ ଲକ୍ଷ ଟଙ୍କା ମାଗିଥିଲେ। ବ୍ୟକ୍ତି ଜଣକ ବିଭିନ୍ନ ପର୍ଯ୍ୟାୟରେ ଏଏସ୍‌ଆଇଙ୍କୁ ୫୦ ହଜାର ଟଙ୍କା ଦେଇଥିଲେ ମଧ୍ୟ ମୋବାଇଲ ଫେରି ପାଇ ନ ଥିଲେ। ଗତ ୧୨ ତାରିଖ ଦିନ ଆହୁରି ୩୦ ହଜାର ଟଙ୍କା ଦେବାପରେ ଏଏସ୍‌ଆଇ କୁଲୁ ତାଙ୍କୁ ଗୋଟିଏ ମୋବାଇଲ୍ ଫେରସ୍ତ କରିଥିଲେ। ତଥାପି ଟଙ୍କା ମାଗିବାରୁ ବ୍ୟକ୍ତି ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ

### ଦୁଇ ହୋମଗାର୍ଡଙ୍କୁ ବହିଷ୍କାର ପାଇଁ ନୋଟିସ୍

ଅଭିଯୋଗ କରିଥିଲେ। ଗତକାଲି ୨୦ ହଜାର ଟଙ୍କା ନେଇ ମୋବାଇଲ ଆଣିବାକୁ ମଞ୍ଚେଶ୍ୱର ଥାନାକୁ ଯାଇଥିଲେ। କୁଲୁ ଟଙ୍କା ଗ୍ରହଣ କରିବାକୁ ହୋମଗାର୍ଡ ଜ୍ୟୋତି ରଞ୍ଜନ ବେହେରାଙ୍କୁ ପଠାଇଥିଲେ। ଜ୍ୟୋତି ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ୨୦ ହଜାର ଟଙ୍କା ନେବାବେଳେ ଭିଜିଲାନ୍ସ ତାଙ୍କୁ ଧରିବାକୁ ଉଦ୍ୟମ କରିଥିଲା। ଭିଜିଲାନ୍ସ ଟିମକୁ ଦେଖି ଜ୍ୟୋତି ଟଙ୍କା ଫୋପାଡ଼ି ଥାନା ଭିତରକୁ ପଳାଇଥିଲେ। ଭିଜିଲାନ୍ସ ଟିମ୍ ପିଛା କରି ଯାଇ ଏଏସ୍‌ଆଇ କୁଲୁ ଓ ଜ୍ୟୋତିଙ୍କୁ ଗିରଫ କରିବା ସହ ୨୦ ହଜାର ଟଙ୍କା ଜବତ କରିଥିଲା। ତେବେ ଲାଞ୍ଚ ନେବା ଘଟଣାରେ ହୋମଗାର୍ଡ ଅବଦୁଲ ସର୍ଫରାଜ ଖାନଙ୍କ ସଂପୃକ୍ତି ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭାରତୀୟ ସମ୍ବିଧାନର ଧାରା ୩୧୧(୨)(ବି) ଅନୁସାରେ, ରାଜ୍ୟ ସରକାର ଏଏସ୍‌ଆଇ କୁଲୁଙ୍କୁ ଚାକିରିରୁ ବିଦା କରିଛନ୍ତି। ସେହିପରି ଘଟଣାରେ ସଂପୃକ୍ତ ଦୁଇ ହୋମଗାର୍ଡ ଜ୍ୟୋତି ଓ ସର୍ଫରାଜଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ମାସିକିଆ ନୋଟିସ ଦିଆଯାଇଛି।

ଡାକ୍ତରଖାନାରୁ ବାହାରି ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ ଚାମେଲି ଓଝା

# ବିଡିଓ, ଆଇଆଇସିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ

କେନ୍ଦ୍ରାପଡ଼ା,୧୮।୬(ସମିସ): ମହାକାଳପଡ଼ା ବ୍ଲକ ତିଖିରି ଗ୍ରାମପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ କେନ୍ଦ୍ର କରି ଗତ ଏକ ସପ୍ତାହ ଧରି ଚାଲିଥିବା ବିବାଦ ନୂଆ ମୋଡ଼ ନେଇଛି। ସାତ ଦିନ ଧରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିବା



ପରେ ଚାମେଲି ଡିସଚାର୍ଜ ହୋଇ ସିଧାସଳଖ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଛନ୍ତି। ତାଙ୍କ ଉପରେ ହୋଇଥିବା ଆକ୍ରମଣ ଓ ସମଗ୍ର ଘଟଣା ସମ୍ପର୍କରେ ବର୍ଣ୍ଣନା କରିବା ସହ ସେ ବିଡିଓ ଓ ଆଇଆଇସିଙ୍କ ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଡାକ୍ତରଖାନାରୁ ବାହାରିବା ପରେ ଚାମେଲି ନିଜ ଗାଁ ତିଖିରିକୁ ଫେରିବା ବେଳେ ଶହ ଶହ ମହିଳା ଓ ପୁରୁଷ ତାଙ୍କୁ ଫୁଲତୋଡ଼ା ଓ ନାରାବାଜି ଦେଇ ଭବ୍ୟ ସ୍ୱାଗତ ଜଣାଇଥିଲେ।

ଅନ୍ୟପକ୍ଷରେ ଘଟଣାର ଆଠ ଦିନ ପରେ ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟ ପ୍ରଥମ ଥର ପାଇଁ ନିଜ ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ବିନା ଅନୁମତିରେ ଚାମେଲି ଭିଡିଓ ରେକର୍ଡିଂ କରିଥିଲେ ବୋଲି ସେ ଅଭିଯୋଗ କରିବା ସହ ତିଖିରି ପଞ୍ଚାୟତର କୌଣସି ପ୍ରକଳ୍ପର ବିଲ୍ ବାକି ନ ଥିବା ଓ ୧ ଲକ୍ଷ ୧୯ ହଜାର ୫୦୦ ଟଙ୍କାର ବିଲ୍‌କୁ ଗତ ୧୦ ତାରିଖରେ ମଞ୍ଜୁର କରାଯାଇଥିବା ବିଡିଓ କହିଛନ୍ତି। ତେବେ ବିଡିଓଙ୍କ ଦାବିକୁ ଚାମେଲି ସିଧାସଳଖ ଖଣ୍ଡନ କରିଛନ୍ତି ଏବଂ


- ସୁରକ୍ଷା ପାଇଁ ପୁଲିସ ଡିଜିଙ୍କୁ ଲେଖିଲେ ଚିଠି
- ସାନ ଭଉଣୀ ଚାମେଲି ଷଡ଼ଯନ୍ତ୍ରର ଶିକାର: ବିଧାୟକ
- ବିଧାୟକ ସାନ ଭଉଣୀ ପରି ଦେଖିନାହାନ୍ତି: ଚାମେଲି

ଆହୁରି ୪ଟି ବିଲ୍ ବାକିଥିବା ଦାବି କରିଛନ୍ତି।

ଅନ୍ୟପକ୍ଷରେ ଚାମେଲି ଓଝା ପୁଲିସ ଡିଜିପି ଓ କେନ୍ଦ୍ରାଞ୍ଚଳ ଆଇଜିଙ୍କୁ ଚିଠି ଲେଖି ନିଜ ଓ ପରିବାରର ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଘଟଣାରେ ଜଡିତ ୭ ଜଣଙ୍କ ନାମରେ ଏତଲା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ। ତାଙ୍କ ଅଭିଯୋଗରେ ବିଡିଓ, ମହିଳା ପୁଲିସ କର୍ମଚାରୀ ଓ ଆଇଆଇସିଙ୍କ ନାମ ଥିବା ସତ୍ତ୍ୱେ ସେମାନଙ୍କ ନାମକୁ ବାଦ୍ ଦିଆଯାଇଛି। ଯଦି ଆଗାମୀ ୭ ଦିନ ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଆସନ୍ତା ୨୪ ତାରିଖରୁ କେନ୍ଦ୍ରାପଡ଼ା ଏସପିଙ୍କ କାର୍ଯ୍ୟାଳୟ ସେ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଏପଟେ ଘଟଣାକୁ ନେଇ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ। ଚାମେଲିଙ୍କୁ ସାନ ଭଉଣୀ ବୋଲି ଉଲ୍ଲେଖ କରି ସେ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି ବୋଲି ମନ୍ତବ୍ୟ ଦେଇଛନ୍ତି। ମାତ୍ର ବିଧାୟକଙ୍କ ଏହି ମନ୍ତବ୍ୟକୁ ଚାମେଲି ସମାଲୋଚନା କରି କାଠଗଡ଼ାକୁ ଟାଣିଛନ୍ତି। ବିଧାୟକ ତାଙ୍କୁ କେବେ ଭଉଣୀ ଭାବରେ ଦେଖି ନାହାନ୍ତି, ଏପରିକି ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସମୟରେ ତାଙ୍କୁ ଭେଟିବାକୁ ବି ଆସି ନ ଥିଲେ ବୋଲି ପାଲଟା ଅଭିଯୋଗ କରିଛନ୍ତି।

ରାଜ୍ୟ ଜିଲ୍ଲାପରିଷଦ ଅଧ୍ୟକ୍ଷ ସଂଘର ସଭାପତି ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଚାମେଲିଙ୍କୁ ହସ୍ପିଟାଲରେ ଭେଟି ଘଟଣାରେ ଜଡିତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଚାମେଲିଙ୍କୁ ସାକ୍ଷାତ କରି ସମର୍ଥନ ଜଣାଇବା ସହ ସମ୍ପୃକ୍ତ ବିଡିଓ ଓ ଥାନା ଅଧିକାରୀଙ୍କୁ ନିଲମ୍ବନ କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଆସନ୍ତା ୨୦ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯିବ ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ଚାମେଲି ଓଝା ସୂଚନା ଦେଇଛନ୍ତି।



ସରକାରୀ ଡାକ୍ତରଖାନାକୁ ଘରୋଇକରଣ କରିବା ଘଟଣା

# ଡାକ୍ତରଖାନା ଘେରିଲେ ୫ ପଞ୍ଚାୟତର ଜନସାଧାରଣ

- ଦ୍ୱିତୀୟ ଦିନରେ ଧାରଣା ଜାରି
- ଆନ୍ଦୋଳନକୁ ବିଜେଡିର ସମର୍ଥନ
- ବିଧାୟକଙ୍କ କୁଶପୁତ୍ତଳିକା ଦାହ

ପାଲଲହଡ଼ା,୧୮ ।୬(ସମିସ):

ଜମରଡିହ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା ଦାୟିତ୍ୱ ସରକାର ଏକ ଘରୋଇ ସଂସ୍ଥା (ଏନଜିଓ)କୁ ପ୍ରଦାନ କରିବାକୁ ବିରୋଧ କରି ବୁଧବାର ସ୍ଥାନୀୟ ୫ ପଞ୍ଚାୟତର ଶହ ଶହ ସଂଖ୍ୟାରେ ଆଦିବାସୀ ପୁରୁଷ ଏବଂ ମହିଳା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି। ଗୁରୁବାର ଦ୍ୱିତୀୟ ଦିନରେ ଧାରଣା ଜାରି ରହିଥିବାବେଳେ ଆନ୍ଦୋଳନକୁ ବିଜେଡି ଦୃଢ଼ ସମର୍ଥନ ଜଣାଇଛି। ପୂର୍ବତନ ବିଧାୟକ ମୁକେଶ ପାଲ, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ବ୍ଲକ ବିଜେଡି ସଭାପତି ରଞ୍ଜିତ ବିଶ୍ୱାଳ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଧାରଣାରେ ବସିଥିଲେ। ଅନ୍ୟପଟେ ସରକାରଙ୍କ ନୀତି ଏବଂ ନିଷ୍ପତ୍ତିକୁ ବିରୋଧ କରି ଆନ୍ଦୋଳନକାରୀ ମହିଳାମାନେ ବିଧାୟକ ଅଶୋକ ମହାନ୍ତିଙ୍କ କୁଶପୁତ୍ତଳିକା ଦାହ କରିଥିଲେ।



ଗତ ୧ ତାରିଖରୁ ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ଏକ ଏନଜିଓକୁ ହସ୍ତାନ୍ତର କରିଛନ୍ତି। ଏହା ପରଠାରୁ ନଗିରା, ବରଡିହ, ବନ୍ଧାଭୂଇଁ, ସଇଡ଼ା ଏବଂ ପେଚାମୁଣ୍ଡି ଆଦି ୫ ପଞ୍ଚାୟତର ଆଦିବାସୀ ମହିଳା ଏବଂ ପୁରୁଷ ଏହାକୁ ବିରୋଧ କରି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଏବଂ ଆନ୍ଦୋଳନ ଚଳାଇଛନ୍ତି। ଉପଖଣ୍ଡ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଧାୟକଙ୍କ ସହ ଆଲୋଚନା ବିଫଳ ହେବାପରେ ବୁଧବାରଠାରୁ ଆନ୍ଦୋଳନକୁ ଜୋରଦାର କରିଛି ଆଦିବାସୀ ମଞ୍ଚ। ଗତ ୧ ତାରିଖରୁ ଦୀର୍ଘ ୧୮ ଦିନ ହେବ ଏପରି ଅଚଳାବସ୍ଥା ଲାଗିରହିଥିବାବେଳେ ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଏକ ପ୍ରକାର ଠପ୍ ହୋଇଯାଇଛି। ଅନ୍ୟପଟେ ସରକାର ଯେପର୍ଯ୍ୟନ୍ତ ଉକ୍ତ ଏନଜିଓକୁ ପରିଚାଳନା ଦାୟିତ୍ୱରୁ ଅନ୍ତର କରି ପୁଣି ସରକାରୀ ଡାକ୍ତର ଏବଂ କର୍ମଚାରୀଙ୍କୁ ନିୟୋଜିତ କରିନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ସେହିପରି ଆଦିବାସୀ ନେତା ଲଛମନ ହେମ୍ବ୍ରମ, ନଗିରା ସରପଞ୍ଚ ପିତ୍ତନ ବାରିକ, ବରଡିହ ସରପଞ୍ଚ କପି ଦେହୁରୀ, ପେଚାମୁଣ୍ଡି ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ, ବନ୍ଧାଭୂଇଁ ସରପଞ୍ଚ ଲିପି ପ୍ରଧାନ, ଯୁବ ବିଜେଡି ନେତା ରଞ୍ଜନ ପ୍ରଧାନ, ଜିତୁ ସାହୁ, ବରିଷ୍ଠ ବିଜେପି ନେତା ରତ୍ନାକର ରାଉତଙ୍କ ସମେତ ବହୁ ନେତା ଏବଂ ସାଧାରଣ ଲୋକ ପୂର୍ବରୁ ଏହି ଆନ୍ଦୋଳନକୁ ସମର୍ଥନ ପ୍ରଦାନ କରିଛନ୍ତି। ଆନ୍ଦୋଳନକୁ ଧୀରେ ଧୀରେ ରାଜନୈତିକ ଦଳଗୁଡ଼ିକର ସମର୍ଥନ ମିଳିବା ଆରମ୍ଭ ହୋଇଥିବାବେଳେ ଆଗକୁ ସରକାର କି ପଦକ୍ଷେପ ନେଉଛନ୍ତି ତାକୁ ଦେଖିବା ବାକି ରହିଲା।

- ଅନୁଗୋଳରେ ସ୍ୱତନ୍ତ୍ର ସଘନ ସଂଶୋଧନ

## ପ୍ରସ୍ତୁତି ସମୀକ୍ଷା କଲେ ନିର୍ବାଚନ ଆୟୋଗ ସଚିବ




ଅନୁଗୋଳ,୧୮ ।୬(ସମିସ): ଭାରତ ନିର୍ବାଚନ ଆୟୋଗର ସଚିବ ସୁଜିତ କୁମାର ମିଶ୍ର ଗୁରୁବାର ଅନୁଗୋଳ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ଅଗ୍ରଗତି ସମୀକ୍ଷା କରିଛନ୍ତି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅବଦାଲ ଏମ୍. ଅଖତର, ପରିଗଣନା ଫର୍ମ ବଣ୍ଟନ, ଡିଜିଟାଇଜେସନ୍, ମତଦାତା ମ୍ୟାପିଙ୍ଗ, ନିର୍ବାଚନ କର୍ମଚାରୀଙ୍କ ତାଲିମ ଓ ଏସ୍‌ଭିଇଇପି କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାର ଅଗ୍ରଗତି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସୁଚାରୁରୂପେ କାର୍ଯ୍ୟକାରୀ କରିଥିବାରୁ ସଚିବ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏକ ସଠିକ୍, ସ୍ୱଚ୍ଛ, ତ୍ରୁଟିମୁକ୍ତ ଏବଂ ସର୍ବସମାବେଶୀ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଜିଲ୍ଲା ପ୍ରଶାସନର ନିଷ୍ଠାକୁ ମଧ୍ୟ ସ୍ୱୀକାର କରିଥିଲେ। ସମୀକ୍ଷା ବୈଠକ ପରେ ସଚିବ ମିଶ୍ର ଅନୁଗୋଳ ବିଧାନସଭା କ୍ଷେତ୍ରର ବୁଥସ୍ତରୀୟ ଅଧିକାରୀ ଓ ବିଏଲଓ ସୁପରଭାଇଜରମାନଙ୍କ ସହ ସିଧାସଳଖ ଆଲୋଚନା କରି କ୍ଷେତ୍ର ସ୍ତରର ଅନୁଭୂତି ଓ ଚ୍ୟାଲେଞ୍ଜ ସମ୍ପର୍କରେ ଅବଗତ ହୋଇଥିଲେ। ଜୁନ ୧୮ ସୁଦ୍ଧା ଜିଲ୍ଲାରେ ମୋଟ ୯,୫୩,୭୫୭ ଭୋଟରଙ୍କ ମଧ୍ୟରୁ ୯,୪୮,୪୨୩ ଜଣଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇ ୯୯.୪୪ ପ୍ରତିଶତ ସଫଳତା ହାସଲ କରାଯାଇଥିବା ବେଳେ ୭,୨୭,୨୦୬ ଭୋଟରଙ୍କ ତଥ୍ୟ ଡିଜିଟାଇଜେସନ୍ କରାଯାଇ ୭୬.୨୫ ପ୍ରତିଶତ ଅଗ୍ରଗତି ହାସଲ ହୋଇଛି। ସମୀକ୍ଷା ବୈଠକରେ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା, ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ, ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଦୁଷ୍କର୍ମ ଉଦ୍ୟମ, ଥାନାରେ ମାମଲା

ବଣ୍ଡାଁରପାଳ,୧୮ ।୬(ସମିସ): ବୁଢ଼ାପଙ୍କ ଗ୍ରାମ ଗୋଛାୟତ ସାହିର ଜଣେ ମହିଳାଙ୍କୁ ସେହି ଗ୍ରାମର ଜଣେ ଯୁବକ ଘରେ ପଶି ଦୁଷ୍କର୍ମ ଉଦ୍ୟମ କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ ଗତ ୧୦ ତାରିଖ ରାତି ୨ଟାରେ ସେ ମହିଳା ଘରେ ଏକୁଟିଆ ଶୋଇଥିବା ବେଳେ ଗ୍ରାମର ଦୀପକ ନାଏକ (୩୫) ଘର ଝରକାରେ ଦିଆଯାଇଥିବା ଇଟାକୁ କାଢ଼ି ଭିତରେ ପଶିଥିଲେ। ତାଙ୍କ ପାଟିକୁ ବନ୍ଦ କରି ଦୁଷ୍କର୍ମ ଉଦ୍ୟମ କରିଥିଲେ। ସେ ଚିତ୍କାର କରିବାରୁ ଘରଲୋକ ଉଠି ପଡ଼ିଥିଲେ। ଫଳରେ ଦୀପକ ସେହି ଝରକା ବାଟେ ଡେଇଁ ପଳାଇଥିଲେ। ଏ ବିଷୟରେ ସେ ୧୧୨କୁ ଫୋନ କରିବାରୁ ପଲିସ ଘଟଣାସ୍ଥଳରେ ପହଞ୍ଚି ଦୀପକଙ୍କୁ ଧରିଥିଲେ। ତେବେ ଡେଇଁବା ସମୟରେ ତାଙ୍କ ଜଙ୍ଘରେ ଆଘାତ ଲାଗିଥିବାରୁ ପୁଲିସ ତାଙ୍କୁ ଡାକ୍ତରଖାନା ପଠାଇଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟାର ସିବିଆଇ ତଦନ୍ତ ଦାବି

- ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ତାଳଚେର,୧୮ ।୬(ସମିସ): ବ୍ରହ୍ମଲୀନ ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡକୁ ଦୀର୍ଘ ୧୮ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକୃତ ହତ୍ୟାକାରୀଙ୍କୁ ଏଯାଏ ଦଣ୍ଡବିଧାନ ହୋଇପାରିଲା ନାହିଁ। ଉକ୍ତ ଘଟଣାର ସିବିଆଇ ତଦନ୍ତ ସହ ହତ୍ୟାକାରୀ ଓ ହତ୍ୟା ଷଡ଼ଯନ୍ତ୍ରକାରୀଙ୍କୁ କଠୋର ଦଣ୍ଡବିଧାନ ପାଇଁ ବରିଷ୍ଠ ବିଜେପି ନେତା ତଥା ସ୍ୱାମୀ ଲକ୍ଷଣାନନ୍ଦ ସ୍ମୃତି କମିଟି ଆବାହକ ପର୍ଶୁରାମ ବାରିକ ଦାବି କରିଛନ୍ତି।



ବୁଧବାର ସ୍ୱାମୀ ଲକ୍ଷଣାନନ୍ଦ ସ୍ମୃତି କମିଟି ତାଳଚେର ପକ୍ଷରୁ ଏ ନେଇ ତାଳଚେର ଉପ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱାମୀଜୀଙ୍କ ଜନ୍ମପୀଠ ତାଳଚେର ଗୁରୁଜାଙ୍ଗ ଗ୍ରାମରେ। ୨୦୦୮ ମସିହା ଜନ୍ମାଷ୍ଟମୀ ତିଥିରେ ସାରା ଦେଶ ଉତ୍ସବମୁଖର ଥିବା ବେଳେ ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହା ପୂର୍ବରୁ ମଧ୍ୟ ସ୍ୱାମୀଜୀଙ୍କ ଉପରେ ଆକ୍ରମଣ ହୋଇଥିଲା। ଏ ନେଇ ସ୍ୱାମୀଜୀ ତତ୍କାଳୀନ ସରକାର ଓ ପୁଲିସ ପ୍ରଶାସନକୁ ଜଣାଇଥିବା ସତ୍ତ୍ୱେ ତାଙ୍କୁ ଉପଯୁକ୍ତ ସୁରକ୍ଷା ଦିଆଯାଇ ନ ଥିଲା। ଯାହାକି ଏକ ଷଡ଼ଯନ୍ତ୍ର ବୋଲି ସ୍ମୃତି କମିଟି ପକ୍ଷରୁ ଅଭିଯୋଗ କରାଯାଇଛି।

ଚଳିତ ବର୍ଷ ଆଉ ଦୁଇମାସ ପରେ ସ୍ୱାମୀଜୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ହେବ। ଏହା ପୂର୍ବରୁ ସିବିଆଇକୁ ତଦନ୍ତ ଦାୟିତ୍ୱ ଦେଇ ସ୍ୱାମୀଜୀଙ୍କ ହତ୍ୟାକାରୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସ୍ମୃତି କମିଟି ଆବାହକ ପର୍ଶୁରାମ ବାରିକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କମିଟି ସଦସ୍ୟ ବରୁଣ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ସରୋଜ ମହାପାତ୍ର, ଚୈତନ୍ୟ ପ୍ରଧାନ, ବିନ୍ଦା ସିଂହ, ଆଇନଜୀବୀ ନରେଶ ଚନ୍ଦ୍ର ଦାସ, ଶମ୍ଭୁନାଥ ବେହେରା, ଜଗଦୀଶ ପ୍ରସାଦ ସିଂହ, ଜଗଦୀଶ ମିଶ୍ର, ଅମିତ କୁମାର ଦାସ, ସୁନୀଲ ପଟ୍ଟନାୟକ, ସତ୍ୟାନନ୍ଦ ଘଡ଼େଇଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ୧୫ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ରାଜିଙ୍ଗରେ ରଜ ମହୋତ୍ସବ ପାଳିତ

କିଶୋରନଗର,୧୮ ।୬(ସମିସ): ରଜ ହେଉଛି କୃଷି ଭିତ୍ତିକ ପର୍ବ। ଚାରିଦିନ ଧରି ଏହି ଗଣପର୍ବ ପାଳନ କରାଯାଇଥାଏ। ରାଜିଙ୍ଗରେ ଆଜକୁ ଦଶବର୍ଷ ହେବ ରଜ ପାଳିତ ହୋଇଆସୁଛି। ଚଳିତ ବର୍ଷ ରଜ ଉତ୍ସବରେ ପୁଚି, କବାଡ଼ି, ବେଲୁନ ଫଟା, ହୁଳହୁଳି, କୁଇଜ, ନୃତ୍ୟ, ମ୍ୟୁଜିକ ଚେୟାର, ଦୌଡ଼, ବିସ୍କୁଟ ଖିଆ ପ୍ରତିଯୋଗିତା ହୋଇଥିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମା' ପଞ୍ଚଧାରିଣୀ ପାଞ୍ଚଖଣ୍ଡା ଗୁରୁ ତରଣୀସେନ ସାଏ, ସମ୍ମାନିତ ଅତିଥିଭାବେ ଗ୍ରାମ ସଭାପତି ଦିଲୀପ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ରାଜିଙ୍ଗ ପୁଞ୍ଜି ସମ୍ପାଦକ ଦନେଇ ନାୟକ, ସଦସ୍ୟ ଫଣୀନ୍ଦ୍ର ନାୟକ, ପ୍ରଧାନଶିକ୍ଷକ ରମେଶ ନାୟକ, ଗ୍ରାମ ଠାକୁରଙ୍କ ସେବକ ବିକ୍ରମ ନାୟକ, ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଟୁକୁନା ବାଘ, ଦିଲୀପ ସାହୁ ଯୋଗଦେଇଥିଲେ। ରଜ ମହୋତ୍ସବ କମିଟି ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ କୃତୀ ପ୍ରତଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ।




## ସୋଲଣ୍ଡା କପ୍ କ୍ରିକେଟ: ଖଡ଼ଗବାହାଲ ଚାମ୍ପିଅନ

କିଶୋରନଗର,୧୮ ।୬(ସମିସ): କିଶୋରନଗର ବ୍ଲକ ସୋଲଣ୍ଡା ଗ୍ରାମ କ୍ରିକେଟ ଦଳ ପକ୍ଷରୁ ଆୟୋଜିତ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ସୋଲଣ୍ଡା ଦେହୁରୀ ସାହି ଓ ଖଡ଼ଗବାହାଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଖଡ଼ଗବାହାଲ ୨୭ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ଭାବେ ଶ୍ରୀଧର ମାଝୀ, ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ପଧାନ, ନିରଞ୍ଜନ ପଧାନ, ଉମେଶ ଚନ୍ଦ୍ର ପ୍ରଧାନ, ଦୀପେନ ମାଝୀ ଯୋଗଦେଇଥିଲେ। ଦେହୁରୀ ସାହିର ସୁମନ୍ତ କୁମାର ସାହୁ, ଜମ୍ବେଶ୍ୱର ସାହୁ, ଜନ୍ମେଶ୍ୱର ସାହୁ, ସାଗର ପ୍ରଧାନ, ସୁନୀଲ କୁମାର ପ୍ରଧାନ, ସତ୍ୟନାରାୟଣ ସାହୁ, ଇନ୍ଦ୍ରଜିତ ପ୍ରଧାନ, ସରୋଜ କୁମାର ପ୍ରଧାନ, ବସନ୍ତ ବେହେରା ସହଯୋଗ କରିଥିଲେ।



- ରେଳ ୱାଗନରେ ପାଲ ନ ଭିଡ଼ି କୋଇଲା ପରିବହନ କଲେ ଆନ୍ଦୋଳନ

## ଜଗନ୍ନାଥ ଏରିଆ ମହାପ୍ରବନ୍ଧକଙ୍କୁ ଦାବିପତ୍ର



ତାଳଚେର,୧୮ ।୬(ସମିସ): ରେଳ ୱାଗନରେ ପାଲ ନ ଭିଡ଼ି କୋଇଲା ପରିବହନ କଲେ ଆନ୍ଦୋଳନ ହେବ। ଏଥିସହ ତାଳଚେରରୁ କୋଇଲା ବୋଝେଇ ରେଳ ୱାଗନଗୁଡ଼ିକ ଛଡ଼ାଯିବ ନାହିଁ ବୋଲି ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ପକ୍ଷରୁ ଜଗନ୍ନାଥ ଏରିଆ ମହାପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ରେଳ ୱାଗନଗୁଡ଼ିକରେ କୋଇଲା ପରିବହନ ବେଳେ ପାଲ ନ ଭିଡ଼ିବାରୁ ତାଳଚେରଠାରୁ ଆଠଗଡ଼ ପର୍ଯ୍ୟନ୍ତ ରେଲୱେ ଲାଇନ ନିକଟସ୍ଥ ପ୍ରାୟ ଶହେ ରାଜସ୍ୱ ଗ୍ରାମର ଲୋକେ ବାୟୁ ପ୍ରଦୂଷଣର ଶିକାର ହୋଇ ରୋଗାକ୍ରାନ୍ତ ହେଉଛନ୍ତି। ଏନେଇ ୨୦୨୫ ନଭେମ୍ବର ୧୧ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପାଲ ଭିଡ଼ି କୋଇଲା ପରିବହନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ସେହିଭଳି ପୂର୍ବତଟ ରେଲୱେର ଜେନେରାଲ ମ୍ୟାନେଜରଙ୍କ ତାଳଚେର ଗସ୍ତ ସମୟରେ ଖୁବଶୀଘ୍ର ପାଲ ଭିଡ଼ାହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏକ ବର୍ଷ ବିତିଯାଇଥିଲେ ହେଁ କୌଣସି ନିର୍ଦ୍ଦେଶ ଓ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଲା ନାହିଁ। ଏହାର ପ୍ରତିବାଦରେ ୨୦୨୫ ଡିସେମ୍ବର ୧ରେ ସଂଘ ପକ୍ଷରୁ ହାଣ୍ଡିଧୁଆଠାରେ ଧାରଣା ଦିଆଯାଇଥିଲା। ଖୁବଶୀଘ୍ର ସମାଧାନ କରାଯିବ ବୋଲି ପ୍ରଶାସନ ତରଫରୁ ଏକ ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଲା ନାହିଁ। ଆସନ୍ତା ଏକ ମାସ ମଧ୍ୟରେ ପାଲ ଭିଡ଼ି କୋଇଲା ପରିବହନ କରା ନ ଗଲେ ସଂଘ ପକ୍ଷରୁ ରେଳରୋକ ଆନ୍ଦୋଳନ କରାଯିବ ବୋଲି ଏମସିଏଲ ମୁଖ୍ୟ କାର୍ଯ୍ୟାଳୟ ଜେନେରାଲ ମ୍ୟାନେଜର ଡିକେ ପାତ୍ରଙ୍କ ଉଦ୍ଦେଶ୍ୟରେ ଜଗନ୍ନାଥ ଏରିଆ ମହାପ୍ରବନ୍ଧକଙ୍କୁ ଜଣାଇ ଦିଆଯାଇଛି। ଏହାର ନକଲ ତାଳଚେର ରେଲୱେ ଷ୍ଟେସନ ଏଆରଏମଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ଉପସଭାପତି ଶରତ ଚନ୍ଦ୍ର ନାଏକ, ଦୀପକ କୁମାର ସାହୁ, ସତ୍ୟ ମହାନ୍ତି, ସୁନୀଲ ପାଣି, ଜିତୁ ସାହୁ, ବିଭୂତି ସାହୁ, ବେଡ଼ା କାଞ୍ଜି, ଅଲେଖ ଦେହୁରୀ, ସହଦେବ ସାହୁ, ପ୍ରଶାନ୍ତ ବିଶ୍ୱାଳ, ଚକରା ବେହେରା, ସୁବାସ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଶରଧାପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସୁପର ଓଭରରେ ଏମକେସିଟି ଚାମ୍ପିଅନ

ତାଳଚେର ସହର,୧୮ ।୬(ସମିସ): କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମରେ ସ୍ଥାନୀୟ 'ମକବତ' ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ଅନିଲ, ମନୋଜ ଏବଂ ପପୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଅଞ୍ଚଳର ମୋଟ ୮ ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲେ। ଏମକେସିଟି ଶରଧାପୁର ଏବଂ ଆର୍‌କେସିଟି ଗହମ ଦଳ ଫାଇନାଲରେ ପ୍ରବେଶ କରିଥିଲେ। ୫ ଓଭର ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଏମକେସିଟି ଶରଧାପୁର ଦଳ ସୁପର ଓଭରରେ ବିଜୟୀ ହୋଇ ଚମ୍ପିଅନ ହୋଇଛି। ଶରଧାପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୫ ଓଭରରେ ଦଳ ୫୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଆର୍‌କେସିଟି ଗହମ ଦଳ ମଧ୍ୟ ଦୃଢ଼ ମୁକାବିଲା କରିଥିଲା। ଗହମ ଦଳ ୪ ୱିକେଟ୍ ହରାଇ ୫ ଓଭରରେ ଠିକ୍ ୫୫ ରନ୍ କରିବାକୁ ସକ୍ଷମ ହେବାରୁ ସ୍କୋର୍ ଲେଭେଲ ହୋଇଥିଲା। ଶେଷରେ ବିଜେତା ନିର୍ଣ୍ଣୟ ପାଇଁ ସୁପର ଓଭରର ସାହାରା ନିଆଯାଇଥିଲା। ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି ଆର୍‌କେସିଟି ଗହମ ୬ ବଲରେ ୧୨ ରନ୍ କରିଥିଲା। ଏମକେସିଟି ଶରଧାପୁର ଦଳ ୫ ବଲରେ ବିଜୟ ଲକ୍ଷ୍ୟ ହାସଲ କରି ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସୁକାନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ତଥା ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମକବତ କମିଟି କର୍ମକର୍ତ୍ତା ଓ ସ୍ଥାନୀୟ କ୍ରୀଡ଼ାପ୍ରେମୀଙ୍କ ସହଯୋଗରେ ଶୃଙ୍ଖଳିତ ଭାବେ ଟୁର୍ଣ୍ଣାମେଣ୍ଟ ସମ୍ପନ୍ନ ହୋଇଛି।



## ଲକ୍ଷ୍ମୀ ବସ୍ କର୍ମଚାରୀ ଓ ଯାତ୍ରୀଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

ପାଲଲହଡ଼ା,୧୮ ।୬(ସମିସ): ଲକ୍ଷ୍ମୀ ବସ ଚାଳକ, ସହକାରୀ ଏବଂ ଯାତ୍ରୀମାନଙ୍କୁ ଗାଳିଗୁଲଜ ସହ ଆକ୍ରମଣ ଏବଂ ଗାଡ଼ି ଭଙ୍ଗାରୁଜା ଅଭିଯୋଗରେ ପାଲଲହଡ଼ା ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପରା ଗ୍ରାମର ବାଦଲ ଓରଫ ଚିତ୍ତରଞ୍ଜନ ନାଏକ (୨୧), ଜିତୁ ଓରଫ ଜିତେନ୍ଦ୍ର ନାଏକ (୨୫) ଓ ଦୀନବନ୍ଧୁ ନାଏକ (୩୦)। ଗତ ୧୬ ତାରିଖ ମଧ୍ୟାହ୍ନରେ, ଲକ୍ଷ୍ମୀ ବସ୍ ପାଲଲହଡ଼ା ବସଷ୍ଟାଣ୍ଡରୁ ପବିତ୍ରପୁର ଗ୍ରାମ ଅଭିମୁଖେ ଯାଉଥିଲା। ଏହି ସମୟରେ ୬ ଜଣ ଯୁବକ ଦୁଇଟି ବାଇକ୍‌ରେ ଆସି ବସକୁ ଅଟକାଇଥିଲେ। ସେମାନେ ବସ କଣ୍ଡକ୍ଟର ଏବଂ ଯାତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏକ ଲୁହା ଲଙ୍ଗଳ ସାହାଯ୍ୟରେ ବସର ସମ୍ମୁଖ କାଚ ଏବଂ ମୁଖ୍ୟ ଗେଟ୍ କାଚ ଭାଙ୍ଗି ଚୂରମାର କରିଦେଇଥିଲେ। ଏ ନେଇ ବସ ଚାଳକ ବସନ୍ତ କୁମାର ବିଶ୍ୱାଳ (୩୩) ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ଏହି ଘଟଣାରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ପାଲଲହଡ଼ା,୧୮ ।୬(ସମିସ): ପାଲଲହଡ଼ା ଥାନା ଅଞ୍ଚଳରେ ଜଣେ ୧୬ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଏବଂ ଏହା ଯୋଗୁଁ ନାବାଳିକା ଗର୍ଭବତୀ ହେବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏହି ମାମଲାରେ ଗୁରୁବାର ପୁଲିସ ଜଣେ ନାବାଳକକୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ନାବାଳକ ଜଣକ ନାବାଳିକାଙ୍କ ଇଚ୍ଛା ବିରୋଧରେ ଜୋରଜବରଦସ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ଫଳରେ ନାବାଳିକା ୪ ମାସର ଗର୍ଭବତୀ ହୋଇଥିଲେ। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଗୁରୁବାର ପୀଡ଼ିତା ଓ ନାବାଳକର ଡାକ୍ତରୀ ମାଇନା କରିବା ପରେ ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଛି।

## ଅବକାରୀ ଚଢ଼ଉ; ୩ ଗିରଫ

ବଇଣ୍ଡା,୧୮ ।୬(ସମିସ): ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଠାକୁରଗଡ଼ ଥାନା ଅଞ୍ଚଳରେ ଚଢ଼ଉ କରି ୧୧୨ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସାନଦାଦର ଗ୍ରାମର ସୁମନ୍ତ ବେହେରା, ଟାପଢୋଲର ଦୁର୍ଯ୍ୟୋଧନ ନାୟକ, ତିଳେଶ୍ୱର ଗ୍ରାମର ଅରୁଣ ବିଶ୍ୱାଳ। ଏମାନେ ନିଜ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବର ପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ନୀଳିମା ସ୍ୱାଇଁ, ବଇଣ୍ଡା ଅବକାରୀ ଅଧିକାରୀ ମାଧବେଶ ମାର୍ଣ୍ଡି ଚଢ଼ଉ କରିଥିଲେ।

## ମଦ ପାଇଁ ଟଙ୍କା ନ ଦେବାରୁ ଆକ୍ରମଣ

ବଣ୍ଡାଁରପାଳ,୧୮ ।୬(ସମିସ): ବୁଢ଼ାପଙ୍କ ଗ୍ରାମ ପାଟଣା ସାହିର ଜଣେ ଯୁବକଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିବା ଓ ନ ଦେବାରୁ ତିନି ଭାଇ ମିଶି ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଦୀପକ ନାଏକଙ୍କ ସ୍ତ୍ରୀ ଶିଳ୍ପା ନାଏକ ଅଭିଯୋଗ କରିଛନ୍ତି ଯେ ଦୀପକଙ୍କୁ ସେହି ଗ୍ରାମର ରଣଜିତ ଗୋଛାୟତ, ଶଶାଙ୍କ ଗୋଛାୟତ ଓ ସଞ୍ଜୟ ଗୋଛାୟତ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ୩ ଭାଇ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ବିଧା, ଚାପୁଡ଼ା ମାରିବା ସହ ବାଡ଼ିରେ ପିଟିଥିଲେ। ଦୀପକଙ୍କ ଗୋଡ଼ହାତ ବାନ୍ଧି ପାଟିରେ କନା ବିଣ୍ଡା ଭର୍ତ୍ତି କରି ଦେଇଥିଲେ। ଶଶାଙ୍କ ଗୋଛାୟତ ଶାବଳରେ ଜଙ୍ଘକୁ ବାଡ଼େଇବାରୁ ଜଙ୍ଘ ହାଡ଼ ଭାଙ୍ଗିଯାଇଛି। ଏବେ ସେ ଚିକିତ୍ସାଧୀନ ଅଛନ୍ତି। ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବାରୁ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବେହାଲ ଜାତୀୟ ରାଜପଥ

# ରାସ୍ତା ଉପରେ ମାଟି ଗଦା: ବଢ଼ୁଛି ଦୁର୍ଘଟଣା ଭୟ

ଅନୁଗୋଳ,୧୮ ।୬(ସମିସ):

ଅନୁଗୋଳ ଜିଲ୍ଲା ବଣ୍ଡାଁରପାଳଠାରୁ ବେନ୍ତପୁର ଦେଇ ରନ୍ତଲେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ବାଇପାସ ରାସ୍ତା ଅବସ୍ଥା ଏବେ ଅନେକ ସ୍ଥାନରେ ବେହାଲ ହୋଇପଡ଼ିଛି। କେଉଁଠି ଲୋକେ ନିଜ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଡିଭାଇଡରଗୁଡ଼ିକ ଭାଙ୍ଗି ଦେଇଛନ୍ତି ତ ପୁଣି କେତେକ ସ୍ଥାନରେ ରାସ୍ତା ପାଶ୍ୱର୍ ଜମିରେ ମାଟି ପୂରାଇବା ପାଇଁ ସମ୍ପୂର୍ଣ୍ଣ ରାସ୍ତାକୁ ମାଟି ଗଦାରେ ପରିଣତ କରିଦେଇଛନ୍ତି। ଏଭଳି ସ୍ଥିତିରେ ଜାତୀୟ ରାଜପଥ ବାଇପାସ ରାସ୍ତାରେ ଦୁର୍ଘଟଣା ଭୟ ଅଧିକ ହେବାରେ ଲାଗିଛି। ତେବେ ଏନଏଚଏଆଇଠାରୁ ରାଜସ୍ୱ ବିଭାଗ କାହାର ନଜରରେ ଏହା ଆସୁନାହିଁ। ଫଳରେ ଜନଜୀବନ ଅସୁରକ୍ଷିତ ହୋଇପଡ଼ିଛି।



ଅନୁଗୋଳ ସହର ମଧ୍ୟ ଦେଇ ପୁରୁଣା ୫୫ନଂ ଜାତୀୟ ରାଜପଥ ଯାଇଥିଲା। ସଂକୀର୍ଣ୍ଣ ରାସ୍ତା କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ ପ୍ରାଣହାନି ହେଉଥିଲା। ଏହି ସମସ୍ୟା ସମାଧାନ ପାଇଁ ବାଇବାସ ରାସ୍ତା ନିର୍ମାଣ କରାଯାଇଛି। ହେଲେ ବର୍ତ୍ତମାନ କିଛି ନ୍ୟସ୍ତସ୍ୱାର୍ଥ ଲୋକଙ୍କ ଯୋଗୁଁ ବାଇପାସ ରାସ୍ତା ମଧ୍ୟ ଦୁର୍ଘଟଣାପ୍ରବଣ ହେଲାଣି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଲୋକେ ସର୍ବସାଧାରଣ ରାସ୍ତାକୁ ନଷ୍ଟ କରିବା ସହ ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ହଇରାଣ ହେବାକୁ ପଡୁଛି। ବେନ୍ତପୁର ଗାଁ ନିକଟରେ ଏକ ବ୍ୟକ୍ତିଗତ ଜମିରେ ମାଟି ପୋତାଯାଉଛି। ମାଟିଗୁଡ଼ିକ ଗାଡ଼ିରେ ବୁହାଯାଉଥିବା ବେଳେ ରାସ୍ତାସାରା ପଡ଼ି ପଡ଼ି ଆସୁଥିବା ଦେଖାଯାଇଛି। ସ୍କୁଟି, ବାଇକ ନେଇ ଯାଉଥିବା ଲୋକେ ଏହି କାଦୁଅ ମାଟି ଉପରେ ଗାଡ଼ି ଚଳାଇବା ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ଅପରପକ୍ଷେ ଦୀର୍ଘଦିନ ଧରି ବାରମ୍ବାର ଏହି ମାଟି ପଡ଼ିବା କାରଣରୁ ମାଟି ଗଦା ସୃଷ୍ଟି ହୋଇ ସମ୍ପୂର୍ଣ୍ଣ ରାସ୍ତା ଏକ ପ୍ରକାର ହମ୍ପସରେ ପରିଣତ ହୋଇଛି। ରାତିରେ ଅନ୍ଧାର ହେତୁ ଏହି ସବୁ ମାଟି ଗଦା ଉପରେ ଗାଡ଼ି ଚଢ଼ିବା ବେଳେ ମଧ୍ୟ ଦୁର୍ଘଟଣା ହେଉଛି। ଯେଉଁ ସ୍ଥାନରେ ମାଟି ପୋତା ଚାଲିଛି ସେଠାରୁ ମାତ୍ର ୨ ଶହ ମିଟର ଦୂରରେ ବେନ୍ତପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଥିବା ବେଳେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ବେନ୍ତପୁର ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିବାରୁ ଏନେଇ କୌଣସି ଖବର ତାଙ୍କ ପାଖରେ ନ ଥିବା କହିଛନ୍ତି।

**ଚାମେଲି ଓଝାଙ୍କ ସମର୍ଥନରେ ଏକଜୁଟ୍ ଜିଲ୍ଲା ପରିଷଦ ଅଧ୍ୟକ୍ଷ**

# ବିଡିଓ ଓ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କେନ୍ଦ୍ରାପଡ଼ା,୧୮।୬(ସମିସ)**



ମହାକାଳପଡ଼ା ବ୍ଲକ ଖିଶ୍ରା ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ କେନ୍ଦ୍ର କରି ଉପୁଜିଥିବା ବିବାଦ ପ୍ରସଙ୍ଗରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପଞ୍ଚାୟତ ପ୍ରତିନିଧି ଏକଜୁଟ ହୋଇଥିବା ଦେଖିବାକୁ ମିଳିଛି। ନିଖିଳ ଓଡ଼ିଶା ଜିଲ୍ଲା ପରିଷଦ ସଭାପତି ସଂଘ ପକ୍ଷରୁ ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ, ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ଓ ମହାକାଳପଡ଼ା ବିଡିଓଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନେବା ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୮ଟି ଜିଲ୍ଲାର ଜିଲ୍ଲା ପରିଷଦ ଅଧ୍ୟକ୍ଷମାନେ କେନ୍ଦ୍ରାପଡ଼ାରେ ପହଞ୍ଚି ଚିକିତ୍ସାଧୀନ ଚାମେଲି ଓଝାଙ୍କ ସହ ଭେଟି ସମର୍ଥନ ଜଣାଇଛନ୍ତି। ସଂଘ ପକ୍ଷରୁ ଦାଖଲ ହୋଇଥିବା ସ୍ମାରକପତ୍ରରେ କୁହାଯାଇଛି ଯେ, ୭୩ତମ ସମ୍ବିଧାନ ସଂଶୋଧନ ଆଇନ ଅନୁଯାୟୀ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚଙ୍କୁ ନିର୍ଦ୍ଦିଷ୍ଟ ସାମ୍ବିଧାନିକ କ୍ଷମତା ପ୍ରଦାନ କରାଯାଇଛି। ପଞ୍ଚାୟତ ସମିତିର ଅବାହକ ଓ ସମ୍ପାଦକ ଭାବେ ବିଡିଓଙ୍କ ନିକଟରେ ସରପଞ୍ଚଙ୍କ ଦ୍ୱାରା କୌଣସି ପ୍ରସଙ୍ଗରେ ଅନୁରୋଧ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଏହି ପ୍ରସଙ୍ଗରେ କେନ୍ଦ୍ରାପଡ଼ାରେ ଘଟିଥିବା ଅପ୍ରୀତିକର ଘଟଣା ପାଇଁ ମହାକାଳପଡ଼ା ବିଡିଓଙ୍କୁ ଦାୟୀ କରି ତାଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ଗୁରୁବାର ସକାଳେ ରାଜ୍ୟ ଜିଲ୍ଲାପରିଷଦ ଅଧ୍ୟକ୍ଷ ସଂଘର ସଭାପତି ତଥା ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଡ଼ଃ. ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଗୋଳ, ଦେବଗଡ଼, କଟକ, ଢେଙ୍କାନାଳ, ପୁରୀ, ଜଗତସିଂହପୁର, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଜିଲ୍ଲାପରିଷଦ ଅଧ୍ୟକ୍ଷଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସାଧୀନ ଚାମେଲି ଓଝାଙ୍କ ସାକ୍ଷାତ କରିଥିଲେ। ଚାମେଲି ଓଝାଙ୍କ ସହ ଆଲୋଚନା ପରେ ପ୍ରତିନିଧି ଦଳ ପକ୍ଷରୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଜଣେ ମହିଳା ସରପଞ୍ଚଙ୍କ ସହ ଘଟିଥିବା ଘଟଣାର ଉଚିତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବା ଦରକାର ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ମଲ୍ଲିକଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ଡ଼ଃ. ଦେବାଶିଷ ପଟ୍ଟନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଜିତା ଦାସ, ଅନୁଗୋଳର ବବିତା ପ୍ରଧାନ, ଦେବଗଡ଼ର କୌଶିକ ପ୍ରଧାନ, କଟକର କିଶୋର ମିଶ୍ର, ଢେଙ୍କାନାଳର ଅର୍ଚ୍ଚନା ପ୍ରହରାଜ, ପୁରୀର ସ୍ୱପ୍ନରାଣୀ ସ୍ୱାଇଁ, ଜଗତସିଂହପୁରର ମନୋଜ ଭୋଳ, ବାଲେଶ୍ୱରର ନାରାୟଣ ପ୍ରଧାନଙ୍କ ସମେତ ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରଜ ଅବସରରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା

**ଡେରାବିଶ,୧୮।୬(ସମିସ):** ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଡେରାବିଶସ୍ଥ ମା' ବୁଢ଼ୀ ଜାଗୁଳାଇ ଠାକୁରାଣୀଙ୍କ ପ୍ରାଙ୍ଗଣରେ ରଜ ଅବସରରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ କୁମାର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଡେରାବିଶ ବ୍ଲକ୍ ଓ ବ୍ଲକ ବାହାରୁ ବହୁ ଯୁବକ/ଯୁବତୀ ଯୋଗଦେଇ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଏଣ୍ଡର ପଞ୍ଚାୟତର ସମିତିସଭ୍ୟ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଗୌତମ ବାରିକ ଓ ଅନୁଷ୍ଠାନର ସଭ୍ୟସଭ୍ୟା ପରିଚାଳନା କରିଥିଲେ।



## କେନ୍ଦ୍ରାପଡ଼ାରେ ୨୫ ତାରିଖ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ

**କେନ୍ଦ୍ରାପଡ଼ା,୧୮।୬(ସମିସ):** ଗ୍ରୀଷ୍ମପ୍ରବାହ ଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସ୍କୁଲର ସମୟ ପରିବର୍ତ୍ତନ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଏ ନେଇ ଜରୁରୀ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ନିର୍ଦ୍ଦେଶ ଅନୁସାରେ, ଗ୍ରୀଷ୍ମ ଅବକାଶ ପରେ ସ୍କୁଲ ଖୋଲିବା ଦିନଠାରୁ ଅର୍ଥାତ୍ ୧୮ ଜୁନ୍‌ରୁ ୨୫ ଜୁନ୍ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ, ବେସରକାରୀ ସ୍ୱୀକୃତିପ୍ରାପ୍ତ ଓ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମେତ ସମସ୍ତ ବିଶେଷ ବିଦ୍ୟାଳୟରେ ସକାଳୁଆ ଶ୍ରେଣୀ ଚାଲିବ। ଶିଶୁ ବାଟିକାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନରେ ସକାଳ ୬ଟା ୩୦ ମିନିଟ୍‌ରୁ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ପାଠପଢ଼ା ଅନୁଷ୍ଠିତ ହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନରେ ଚାଲୁଥିବା ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ନିର୍ଦ୍ଦେଶ ଲାଗୁ ହେବ। ଅତ୍ୟଧିକ ଗରମ ଓ ତାତିର ଏହି ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ଆବଶ୍ୟକ ହେଲେ ପରବର୍ତ୍ତୀ ସମୟରେ ନୂତନ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲା ଶିକ୍ଷା ବିଭାଗ ସୂଚନା ଦେଇଛି।

## ବଦଳିଲେ କନିକା ଏସିଏଫ୍, ରାଜନଗର ଓ ଗହୀରମଥା ରେଞ୍ଜ ଅଫିସର

**ରାଜନଗର, ୧୮।୬(ସମିସ):** ରାଜନଗର ଲୁଣା ଜଙ୍ଗଲ ବନ୍ୟପ୍ରାଣୀ ଡିଭିଜନ୍‌ରେ ଅଦଳବଦଳ ହୋଇଛି। କନିକା ଏସିଏଫ୍, ରାଜନଗର ରେଞ୍ଜ ଅଫିସର, ଗହୀରମଥା ରେଞ୍ଜ ଅଫିସରଙ୍କ ସହ ୧୫ ଜଣ ଫରେଷ୍ଟର୍‌ଙ୍କ ବଦଳି କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୬୧ ଜଣ ସହକାରୀ ବନ ସଂରକ୍ଷକ (ଏସିଏଫ୍)ଙ୍କୁ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରୁ ରାଜନଗର ଡିଭିଜନ୍‌ର କନିକା ରେଞ୍ଜ ଅଫିସ୍ ଦାୟିତ୍ୱରେ ଥିବା ଏସିଏଫ୍ ମାନସ ଦାସଙ୍କ କଟକ ଡିଭିଜନ୍‌ର ଯାଜପୁରରୋଡ଼୍‌କୁ ବଦଳି ହୋଇଥିବାବେଳେ ରେଢ଼ାଖୋଲ ଡିଭିଜନ୍‌ର ସହକାରୀ ବନ ସଂରକ୍ଷକ ମୈତ୍ରା ମଞ୍ଜିତ୍ ବିଶ୍ୱାଳଙ୍କ ରାଜନଗର ଡିଭିଜନ୍‌କୁ ବଦଳି ଆଦେଶ ଆସିଛି। କନିକା ରେଞ୍ଜ ଓ ରାଜନଗର ରେଞ୍ଜ ପାଇଁ କାହାରିକୁ ରେଞ୍ଜ ଅଫିସର ଭାବେ ନିଯୁକ୍ତି ଦିଆଯାଇନାହିଁ । ରାଜନଗର ରେଞ୍ଜ ଅଫିସର୍ ଚିତ୍ତରଞ୍ଜନ ବେହୁରାଙ୍କ ଆଠମଲ୍ଲିକ ଡିଭିଜନ୍‌କୁ ବଦଳି କରାଯାଇଛି। ସେହିପରି ଗହୀରମଥା ରେଞ୍ଜ ଅଫିସର୍ କପିଳେନ୍ଦ୍ର ପ୍ରଧାନଙ୍କ ନନ୍ଦନକାନନକୁ ବଦଳି ହୋଇଥିବାବେଳେ ଚିଲିକା ଡିଭିଜନ୍‌ର ଟାଙ୍ଗୀ ରେଞ୍ଜ ଅଫିସର୍ ଚିତ୍ରସେନ ଜେନାଙ୍କ ଗହୀରମଥା ରେଞ୍ଜ ଅଫିସର୍ ଭାବେ ବଦଳି ହୋଇଛି। ଏଥିସହ ରାଜନଗର ଡିଏଫ୍‌ଓ ୧୫ ଜଣ ଫରେଷ୍ଟର୍‌ଙ୍କ ଅଦଳବଦଳ କରିଛନ୍ତି। ଗୁପ୍ତି ଫରେଷ୍ଟର ବିଭୂତିଭୂଷଣ ତରାଇଙ୍କୁ ରାଜନଗର, ରାଜନଗରରେ ଥିବା ବିଜୟ ପାତ୍ରଙ୍କୁ ଗୁପ୍ତି, ଖୋଲା ଫରେଷ୍ଟର୍ ନବୀନ ମଲ୍ଲିକଙ୍କୁ ତାଳଚୁଆ, ଏକକୁଳା ଫରେଷ୍ଟର ସଞ୍ଜୀବ ଦାସଙ୍କୁ ଖୋଲା, ଜମ୍ବୁ ଫରେଷ୍ଟର ନିର୍ମଳ ନାୟକଙ୍କୁ ଏକକୁଳା, ବାରଦାପିଟା ବିଟ୍ ଫରେଷ୍ଟର୍ ପ୍ରଫୁଲ୍ଲ ମାଝିଙ୍କୁ ବରୁଣେଇ, ହାୱାଖାନା ଫରେଷ୍ଟର୍ ମଙ୍ଗଳ ହେମ୍ବ୍ରମ୍ ଜମ୍ବୁ, ତାଳଚୁଆ ଫରେଷ୍ଟର ପ୍ରକାଶ ଦାସଙ୍କୁ ନୂଆଗାଁ, ବରୁଣେଇ ଫରେଷ୍ଟର ମହନ୍ତ ମଲ୍ଲିକଙ୍କୁ କୁଜଙ୍ଗ, ବନ୍ଦର ଫରେଷ୍ଟର୍ ପ୍ରିୟବ୍ରତ ଚୌଧୁରୀଙ୍କୁ ହାୱାଖାନା, ଜମ୍ବୁ ବିଟ୍ ଫରେଷ୍ଟର୍ ଇଞ୍ଜିତ୍ ରାଉତଙ୍କୁ ବନ୍ଦର, କୁଜଙ୍ଗ ଫରେଷ୍ଟର୍ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ମହାକାଳପଡ଼ା ରେଞ୍ଜ ଅଫିସ, ନୂଆଗାଁ ଫରେଷ୍ଟର ପଦ୍ମନାଭ ରାଉତଙ୍କୁ ଗହୀରମଥା ରେଞ୍ଜ ଅଫିସ୍, ଫରେଷ୍ଟର ରାକେଶ ମହାନ୍ତିଙ୍କୁ ରାଜନଗର ନର୍ଥ ବିଟ୍, ଫରେଷ୍ଟର ଚିତ୍ତରଞ୍ଜନ ମହାରଣାଙ୍କୁ ବନ୍ଦର ବିଟ୍‌କୁ ବଦଳି କରାଯାଇଛି।

**ପଟ୍ଟାମୁଣ୍ଡାଇ-କାଠିଆପଡ଼ା ରାସ୍ତା ନିର୍ମାଣ**

# ଜବରଦଖଲ ଉଚ୍ଛେଦ ପାଇଁ ମାପଚୁପ

**ପଟ୍ଟାମୁଣ୍ଡାଇ,୧୮।୬(ସମିସ):** ପଟ୍ଟାମୁଣ୍ଡାଇ-କାଠିଆପଡ଼ା ରାସ୍ତା ପ୍ରଶସ୍ତୀକରଣ ପାଇଁ ରାଜ୍ୟ ସରକାର ଆବଶ୍ୟକ ଅର୍ଥ ମଞ୍ଜୁର କରିଛନ୍ତି। ଏହି ରାସ୍ତା ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ରାସ୍ତାର ଉଭୟ ପାର୍ଶ୍ୱର ଜବରଦଖଲ ହୋଇଥିବାରୁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହେଉଛି। ଜବରଦଖଲ କରି ବ୍ୟବସାୟ କରୁଥିବା ଦେଖାଯାଉଛି। ଫଳରେ ମଟର ସାଇକଲ ଧରି ସଉଦା କିଣିବା ପାଇଁ ଆସୁଥିବା ଲୋକ ନିଜ ଗାଡି ରଖି ଜିନିଷ କିଣି ପାରୁନାହାନ୍ତି। ରାସ୍ତା ଉପରେ ଗାଡ଼ି ରଖି ରଖିଲେ ପୁଲିସ ଫାଇନ କାଟିବା ସହ ବିଭିନ୍ନ ଜୁଲମ କରୁଛି। ଏଣୁ ବଜାରର ଏହି ତିନୋଟି ମୁଖ୍ୟ ରାସ୍ତାରୁ ତୁରନ୍ତ ଜବରଦଖଲ ଉଠାଇବାକୁ ବାରମ୍ବାର ଦାବି ହେଉଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସରକାରୀ ବାଳିକା ହାଇସ୍କୁଲଠାରୁ ପୋଖରିଆପଡା ଗାଁ ରାସ୍ତା ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପାଇଁ ୧୬ ତାରିଖରେ ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇଥିଲା। ନଚେତ ପୁଲିସ ଓ ରାଜସ୍ୱ ବିଭାଗ ସହଯୋଗରେ ୧୭, ୧୮ ଦୁଇଦିନ ଧରି ଏହି ରାସ୍ତାକୁ ଉଚ୍ଛେଦ କରାଯିବ ବୋଲି ନୋଟିସରେ ଉଲ୍ଲେଖ କରାଯିବା ସହ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥିଲା। ପୂର୍ବ ସୂଚନା ଅନୁଯାୟୀ



କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର. ରଘୁରାମ ଆୟାରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବା ସହିତ ସରକାରୀ ଭାବେ ମାପଚୁପ ଆରମ୍ଭ ହୋଇଛି। ଏହି ମାପଚୁପ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ସରକାରୀ ବାଳିକା ହାଇସ୍କୁଲଠାରୁ ପୋଖରିଆପଡ଼ା ଗାଁ ରାସ୍ତା ପର୍ଯ୍ୟନ୍ତ କରାଯାଉଛି। ନିକଟରେ ପଟ୍ଟାମୁଣ୍ଡାଇ ସହର ସମେତ ବାଳିକା ହାଇସ୍କୁଲଠାରୁ ପୋଖରୀଆପଡା ଗାଁ ରାସ୍ତା ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ବିଭିନ୍ନ ଦୋକାନୀ ରାସ୍ତା ଉପରେ ଓ ଦୋକାନ ସାମ୍ନାରେ ସେଡ ତିଆରି କରି ସରକାରୀ ଜାଗା ଆଜି ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ସରକାରୀ ବାଳିକା ସ୍କୁଲ ନିକଟରୁ ମାପ ଆରମ୍ଭ କରାଯାଇଥିଲା। ଆସନ୍ତା କାଲି ମଧ୍ୟ ବାକିଥିବା ସରକାରୀ ଜାଗା ମାପ କରାଯିବ ବୋଲି ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାସ କହିଛନ୍ତି। ଆଜିର ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ , ପଟ୍ଟାମୁଣ୍ଡାଇ ରାଜସ୍ୱ ନିରୀକ୍ଷକ ଲାଲୁ ଚୌଧୁରୀ, ଅମିନ ବବୁଲ ପଡିହାରୀ, ପୌରାଞ୍ଚଳ ଅମିନ ବିପିନ ସେଠୀ, କନିଷ୍ଠ ଯନ୍ତ୍ରୀ ସିଦ୍ଧାର୍ଥ ଜେନା, ଜନସ୍ୱାସ୍ଥ୍ୟ କନିଷ୍ଠ ଯନ୍ତ୍ରୀ ସୁଦାମ ସାହୁ, ପ୍ରଫୁଲ୍ଲ ଦାସଙ୍କ ସହ ପୁଲିସ ଫୋର୍ସ ସାମିଲ ଥିଲେ।

## କବିତା ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ



**ପଟ୍ଟାମୁଣ୍ଡାଇ,୧୮।୬(ସମିସ):** ପ୍ରତିଭା ସମ୍ମାନ ପରିଷଦ ପକ୍ଷରୁ କବିତା ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଭା ସମ୍ମାନ ପରିଷଦ ସଭାପତି ଗାଳ୍ପିକ କବି ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କାଙ୍କ ପୌରହିତ୍ୟରେ ବେଲତଳ ଆଶୀର୍ବାଦ ଆଶ୍ରମଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଡ. ଲେଙ୍କାଙ୍କ କବିତା ସଂକଳନ "ପତ୍ର ଝଡ଼ା ଋତୁ' ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ କବି, ପରିବେଶବିତ୍ ଡଃ ମନୋରଞ୍ଜନ ଦାଶ ମୁଖ୍ୟଅତିଥି, ବିଶିଷ୍ଟ ସଂଗୀତଜ୍ଞ ରବୀନ୍ଦ୍ରନାଥ ମିଶ୍ର ମୁଖ୍ୟବକ୍ତା, ଶିକ୍ଷାବିତ ମୀନା କୁମାରୀ ସିଂ, ପ୍ରଧାପିକା ଚନ୍ଦ୍ରକାନ୍ତି ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଆମ ଜାତିର ମୁଖଶାଳା ଓ କବିତାର ଭାବ ଓ ଆବେଗ କବିଙ୍କୁ କାଳଜୟୀ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। କବୟିତ୍ରୀ ସୁଶ୍ରୀ ଶୁଭ୍ରସୀମାଙ୍କ ସଂଯୋଜନାରେ କବି ପୁଲିନ୍ ମହାପାତ୍ର, ବିକାଶ ସାହୁ, ସନ୍ତୋଷ ଖଟୁଆ, ଶୁଭ୍ରଜିତ୍ ପରିଡ଼ା, ସାଇ ଜନ୍ମେଜୟ ଓ ରେୟାନ୍ସ ରାଉଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଇଂ ଆଲୋକ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଗର୍ତ୍ତେଶ୍ୱର ମହାଦେବ ମନ୍ଦିର ଉତ୍ସବମୁଖର



**ରାଜନଗର,୧୮।୬(ସମିସ):** ରାଜନଗର ବ୍ଲକର ମୁଖଶାଳାରେ ଥିବା ଗୋସିଗାଁର ଆରାଧ୍ୟ ଦେବତା ଗର୍ତ୍ତେଶ୍ୱର ଶୈବ୍ୟ ପୀଠରେ ଦେବ ଦମ୍ପତିଙ୍କ ବିବାହ ପାଇଁ ଉତ୍ସବ ମୁଖର ହୋଇପଡିଛି। ଆଜି ବିଳମ୍ବିତ ପ୍ରହରରେ ଧାର୍ମିକ ଅନୁସାରେ ଭଗବାନ ଶିବ ଓ ଦେବୀ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ୨୪ ଜଣ ପଣ୍ଡିତ ବେଦମନ୍ତ୍ର ଧ୍ୱନି ମଧ୍ୟରେ ବୈଦିକ ଆଧାରରେ ଏହି ଦେବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଜି ସକାଳୁ ଚନ୍ଦନପୁର ଗ୍ରାମର ଜେନା ସାହିରୁ କନ୍ୟା ପିତାଙ୍କ ଘରୁ ବର ନିମନ୍ତ୍ରଣ ବାଜା ରୋଷଣୀ ଓ ଶ୍ରଦ୍ଧାଳୁ ଭକ୍ତଙ୍କ ହରିବୋଲ ହୁଳହୁଳି, ନାମ ସଂକୀର୍ତ୍ତନ ଭିତରେ ବର ପିତା ଗୋପାଳପୁର ଗାଁର ସ୍ୱାଇଁ ପରିବାରରେ ପହଞ୍ଚିବା ପରେ ପ୍ରତି ଗାଁ ଛକରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଠାକୁରାଣୀଙ୍କ ବିଗ୍ରହକୁ ଗୋସିଗାଁ ଗର୍ତ୍ତେଶ୍ୱର ଯଜ୍ଞ କମିଟି ସଭାପତି ସୁରେନ୍ଦ୍ର ରାଉତ, ସମ୍ପାଦକ ଚନ୍ଦ୍ରମଣି ରାଉତ ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି ଦେବ ଦମ୍ପତିଙ୍କ ସ୍ୱୟମ୍ବର ବାଇଶି ବର୍ଷ ଧରି ପାଳିତ ହୋଇଆସୁଛି।

## ପୂର୍ବତନ ୱାର୍ଡ ମେମ୍ବରଙ୍କ ପରଲୋକ



**ରାଜନଗର,୧୮।୬(ସମିସ):** ରାଜନଗର ସଦର ମହକୁମା ପଞ୍ଚାୟତ ୧୦ ନମ୍ବର ୱାର୍ଡର ପୂର୍ବତନ ମେମ୍ବର ପ୍ରହ୍ଲାଦ ମଲିକଙ୍କ ୮୮ ବର୍ଷ ବୟସରେ ଆଜି ସକାଳେ ପରଲୋକ ଘଟିଛି। କିଛିଦିନ ତଳେ ତାଙ୍କୁ ପକ୍ଷାଘାତ ହୋଇଥିଲା। ସେ କଟକର ଏକ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ତାଙ୍କର ଅବସ୍ଥା ଅତ୍ୟଧିକ ଖରାପ ହେବାରୁ ବଞ୍ଚିବା ସମ୍ଭାବନା କମ ଥିବାରୁ ଡାକ୍ତର ତାଙ୍କୁ ଘରକୁ ନେଇଯିବାକୁ କହିଥିଲେ। ଆଜି ତାଙ୍କର ମୃତ୍ୟୁ ଘଟିଛି। ସ୍ୱର୍ଗତ ମଲିକ ୭ ଥର ୱାର୍ଡ ମେମ୍ବର ଭାବେ ଜିତି ରେକର୍ଡ କରିଥିଲେ। ରାଜନଗର ସରପଞ୍ଚ ସଂଗୀତା ମହାପାତ୍ର, ସମିତି ସଭ୍ୟା ସୁମିତ୍ରା ସେଠୀ, ପୂର୍ବତନ ସରପଞ୍ଚ ପ୍ରଭାତ ମିଶ୍ର, ସୁରେନ୍ଦ୍ର ମହାପାତ୍ର, ଚିତ୍ତରଞ୍ଜନ ଦାସ, ବାଇଧର ସେଠୀ, ଦଣ୍ଡହରି ମଲିକ, ନାଏବ ସରପଞ୍ଚ ବାଇଧର ମହାସେଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ମଲ୍ଲିକେଶ୍ୱର ଶିବ ମନ୍ଦିରରେ ଶୀତଳଷଷ୍ଠୀ

**ଡେରାବିଶ,୧୮।୬(ସମିସ):** ଡେରାବିଶ ବ୍ଲକ୍ ପଳେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱରପୁରସ୍ଥ ମଲ୍ଲିକେଶ୍ୱର ମହାଦେବଙ୍କ ମନ୍ଦିରରେ ଶୀତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଶୀତଳଷଷ୍ଠୀ ଉତ୍ସବ ଦୀର୍ଘ ୧୩ ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି। ଏ ଉପଲକ୍ଷେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିବାହ ଉତ୍ସବରେ ଯୋଗଦେବାକୁ ମଲ୍ଲିକେଶ୍ୱର ମହାଦେବଙ୍କ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଦେବାଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ସମ୍ବଲପୁରର ଶୀତଳଷଷ୍ଠୀ ଉତ୍ସବ ଅନୁରୂପ ଭାବେ ଏଠାରେ ଅନୁଷ୍ଠିତ ହୋଇଆସୁଛି। ଏ ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ବାଲିସାହିରେ ରାମଲୀଳା ମଞ୍ଚସ୍ଥ

**ଡେରାବିଶ,୧୮।୬(ସମିସ):** ଡେରାବିଶ ବ୍ଲକ୍ ଇନ୍ଦୋଳ ପଞ୍ଚାୟତର ବାଲିସାହି ଗ୍ରାମରେ ରାଜପର୍ବ ଉପଲକ୍ଷେ ରାମଲୀଳା ମଞ୍ଚସ୍ଥ ହୋଇଛି। ରାଘୁନାଥଜୀଉ ଶ୍ରୀରାମ ନବମୀ କମିଟି ଆନୁକୂଲ୍ୟରେ ଆୟୋଜିତ ୪୩ତମ ରାମଲୀଳା ଉତ୍ସବରେ ପ୍ରଦୀପ ପଣ୍ଡା ସଂଳାପ ପାଠ କରିଥିଲେ। ଦୁର୍ଗାପ୍ରସାଦ କାଣ୍ଡି, କେଶବ କାଣ୍ଡି, କାର୍ତ୍ତିକ କାଣ୍ଡି, ବ୍ରଜକିଶୋର କାଣ୍ଡି, ଗୁରୁଚରଣ ଜେନା, ଦୋଳଗୋବିନ୍ଦ ଜେନା, ନରେଶ ଜେନା, ମଙ୍ଗୁଳି କାଣ୍ଡି, ମାନସ ଜେନା, ରାକେଶ ସେଠୀ ପ୍ରମୁଖ ଅଭିନୟ କରିଥିଲେ।



## ମା' ବଜ୍ରମହାକାଳୀଙ୍କ ବାର୍ଷିକୋତ୍ସବ

**ରାଜକନିକା,୧୮।୬(ସମିସ):** ରାଜକନିକା ବ୍ଲକ ବଟରପଡ଼ା ଗ୍ରାମର ମା' ବଜ୍ର ମହାକାଳୀଙ୍କ ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ପଣ୍ଡିତ ପ୍ରଭାତ କୁମାର ପତି, ମନବିକାଶ ଶତପଥୀ ଉପସ୍ଥିତ ରହି ବୁଧବାର ଦିନ କଳସ ଯାତ୍ରା, ଅଙ୍କୁରରୋପଣ, ସୂର୍ଯ୍ୟପୂଜା ଓ ଦିନ ସାରା ଚଣ୍ଡୀପାଠ, ହୋମଯଜ୍ଞ ହୋଇଥିଲା। ଗ୍ରାମବାସୀ ମା'ଙ୍କ ସାନିଧ୍ୟ ଲାଭ କରିଥିଲେ। ସୁବାସ ଚନ୍ଦ୍ର ବେହୁରିଆ ଓ ରୀନାରାଣୀ ବେହୁରିଆ କର୍ତ୍ତା ଥିଲେ। ଭରତ ବେହୁରିଆ, ବନମାଳୀ ବେହୁରିଆ, ସୁଧାଂଶୁ ବେହୁରିଆ, ଅଜୟ ବେହୁରିଆ, ନଗେନ୍ଦ୍ର ବେହୁରିଆ, ପ୍ରସନ୍ନ ବେହୁରିଆ, ସନ୍ତୋଷ ବେହୁରିଆ, ରାହୁଲ ବେହୁରିଆ, ନିମାଇଁ ବେହୁରିଆ, ମନ୍ମଥ ବେହୁରିଆ, ନିତ୍ୟାନନ୍ଦ ବେହୁରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅବକାରୀ ବିଭାଗର ଚଢ଼ଉ; ୯ ଗିରଫ

**କେନ୍ଦ୍ରାପଡ଼ା,୧୮।୬ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଚୋରା ମଦ କାରବାର ଉପରେ ରୋକ ଲଗାଇବାକୁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୨୦୬ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଥିବାବେଳେ ୯ ଜଣଙ୍କୁ ଗିରଫ କରାଯାଇ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦର, ଡେରାବିଶ ଓ ରାଜନଗର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ଚୋରା ମଦ କାରବାର ବିରୋଧରେ ଏଭଳି ଚଢ଼ଉ ଜାରି ରହିବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଋତୁପ୍ରଭା ସ୍ୱାଇଁଙ୍କ ସମେତ ବିଭାଗର ଅନ୍ୟ କର୍ମଚାରୀ ସାମିଲ ଥିଲେ।

**ହାଟସାହି ସରପଞ୍ଚଙ୍କ ନାମରେ ବିଡିଓଙ୍କ ଏତଲା ଘଟଣା**

# ପ୍ରତିବାଦରେ ସିପିଆଇ ଓ କଂଗ୍ରେସ ପକ୍ଷରୁ ବ୍ଲକ୍ ଘେରଉ

**ରାଜକନିକା,୧୮।୬(ସମିସ):** ରାଜକନିକା ବ୍ଲକର ହାଟସାହି ପଞ୍ଚାୟତରେ ଦଶ ଲକ୍ଷ ଟଙ୍କାର ଏକ ଫାସିଲିଟି ସେଣ୍ଟର ନିର୍ମାଣ କାର୍ଯ୍ୟରେ ସହଯୋଗ ନ କରିବା ନେଇ ହାଟସାହି ସରପଞ୍ଚଙ୍କ ବିରୁଦ୍ଧରେ ବିଡିଓ ଥାନାରେ ଏତଲା ଦେବା ପରେ ଛାତ ଘର ନ କରାଯାଇ ଏକ ଟିଣ ସେଡ୍ ନିମ୍ନମାନର କାମ କରାଯାଇ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ହାଟସାହି ସରପଞ୍ଚ ସୀତା ଦାସ ବିଡିଓଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେଇଥିଲେ। ତେବେ ସରପଞ୍ଚଙ୍କ ବିରୁଦ୍ଧରେ ମାମଲା ରୁଜୁ ହେବା ଘଟଣାକୁ ବିରୋଧ କରି ପଞ୍ଚାୟତବାସୀଙ୍କ ସହ ସିପିଆଇ (ଏମଏଲ) ଓ କଂଗ୍ରେସ ପକ୍ଷରୁ ବ୍ଲକ ଘେରଉ କରାଯାଇଛି। ହାଟସାହି ସରପଞ୍ଚଙ୍କ ନାମରେ କରାଯାଇଥିବା ମାମଲାକୁ ବିଡିଓ ପ୍ରତ୍ୟାହାର କରନ୍ତୁ ଓ ବିଡିଓଙ୍କ ବିରୁଦ୍ଧରେ ମାମଲା କରାଯିବା ସହ ପଞ୍ଚାୟତରେ ହେଉଥିବା କାମ ଏଷ୍ଟିମେଟ ଅନୁଯାୟୀ ସଠିକ ଭାବେ ନିର୍ମାଣ କରାଯାଉ ବୋଲି ଦାବି କରାଯାଇଛି।



ସୂଚନା ମୁତାବକ, ହାଟସାହି ପଞ୍ଚାୟତ ପରିସରରେ ଦଶ ଲକ୍ଷ ଟଙ୍କାର ଏକ ଫାସିଲିଟି ସେଣ୍ଟର ନିର୍ମାଣ କାର୍ଯ୍ୟକୁ ନେଇ ବ୍ଲକ୍ ପ୍ରଶାସନ ଓ ସରପଞ୍ଚ ତୁ ତୁ ମେ ମେ ହୋଇଆସୁଛି। ବ୍ଲକ୍ ପ୍ରଶାସନର ମନମାନୀରେ କାର୍ଯ୍ୟ କରାଯାଉଥିବାରୁ ତାହା ପାଇ ଆଜି ସିପିଆଇ ଦଳ ପକ୍ଷରୁ ମହିଳାମାନେ ବ୍ଲକ୍ ଘେରଉ କରିଥିବାବେଳେ ତାହାକୁ କଂଗ୍ରେସ ଦଳ ସମର୍ଥନ ଦେଇଛି। ସଠିକ୍ ଭାବେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ନ ହେଲେ ଆଗାମୀ ଦିନରେ ସେମାନେ ରାଜରାସ୍ତା ଓହ୍ଲାଇବେ ବୋଲି ଉଭୟ ଦଳ ମତ ରଖିଛନ୍ତି। ବ୍ଲକ୍ ଉନ୍ନୟନ ଅଧିକାରୀ କୈଳାସ ମହାଲିକ ଆନ୍ଦୋଳନକାରୀ ସହ ଆଲୋଚନା କରି ଦୁଇଦିନ ମଧ୍ୟରେ ସରପଞ୍ଚଙ୍କ ସହିତ ଆଲୋଚନା କରାଯିବ ଓ ଯଥାଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ପ୍ରକାଶ କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା ଶର୍ମା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାସ, ଆଳି ବ୍ଲକ ସଭାପତି ରବିନାରାୟଣ ବେହେରା, ବରିଷ୍ଠ ନେତା ବାବୁରାମ ଜେନା ଓ ସିପିଆଇ ଜିଲ୍ଲା ସମ୍ପାଦକ ବିଧାନ ଦାସ, ସବିତା ବରଜଙ୍କ ସହିତ ଶତାଧିକ ମହିଳା ଯୋଗ ଦେଇଥିଲେ।

**ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ**


# କେନ୍ଦ୍ରାପଡ଼ା ପାଇଁ ବିଶ୍ୱବିଦ୍ୟାଳୟ ଓ ୯୦୦ କୋଟିର ସେତୁ ପ୍ରକଳ୍ପ: ମନ୍ତ୍ରୀ

**କେନ୍ଦ୍ରାପଡ଼ା, ୧୮।୬(ସମିସ)**



ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦେବାକୁ ଆସିଥିବା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ଓ ରାଜ୍ୟ ସରକାରଙ୍କ ଦୁଇବର୍ଷର ସଫଳତାକୁ ନେଇ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଛନ୍ତି। ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଉଦ୍‌ଘାଟନ ଓ ସମ୍ମିଳନୀରେ ଯୋଗଦେବା ପରେ ସାମ୍ବାଦିକଙ୍କ ସହ ଆଲୋଚନା କରି ମନ୍ତ୍ରୀ କହିଥିଲେ, ଶିକ୍ଷା, କ୍ରୀଡ଼ା, ଜନଜାତି କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ, ପରିବହନ ଓ ଭିତ୍ତିଭୂମି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲା ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। କ୍ରୀଡ଼ା କ୍ଷେତ୍ରରେ ରୋନିତ ରୋଶନ ସ୍ୱାଇଁ, ଶିବାନୀ ପ୍ରିୟଦର୍ଶିନୀ, ଅର୍ପିତା ସ୍ୱାଇଁ ଓ ଟ୍ୱିଙ୍କଲ ସ୍ୱାଇଁଙ୍କ ସଫଳତା ଜିଲ୍ଲା ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ। ସେ କହିଥିଲେ, ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ପିଏମ୍‌ଏଜିୱାଇ, ଆନ୍ତଃଜାତି ବିବାହ ଓ ଛାତ୍ରବୃତ୍ତି ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିବାବେଳେ ସମାଜ ମଙ୍ଗଳ ବିଭାଗ ଅଧୀନରେ ହଜାର ହଜାର ମହିଳା, ଶିଶୁ ଓ ପରିବାର ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ଉପକୃତ ହୋଇଛନ୍ତି। ୨୦୨୬-୨୭ ବଜେଟ୍‌ରେ କେନ୍ଦ୍ରାପଡ଼ାରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ଘୋଷଣା କରାଯାଇଥିବାବେଳେ ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ନଦୀ ଉପରେ ପ୍ରାୟ ୯୦୦ କୋଟି ଟଙ୍କା ବ୍ୟୟରେ ତିନୋଟି ଉଚ୍ଚସ୍ତରୀୟ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ସେ ସୂଚନା ଦେଇଥିଲେ। ମନ୍ତ୍ରୀ ସୂରଜ କହିଥିଲେ, ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ, ଡାଙ୍ଗମାଳ-ଗୁପ୍ତି-ଖୋଲା ପର୍ଯ୍ୟଟନ ଭିତ୍ତିଭୂମି ବିକାଶ, ବଡ଼ପାଳ ଟ୍ରକ ଟର୍ମିନାଲ, ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ଓ ଟେଷ୍ଟିଂ ଷ୍ଟେସନ ଭଳି ପ୍ରକଳ୍ପ ଆଗାମୀ ଦିନରେ ଜିଲ୍ଲାର ବିକାଶକୁ ନୂଆ ଦିଗ ଦେବ। ରାଜନଗର ବ୍ଲକର କୁସୁନପୁର ଗ୍ରାମକୁ ସ୍ମାର୍ଟ ଭିଲେଜ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବାବେଳେ ଭୂମି ଓ ରାଜସ୍ୱ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରତି ତହସିଲରେ ମାସିକ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଆରମ୍ଭ କରାଯାଇଥିବା ସେ କହିଥିଲେ। ୨୦୨୫-୨୬ ବର୍ଷ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଲିଡ୍ ବ୍ୟାଙ୍କିଂ ବ୍ୟବସ୍ଥା ସମସ୍ତ ୨୧ଟି ମାନଦଣ୍ଡରେ "ଆୱାର୍ଡ ଅଫ୍ ଏକ୍ସଲେନ୍ସ' ହାସଲ କରି ରାଜ୍ୟ ସ୍ତରରେ ସ୍ୱତନ୍ତ୍ର ସଫଳତା ଅର୍ଜନ କରିଥିବାରୁ ମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସାମ୍ବାଦିକ ସମ୍ମିଳନୀରେ ମହାକାଳପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁର୍ଗା ପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ସ୍ୱୟଂଚାଳିତ ଯାନ ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ।

# ସମ୍ପାଦକୀୟ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

## ଶ୍ମଶାନ-ଅଭିସାର

ଆଜିର ଜେନ୍-ଜେଡ୍‌ଙ୍କ ଯୁଗରେ ପ୍ରେମପ୍ରଣୟର କବି ଡକ୍ଟର ମାୟାଧର ମାନସିଂହ ଯଦି ଆୟୁଷ୍ମାନ ଥା’ନ୍ତେ ତେବେ ଆରମ୍ଭ ହୋଇସାରିଥିବା ପ୍ରେମ-ମିଳନର ଅତ୍ୟାଧୁନିକ ଧାରା ‘ଶ୍ମଶାନରେ ଅଭିସାର’(ଗ୍ରେଭ୍‌ୟାର୍ଡ ଡେଟିଂ)କୁ କେଉଁ ଦୃଷ୍ଟିକୋଣରେ ପରଖିଥା’ନ୍ତେ ତାହା ଅନୁମାନ କରିବା କଷ୍ଟକର; କିନ୍ତୁ ‘ଧୂପ’ କବିତା ସଂକଳନରେ ‘ଆଷାଢ଼-ଅଭିସାର’ ପରେ ‘ଶ୍ମଶାନ-ଅଭିସାର’ ଶୀର୍ଷକରେ ବୋଧହୁଏ ଆଉ ଏକ ସନେଟ୍ ସ୍ଥାନିତ କରିବାର ସୁଯୋଗ ଆଦୌ ସେ ହାତଛଡ଼ା କରି ନ ଥା’ ନ୍ତେ। ସେହିପରି ଯଦି ଆଜିର ଦିନରେ ଯଦି ସବୁଜଯୁଗର ଅନ୍ୟତମ ପ୍ରତିଷ୍ଠାତା ଅନ୍ନଦା ଶଙ୍କର ରାୟଙ୍କ ଲେଖନୀ ଚଳଚଞ୍ଚଳ ଥା’ନ୍ତା ତେବେ ତାଙ୍କର କବିଦୃଷ୍ଟି ନିଶ୍ଚୟ ଭାବାନ୍ତର ଲାଗି ବିବଶ କରିଥା’ନ୍ତା ଏବଂ ହୁଏତ ‘ସୃଜନସ୍ୱପ୍ନ’ ଶୀର୍ଷକ କବିତାର ଏକ ପଂକ୍ତି - ‘ଏ ଲୋକେ ମୋର ବାସନା ଦଳ, ବ୍ୟର୍ଥ ବୃଥା ସିନା ସକଳ.../ ଯିବି ପଳାଇ ଦୂରେ, ସୁଦୂରେ ସ୍ୱପନ ଲୋକେ ଗୋପନ ପୁରେ.../ ଯୌବନର ଝରଣା କୂଳେ, ମଳୟ ଯହିଁ ନିୟତ ବୁଲେ...’ରେ ଅଭିସାରର ସ୍ୱପ୍ନ-ସ୍ଥାନ ଭାବେ ‘ଶ୍ମଶାନ’ ଶବ୍ଦଟି ସ୍ଥାନ ପାଇଥା’ନ୍ତା।

ସାହିତ୍ୟର ଉଦ୍ଧୃତିରୁ ଅବତରିତ ଏହି ଆମୋଦଦାୟକ ପ୍ରସଙ୍ଗର ମନସ୍ତାତ୍ତ୍ୱିକ ଓ ସାମାଜିକ ଆବେଦନ କିନ୍ତୁ ଅତି ସମ୍ବେଦନଶୀଳ। ଅଧୁନା ଉଗ୍ର ଆଧୁନିକ ଯୁବପିଢ଼ି(ଜେନ୍ ଜେଡ୍)ଙ୍କ ମଧ୍ୟରେ ପ୍ରେମ-ମିଳନର ସ୍ଥଳ ଭାବେ ଶ୍ମଶାନ ପ୍ରଥମ ପସନ୍ଦ ପାଲଟିଛି। ଆମର ରୂଢ଼ିବାଦୀ ପରମ୍ପରାରେ ଅତି ଉଦ୍ଭଟ ଓ ଅବାନ୍ତର ମନେ ହେଉଥିବା ଏହି ମାନସିକତା କିନ୍ତୁ ଏକ ନୂଆ ଧାରାକୁ ଜନ୍ମ ଦେଇ କ୍ରମଶଃ ଆଦୃତ ହେବାରେ ଲାଗିଛି। ମଣିଷ ସବୁବେଳେ ଅଭିନବତାର ସନ୍ଧାନରେ ରହିଛି। ମାନବର ଏହି ଉଦ୍ଦାମ ଅଭିଳିପ୍‌ସାର ଜୟଯାତ୍ରାରୁ ଅନନ୍ତ ଆକାଶ, ଚନ୍ଦ୍ରପୃଷ୍ଠ, ଗ୍ରହ, ନକ୍ଷତ୍ର ଓ ସୌର ମଣ୍ଡଳରୁ ଅତଳ ସମୁଦ୍ର, ଦୁର୍ଗମ ଜଙ୍ଗଲ ଓ ଅତ୍ୟୁଚ୍ଚ ଗିରିଶୃଙ୍ଗ ମଧ୍ୟ ବାଦ୍ ପଡ଼ିନି। ଗତାନୁଗତିକ ଜୀବନଶୈଳୀରେ ବିରକ୍ତ ହୋଇ ନୂଆ କରି ଜୀବନ ଜିଇଁବାର ଶୈଳୀକୁ ମଣିଷ ଖୋଜିଛି ଏବଂ ପ୍ରାଗ୍-ଐତିହାସିକ ଜୀବନଚର୍ଯ୍ୟାକୁ ନୂଆ ଟ୍ରେଣ୍ଡ ବା ଧାରା ଭାବେ ଆଦରି ନେଇଛି। ଏହିକ୍ରମରେ ଯଦି ଜେନ୍-ଜେଡ୍ ଅଭିସାର ପାଇଁ ଶ୍ମଶାନ ଭଳି ନୂତନ ବିକଳ୍ପ ସ୍ଥାନକୁ ବାଛି ନେଇଛନ୍ତି ସେଥିରେ ବିଶେଷକିଛି ଆଶ୍ଚର୍ଯ୍ୟ ହେବାର ନାହିଁ।

ଯୁବପିଢ଼ିଙ୍କ ଏହି ଚିନ୍ତାଧାରାକୁ ନେଇ ଏବେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଓ ବିଶାରଦମାନେ ଭିନ୍ନ ଭିନ୍ନ ତର୍କମାନ ଉପସ୍ଥାପନ କଲେଣି। ଆମ ସାମାଜିକ ମାନସିକତା ମଧ୍ୟ ଏହାକୁ ନେଇ ଦୁଇଭାଗ ହୋଇଯାଇଛି। ରକ୍ଷଣଶୀଳ ଆମ ସାମାଜିକ ବ୍ୟବସ୍ଥା ଦୃଷ୍ଟିରେ ଶ୍ମଶାନ ସବୁବେଳେ ଭୟାତୁର, ଅପବିତ୍ର ଓ ଅବାଞ୍ଛିତ ହୋଇ ରହିଆସିଛି। ତେଣୁ ଯୁବପିଢ଼ିଙ୍କ ଏହି ଅପ୍ରତ୍ୟାଶିତ ମାନସିକତାକୁ ‘ଦୈବଛଡ଼ା’, ‘ଆଜିର ପିଲାଙ୍କୁ ଯମ ମଧ୍ୟ ପାରିବନି’ ଆଦି ଟିପ୍ପଣୀମାନ ଶୁଣିବାକୁ ମିଳୁଛି। ଅପରପକ୍ଷରେ ସମାଜବିଜ୍ଞାନୀ ଏବଂ ଜୈବ-ରସାୟନବିତ୍‌ମାନେ ଏହାକୁ ସମୟର ବିବର୍ତ୍ତନ ଏବଂ ହରମୋନ୍‌ର ଉତ୍ତରଣ ଭାବେ ବ୍ୟାଖ୍ୟା କରିଛନ୍ତି। ଅର୍ଥନୀତିଜ୍ଞମାନେ ‘ଗ୍ରେଭ୍‌ୟାର୍ଡ ଡେଟିଂ’କୁ ପ୍ରେମୀଯୁଗଳଙ୍କ ପାଇଁ ‘ସୁଲଭ’ ସୁଯୋଗ ଭାବେ ଆଖ୍ୟାୟିତ କରିଛନ୍ତି।

‘ଗ୍ରେଭ୍‌ୟାର୍ଡ ଡେଟିଂ’ କରୁଥିବା ପ୍ରେମୀଯୁଗଳଙ୍କ ମତରେ ସିନେମା ହଲ୍, କାଫେ, ସମୁଦ୍ର କୂଳ, ପାର୍କ, ଝରଣାକୂଳ, ପାହାଡ଼ ପାଦଦେଶ, କୃତ୍ରିମ ଅରଣ୍ୟ ଭଳି ସେହି ଗତାନୁଗତିକ ସ୍ଥାନ ଆଉ ଡେଟିଂ ପାଇଁ ନିର୍ଜନ କିମ୍ବା ସୁରକ୍ଷିତ ହୋଇରହିନାହିଁ। ସେହିସବୁ ସ୍ଥାନଗୁଡ଼ିକ ଏତେ କୋଳାହଳମୟ ଯେ ହୃଦୟର ନିଭୃତ ଭାବନାକୁ ଆନ୍ତରିକତାର ସହ ପରିପ୍ରକାଶ କରିବାରେ ସ୍ୱାଭାବିକତା ରହୁନାହିଁ। ତୁଳନାତ୍ମକ ଭାବେ ଅଭିସାର ପାଇଁ ଶ୍ମଶାନ/କବରସ୍ଥାନ/ସମାଧି ସ୍ଥଳଗୁଡ଼ିକ ଅଧିକ ସୁରକ୍ଷିତ ଓ ନିର୍ଜନ। ସେଠାରେ ଶାନ୍ତିରେ ଏପରିକି ନିରବରେ ମଧ୍ୟ ଜଣେ ଅନ୍ୟର ମନର କଥାକୁ ହୃଦୟର ସହ ଗ୍ରହଣ କରିପାରୁଛି। ଜୀବନ ଓ ଭବିଷ୍ୟତକୁ ଭଲ ଭାବରେ ବୁଝିବା ପାଇଁ ‘ଗ୍ରେଭ୍‌ୟାର୍ଡ ଡେଟିଂ’ଠାରୁ ଭଳି ଉତ୍ତମ ବିକଳ୍ପ ଆଉ ନାହିଁ। ଏଭଳି ସ୍ଥାନରେ ପ୍ରେମୀଯୁଗଳ ପରସ୍ପରର ଆର୍ଥିକ ସ୍ୱଚ୍ଛଳତା ବା ଧନସମ୍ପଦର ପ୍ରାବଲ୍ୟ ବଦଳରେ ମନର ସ୍ୱଚ୍ଛତାକୁ ଅଧିକ ବାରି ପାରୁଛନ୍ତି।

ଅଭିନବତାର ଅନ୍ୱେଷଣ ସ୍ୱାଗତଯୋଗ୍ୟ; କିନ୍ତୁ ଆମ ସମାଜରେ ଆଜି ମଧ୍ୟ ଏଭଳି ଅନେକ ଅଲିଖିତ ନିଷିଦ୍ଧ ଇଲାକାରେ ଶାଳୀନ, ସଂଯମ ଓ ଶୃଙ୍ଖଳାର ଲକ୍ଷ୍ମଣରେଖାମାନ ରହିଛି, ଯାହାର ଉଲ୍ଲଘଂନ ଅବାଞ୍ଛିତ ଓ ଅଗ୍ରହଣୀୟ। ସେଥିମଧ୍ୟରୁ ଜୀବନ-ମୃତ୍ୟୁର ଅନେକ ଗୂଢ଼ ରହସ୍ୟଭରା ଶ୍ମଶାନ ଅନ୍ୟତମ। ଇତିମଧ୍ୟରେ ‘ଗ୍ରେଭ୍‌ୟାର୍ଡ ଡେଟିଂ’ ପାଇଁ କେତେକ କଟକଣା ବା ନିୟମାବଳୀ ଗୃହୀତ ହୋଇଗଲାଣି। ଯେପରିକି ଉଚ୍ଚ ସ୍ୱରରେ ବାର୍ତ୍ତାଳାପ, ଦାହ ସଂସ୍କାର ହେଉଥିବା ସ୍ଥାନରୁ ଯଥାସମ୍ଭବ ଦୂରେଇ ରହିବା ଇତ୍ୟାଦି। କିନ୍ତୁ ଶ୍ମଶାନ ଯଦି ଅଭିସାର ସ୍ଥଳର ବିକଳ୍ପ ରୂପେ ସ୍ୱୀକୃତ ଓ ଆଦୃତ ହୋଇଚାଲେ ତେବେ ତାହା ସାମାଜିକ ଗୁରୁତ୍ୱ ଓ ସ୍ୱତନ୍ତ୍ରତା ହରାଇ ବସିବ। ଏହି ଟ୍ରେଣ୍ଡ ବା ଧାରାର ଗତି ଯେତେ ବେଗଗାମୀ ହେବ ସେତେଶୀଘ୍ର ଶ୍ମଶାନର ଶାନ୍ତ ଓ ନିର୍ଜନ ପରିବେଶ କୋଳାହଳମୟ ହୋଇଉଠିବ। ଚାରିପାଖରେ ଭଳିକି ଭଳି ଖାଦ୍ୟ ସାମଗ୍ରୀର ପସରାମାନେ ଖୋଲିବ।

ପ୍ରକୃତି ଏଭଳି କିଛି ଅପହଞ୍ଚ ଇଲାକା ଧରି ରଖିଛି ଯାହାକୁ ବିଜ୍ଞାନ ମଧ୍ୟ ଭେଦ କରିପାରିନାହିଁ। ସେହିସବୁ ଅଞ୍ଚଳରେ ବଳପୂର୍ବକ ପ୍ରବେଶ ଓ ଲକ୍ଷଣରେଖାର ଉଲ୍ଲଘଂନ ବିପତ୍ତିକୁ ଡାକି ଆଣିଛି। ତେଣୁ ‘ଗ୍ରେଭ୍‌ୟାର୍ଡ ଡେଟିଂ’ କେତେ ସ୍ପୃହଣୀୟ ତାହା ‘ଜେନ୍- ଜେଡ୍’ ପାଇଁ ପୁନଃବିଚାର୍ଯ୍ୟ। ଏ ସବୁର ଊର୍ଦ୍ଧ୍ୱରେ ନୈତିକ ବିଜଡ଼ିତ ପ୍ରଶ୍ନଟିଏ ଉଠୁଛି - ‘ଗ୍ରେଭ୍‌ୟାର୍ଡ ଡେଟିଂ’ କେତେ ବିବେକାନୁମୋଦିତ। ଏହାର ଚମତ୍କାର ଉତ୍ତର ସାହିତ୍ୟିକମାନେ ଦେଇଛନ୍ତି। ସେମାନଙ୍କ ମତରେ ଭାବପ୍ରବଣତା ବିନା ମଣିଷର ଜୀବନ ମୂଲ୍ୟହୀନ। କଳ୍ପନାର ପ୍ରବଣତା କେତେବେଳେ ଜଣେ ବ୍ୟକ୍ତିକୁ ଅପ୍‌ସରା ରାଇଜକୁ ନେଇଯାଏ, ପୁଣି ଶ୍ମଶାନର ଭୂମିକୁ ଚୁମ୍ବନ କରେ। ଯେଉଁ ସ୍ଥାନ ଜୀବନର ଯବନିକାକୁ ଅପେକ୍ଷା କରିଛି ତାହା ହିଁ ସଂସାରର ଧ୍ରୁବସତ୍ୟ। ମଙ୍ଗଳମୟ ସତ୍ୟ ଓ ସୁନ୍ଦରର ପ୍ରତୀକ ଶିବ ତ ପୁଣି ଶ୍ମଶାନନିବାସୀ! ତେଣୁ ଦାମ୍ପତ୍ୟ ବା ପାରିବାରିକ ଜୀବନର ଅୟମାରମ୍ଭ ସେହି ଧ୍ରୁବସତ୍ୟର ଉଦ୍‌ଘୋଷଣା କରୁଥିବା ଭୂମିରୁ ଆରମ୍ଭ ହେଲେ କ୍ଷତି କ’ଣ? ବରଂ ଜୀବନକୁ ଅଧିକ ଭଲ ଭାବରେ ବୁଝିବା ଓ ସାଂସାରିକ ଅନୁଭବକୁ ଉପଲବ୍ଧି କରିବାରେ ଶ୍ମଶାନ ହିଁ ବାସ୍ତବ ମାର୍ଗଦର୍ଶକ। ଏହି ତର୍କ ଉପସ୍ଥାପନ କଲା ବେଳେ ସାହିତ୍ୟିକମାନେ ଓଡ଼ିଆ ସାହିତ୍ୟର ସେହି କାଳଜୟୀ ପଂକ୍ତିଟିକୁ ଉଦ୍ଧୃତ କରିବାକୁ ଭୁଲି ନାହାନ୍ତି, ଯେଉଁଠାରେ ଡ. ମାୟାଧର ମାନସିଂହ କହିଛନ୍ତି - ‘ଶୁଣିବ ଯେବେ ପ୍ରିୟା ଗୋ ମୋର ପ୍ରଣୟୀ ତବ ଜଗତେ ନାହିଁ, ଆସିବ ମୋର ଭସ୍ମ ପାଶେ ଦେବ ହେ ତାରେ ଦେହର ଛାଇ / ପାରିବ ଯଦି ଭସ୍ମ ପରେ ପଦ୍ମପାଦ ଚାଲିବ ଧୀରେ, ଜୀବନ ପୁଣି ଲଭିବି ସଖି ନିଶ୍ଚୟ ମୁଁ ମରଣ-ତୀରେ। ତେଣୁ ମାନବ ଜୀବନ ସହିତ ଶ୍ମଶାନର ଆକର୍ଷଣ ଦୁର୍ବାର; ଏହାକୁ ଜେନ୍-ଜେଡ୍ ‘ଗ୍ରେଭ୍‌ୟାର୍ଡ ଡେଟିଂ’ ଭାବରେ ଏକ ନୂଆ ପରିଭାଷାରେ ପରିଚିତ କରିଛନ୍ତି ମାତ୍ର।

# ସାମାଜିକ ଗଣମାଧ୍ୟମ ଓ ସାମାଜିକ ଅସ୍ଥିରତା

**ତ୍ରିନାଥ ନନ୍ଦୀ**

ଆଜି ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିର ବିକାଶ ଯେପରି ଏକ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିଛି, ସେହିପରି ଏହା ନୂତନ ସମସ୍ୟା ଓ ଆହ୍ୱାନକୁ ମଧ୍ୟ ଜନ୍ମ ଦେଇଛି। ଆଜି ମଣିଷର ହାତରେ ଥିବା ଏକ ଛୋଟ ସ୍ମାର୍ଟଫୋନ କେବଳ କଥାବାର୍ତ୍ତାର ମାଧ୍ୟମ ନୁହେଁ, ବରଂ ଏହା ଜଗତର ଦ୍ୱାର ଉନ୍ମୋଚନ କରିଛି। ଫେସବୁକ, ହ୍ୱାଟ୍‌ସଆପ୍, ଏକ୍ସ (ପୂର୍ବତନ ଟ୍ୱିଟର), ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ, ଟେଲିଗ୍ରାମ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ଆଜି ବ୍ୟକ୍ତିଜୀବନ, ପରିବାର, ସମାଜ, ରାଜନୀତି, ଅର୍ଥନୀତି ଓ ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଂଶ ପାଲଟି ଯାଇଛି। ଏହି ମାଧ୍ୟମଗୁଡ଼ିକ ଯେଉଁଠାରେ ସୂଚନାର ଗଣତନ୍ତ୍ରୀକରଣ କରିଛି, ସେଠାରେ ଏହାର ଅପବ୍ୟବହାର ସମାଜରେ ବିଭିନ୍ନ ପ୍ରକାରର ଅସ୍ଥିରତା, ଅବିଶ୍ୱାସ, ବିଭାଜନ ଓ ସଂଘର୍ଷର ମୂଳକାରଣ ହୋଇ ଉଭା ହୋଇଛି।

ସାମାଜିକ ଗଣମାଧ୍ୟମର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ଦ୍ରୁତତା। ଆଜିର ବ୍ୟକ୍ତିଗତ ସାମାଜିକ ଗଣମାଧ୍ୟମର ପ୍ରଚାର ପ୍ରସାର ପାଇଁ ଥିବା ସ୍ୱାଧୀନତା ମାଧ୍ୟମରେ କୌଣସି ସୂଚନା, ଫଟୋ, ଭିଡିଓ କିମ୍ବା ମତାମତ କିଛି ସେକେଣ୍ଡ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିଯାଏ। କିନ୍ତୁ ଏହି ଦ୍ରୁତତା ଅନେକ ସମୟରେ ଯାଞ୍ଚ ଓ ସତ୍ୟତାର ପ୍ରକ୍ରିୟାକୁ ପଛକୁ ଠେଲି ଦିଏ। ଫଳରେ ଭୁଲ ଖବର, ଅର୍ଦ୍ଧସତ୍ୟ, ଗୁଜବ ଏବଂ ଉଦ୍ଦେଶ୍ୟମୂଳକ ଭ୍ରାନ୍ତ ସୂଚନା ଦ୍ରୁତ ଭାବରେ ପ୍ରଚାରିତ ହୁଏ। ଯେତେବେଳେ କୌଣସି ଗୁଜବ ଧର୍ମ, ଜାତି, ଭାଷା କିମ୍ବା ସମ୍ପ୍ରଦାୟ ଭଳି ସମ୍ବେଦନଶୀଳ ବିଷୟ ସହିତ ଜଡ଼ିତ ହୁଏ, ସେତେବେଳେ ତାହାର ପ୍ରଭାବ ଅତ୍ୟନ୍ତ ଭୟଙ୍କର ହୋଇପାରେ। ଅନେକ ସମୟରେ ଦେଖାଯାଇଛି ଯେ ଏକ ପୁରୁଣା ଭିଡିଓକୁ ନୂତନ ଘଟଣା ବୋଲି ପ୍ରଚାର କରାଯାଇଛି କିମ୍ବା ଅନ୍ୟ ଦେଶର ଦୃଶ୍ୟକୁ ସ୍ଥାନୀୟ ଘଟଣା ବୋଲି ଦେଖାଇ ଲୋକଙ୍କ ଭାବନାକୁ ଉତ୍ତେଜିତ କରାଯାଇଛି। ଏହାର ପରିଣାମରେ ସମାଜରେ ଉତ୍ତେଜନା, ଅବିଶ୍ୱାସ ଓ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି।

ଅନେକ ଘଟଣା ପ୍ରମାଣ କରିଛି ଯେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଭ୍ରାନ୍ତ ସୂଚନା କେବଳ ବ୍ୟକ୍ତିଗତ କ୍ଷତି ଘଟାଏ ନାହିଁ, ବରଂ ସମଗ୍ର ସାମାଜିକ ବ୍ୟବସ୍ଥାକୁ ଅସ୍ଥିର କରିଦିଏ। ଅନେକ ଲୋକ ସୂଚନାର ସତ୍ୟତା ଯାଞ୍ଚ ନକରି କେବଳ ଆବେଗ କିମ୍ବା ପକ୍ଷପାତର ବଶବର୍ତ୍ତୀ ହୋଇ ତାହାକୁ ଆଗକୁ ପଠାଇ ଦିଅନ୍ତି। ଏଭଳି ଭାବରେ ଗୁଜବର ଏକ ଶୃଙ୍ଖଳ ସୃଷ୍ଟି ହୁଏ, ଯାହା ଶେଷରେ ସାମାଜିକ ଶାନ୍ତିକୁ ବିପନ୍ନ କରିଥାଏ। ଏହି ପ୍ରକ୍ରିୟାରେ ସତ୍ୟ ଅନେକ ସମୟରେ ପଛରେ ରହିଯାଏ ଏବଂ ମିଥ୍ୟା ଲୋକମାନଙ୍କ ମନରେ ସ୍ଥାୟୀ ପ୍ରଭାବ ପକାଇଦିଏ। ଗୋଷ୍ଠୀଗତ ଚାପ ଦ୍ୱାରା ମିଥ୍ୟା ମଧ୍ୟ ସତ୍ୟର ଆସନ ଗ୍ରହଣ କରେ। ସାମାଜିକ ଅସ୍ଥିରତାର ଆଉ ଏକ ମୁଖ୍ୟ କାରଣ ହେଉଛି ଘୃଣାମୂଳକ ବକ୍ତବ୍ୟ ଓ ବିଭାଜନକାରୀ ପ୍ରଚାର। ସାମାଜିକ ଗଣମାଧ୍ୟମରେ ଅନେକ ବ୍ୟକ୍ତି ଏବଂ ଗୋଷ୍ଠୀ ନିଜ ନିଜ ସ୍ୱାର୍ଥ ସାଧନ ପାଇଁ ସମାଜରେ ବିଦ୍ୟମାନ ଭେଦଭାବକୁ ଉସକାଇବାର ଚେଷ୍ଟା କରନ୍ତି। ଧର୍ମ, ଜାତି, ଭାଷା, ଅଞ୍ଚଳ କିମ୍ବା ରାଜନୈତିକ ମତଭେଦକୁ ଆଧାର କରି ଏପରି ବିଷୟବସ୍ତୁ ପ୍ରଚାର କରାଯାଏ, ଯାହା ଲୋକମାନଙ୍କ ମଧ୍ୟରେ ସନ୍ଦେହ ଓ ଶତ୍ରୁତା ବଢ଼ାଇଥାଏ। ସମାଜର ସ୍ୱାଭାବିକ ସହାବସ୍ଥାନକୁ ନଷ୍ଟ କରିବାରେ ଏପରି ପ୍ରଚାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଫଳସ୍ୱରୂପ ସାମାଜିକ ସଂହତି ଦୁର୍ବଳ ହୋଇପଡ଼େ।

ସାମାଜିକ ଗଣମାଧ୍ୟମରେ ଯାହା ସ୍ୱଳ୍ପ ଲୋକପ୍ରିୟ ହୁଏ ତା’କୁ ଅଧିକ ଲୋକପ୍ରିୟ କରିବା ଆଳରେ ଅନ୍ୟ ପାଇଁ ସୂଚିତ କରି ପରସି ଦେଇଥାଏ। ଏହାଦ୍ୱାରା ସନ୍ତୁଳିତ ଓ ଯୁକ୍ତିନିଷ୍ଠ ବିଷୟବସ୍ତୁ ତୁଳନାରେ ବିବାଦସ୍ପଦ, ଉତ୍ତେଜନାମୂଳକ ଓ ଆବେଗପୂର୍ଣ୍ଣ ପୋଷ୍ଟ ଅଧିକ ଲୋକପ୍ରିୟ ହୋଇଯାଏ। ଏହା ଏକପ୍ରକାର ‘ଇକୋ ଚାମ୍ବର’ ସୃଷ୍ଟି କରେ, ଯେଉଁଠାରେ ଲୋକମାନେ କେବଳ ନିଜ ବିଶ୍ୱାସକୁ ସମର୍ଥନ କରୁଥିବା ମତାମତ ଦେଖନ୍ତି ଏବଂ ବିପରୀତ ମତକୁ ଶତ୍ରୁ ବୋଲି ଭାବିବାକୁ ଲାଗନ୍ତି। ଏହି ପ୍ରବୃତ୍ତି ଗଣତାନ୍ତ୍ରିକ ଆଲୋଚନାକୁ ଦୁର୍ବଳ କରିଥାଏ ଏବଂ ସମାଜରେ ଧ୍ରୁବୀକରଣ ବୃଦ୍ଧି କରେ।

ଏହାଛଡ଼ା ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ମତ ପ୍ରକାଶର ସ୍ୱାଧୀନତାକୁ ଅନେକ ସମୟରେ ଦାୟିତ୍ୱହୀନତା ସହ ଗୋଳାଇ ଦିଆଯାଏ। ଗଣତନ୍ତ୍ରରେ ମତପ୍ରକାଶର ସ୍ୱାଧୀନତା ଏକ ମୌଳିକ ଅଧିକାର, କିନ୍ତୁ ଏହା ସହିତ ସାମାଜିକ ଦାୟିତ୍ୱ ମଧ୍ୟ ଜଡ଼ିତ। ଦୁର୍ଭାଗ୍ୟବଶତଃ ଅନେକ ବ୍ୟବହାରକାରୀ ଏହି ଦାୟିତ୍ୱକୁ ଅନୁଭବ କରନ୍ତି ନାହିଁ। ଅପମାନଜନକ ଭାଷା, ବ୍ୟକ୍ତିଗତ ଆକ୍ରମଣ, ଟ୍ରୋଲିଂ, ଚରିତ୍ରହାନି ଓ ଅଶ୍ଳୀଳ ମନ୍ତବ୍ୟ ଆଜି ସାମାଜିକ ଗଣମାଧ୍ୟମର ଏକ ସାଧାରଣ ଦୃଶ୍ୟ ପାଲଟି ଯାଇଛି। ଆଉ ଏକ ଗୁରୁତର ସମସ୍ୟା ହେଉଛି ପ୍ରଯୁକ୍ତିର ଉନ୍ନତି ସହିତ ଏବେ ଏପରି ଭିଡିଓ କିମ୍ବା ଚିତ୍ର ତିଆରି କରିବା ସମ୍ଭବ ହୋଇଛି, ଯାହା ଦେଖି ସାଧାରଣ ଲୋକ ସହଜରେ ଭ୍ରମିତ ହୋଇପାରନ୍ତି। ଏହି ପ୍ରକାରର ଭ୍ରମାତ୍ମକ ସାମଗ୍ରୀ ସାମାଜିକ ଅସ୍ଥିରତାକୁ ଆହୁରି ବଢ଼ାଇପାରେ। କାରଣ ଲୋକମାନେ ଆଖିରେ ଦେଖିଥିବା ଜିନିଷକୁ ସହଜରେ ସତ୍ୟ ବୋଲି ବିଶ୍ୱାସ କରିଥା’ନ୍ତି। ଯୁବପିଢ଼ି ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ମଧ୍ୟ ଚିନ୍ତାଜନକ। ସୂଚନାର ଅତ୍ୟଧିକ ପ୍ରବାହ ଓ ନିରନ୍ତର ଡିଜିଟାଲ ସଂପୃକ୍ତତା ଅନେକ ଯୁବକ/ଯୁବତୀଙ୍କୁ ମାନସିକ ଭାବରେ ଅସ୍ଥିର କରୁଛି। ଅନଲାଇନ୍ ଲୋକପ୍ରିୟତାର ମୋହ, ଭାଇରାଲ ହେବାର ପ୍ରତିଯୋଗିତା ଏବଂ ଅନ୍ୟମାନଙ୍କ ସହ ନିଜକୁ ତୁଳନା କରିବାର ପ୍ରବୃତ୍ତି ସେମାନଙ୍କ ମନରେ ଚାପ ସୃଷ୍ଟି କରୁଛି। ଏହା ସାମାଜିକ ସମ୍ପର୍କରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଉଛି।

ତେବେ ଏହା କହିବା ଭୁଲ ହେବ ଯେ ସାମାଜିକ ଗଣମାଧ୍ୟମ କେବଳ ଅସ୍ଥିରତାର କାରଣ। ବାସ୍ତବରେ ଏହା ଏକ ଶକ୍ତିଶାଳୀ ଉପକରଣ। ଏହାର ବ୍ୟବହାର ଉପରେ ନିର୍ଭର କରେ - ଏହା ସମାଜକୁ ଗଢ଼ିବ କି ଭାଙ୍ଗିବ। ଅନେକ ସମୟରେ ସାମାଜିକ ଗଣମାଧ୍ୟମ ଦୁଃସମୟରେ ସହାୟତା ପହଞ୍ଚାଇବା, ରକ୍ତଦାନ, ଶିକ୍ଷା ପ୍ରସାର, ସାମାଜିକ ସଚେତନତା ଏବଂ ଗଣତାନ୍ତ୍ରିକ ଆଲୋଚନାର ଏକ ପ୍ରଭାବଶାଳୀ ମଞ୍ଚ ଭାବରେ ମଧ୍ୟ କାମ କରିଛି। ସମସ୍ୟାଟି ମାଧ୍ୟମରେ ନୁହେଁ, ବରଂ ତାହାର ଦାୟିତ୍ୱହୀନ ବ୍ୟବହାରରେ ରହିଛି। ସାମାଜିକ ଅସ୍ଥିରତାକୁ ରୋକିବା ପାଇଁ ସରକାର, ଗଣମାଧ୍ୟମ ସଂସ୍ଥା, ଶିକ୍ଷାନୁଷ୍ଠାନ, ପ୍ରଯୁକ୍ତି କମ୍ପାନୀ ଏବଂ ସାଧାରଣ ନାଗରିକ ସମସ୍ତଙ୍କର ସମାନ ଭୂମିକା ରହିଛି। ସର୍ବପ୍ରଥମେ ଡିଜିଟାଲ ସାକ୍ଷରତାର ବିକାଶ ଆବଶ୍ୟକ। ଯେକୌଣସି ସୂଚନାକୁ ଅନ୍ଧ ଭାବରେ ବିଶ୍ୱାସ କରିବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବା କେତେ ଜରୁରୀ, ତାହା ଲୋକମାନଙ୍କୁ ବୁଝାଇବାକୁ ପଡ଼ିବ। ସେହିପରି ସାମାଜିକ ଗଣମାଧ୍ୟମ କମ୍ପାନୀମାନଙ୍କୁ ଭ୍ରାନ୍ତସୂଚନା, ଘୃଣାମୂଳକ ବିଷୟବସ୍ତୁ ଏବଂ ହିଂସା ଉସକାଉଥିବା ପୋଷ୍ଟ ବିରୋଧରେ ଅଧିକ ସକ୍ରିୟ ହେବାକୁ ପଡ଼ିବ।

ସାମାଜିକ ଗଣମାଧ୍ୟମ ଆଜିର ସମାଜର ଏକ ଅନିବାର୍ଯ୍ୟ ବାସ୍ତବତା। ଏହାକୁ ଏଡ଼ାଇ ଯିବା ସମ୍ଭବ ନୁହେଁ, କିନ୍ତୁ ଏହାକୁ ସୁସ୍ଥ ଓ ଦାୟିତ୍ୱଶୀଳ ଭାବରେ ବ୍ୟବହାର କରିବା ସମ୍ଭବ। ଯଦି ଆମେ ସଚେତନ ନହେବା, ତେବେ ଏହି ମାଧ୍ୟମ ସମାଜରେ ଅବିଶ୍ୱାସ, ଘୃଣା ଓ ଅସ୍ଥିରତାର ଅଗ୍ନିକୁ ଆହୁରି ପ୍ରଜ୍ୱଳିତ କରିବ। କିନ୍ତୁ ଯଦି ଆମେ ସତ୍ୟ, ସହିଷ୍ଣୁତା, ଯୁକ୍ତିବୋଧ ଓ ଦାୟିତ୍ୱବୋଧ ସହ ଏହାକୁ ବ୍ୟବହାର କରିବା, ତେବେ ଏହା ସାମାଜିକ ସମ୍ପ୍ରୀତି, ଜ୍ଞାନ ବିସ୍ତାର ଏବଂ ମାନବିକ ମୂଲ୍ୟବୋଧର ବିକାଶରେ ଏକ ଅସାଧାରଣ ମାଧ୍ୟମ ହୋଇପାରିବ। ସମାଜର ସ୍ଥିରତା ଏବଂ ଗଣତନ୍ତ୍ରର ସୁସ୍ଥ ବିକାଶ ପାଇଁ ଆମ ସମସ୍ତଙ୍କୁ ଏହି ଦାୟିତ୍ୱବୋଧକୁ ଅନୁଭବ କରିବାକୁ ହେବ। ସାମାଜିକ ଗଣମାଧ୍ୟମ ଶେଷ ପର୍ଯ୍ୟନ୍ତ ମଣିଷର ହାତରେ ଥିବା ଏକ ଶକ୍ତିଶାଳୀ ଆଇନା। ସେଥିରେ ସମାଜର ମୁହଁ ଯେପରି ଦେଖାଯିବ, ତାହା ନିର୍ଭର କରିବ ଆମେ ସେହି ଆଇନାକୁ କିପରି ବ୍ୟବହାର କରୁଛୁ।

ଜଳେଶ୍ୱର(ବାଲେଶ୍ୱର), ମୋ: ୮୧୧୮୦୪୦୩୯୦

# ଭାରତରେ ନୋବେଲ ପୁରସ୍କାର ବିଜେତା ସୀମିତ କାହିଁକି?

**ବିଦ୍ୟାଧର ମହାରଣା**

ନୋବେଲ ପୁରସ୍କାର ବିଶ୍ୱର ସର୍ବୋଚ୍ଚ ଓ ସର୍ବାଧିକ ସମ୍ମାନଜନକ ପୁରସ୍କାରମାନଙ୍କ ମଧ୍ୟରୁ ଅନ୍ୟତମ। ବିଜ୍ଞାନ, ସାହିତ୍ୟ, ଶାନ୍ତି ଓ ମାନବ କଲ୍ୟାଣ କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ଏହି ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯାଏ। ସ୍ୱିଡେନର ବୈଜ୍ଞାନିକ ଓ ଶିଳ୍ପପତି ଆଲଫ୍ରେଡ୍ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ୧୯୦୧ ମସିହାରୁ ଏହି ସମ୍ମାନଜନକ ପୁରସ୍କାର ବିଶ୍ୱରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଦାନ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଭୌତିକ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ତତ୍ତ୍ୱ ବା ଚିକିତ୍ସା ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ଏହି ପୁରସ୍କାର ଦିଆଯାଉଥିଲା। ୧୯୬୯ ମସିହାରେ ଅର୍ଥନୀତିକୁ ଏଥିରେ ଯୋଡ଼ାଯାଇଥିଲା। ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ଆଲଫ୍ରେଡ୍ ନୋବେଲଙ୍କ ମୃତ୍ୟୁଦିବସରେ ଏହି ପୁରସ୍କାର ପ୍ରଦାନ କରାଯାଏ।

ନୋବେଲ ପୁରସ୍କାର କେବଳ ଏକ ସମ୍ମାନ ନୁହେଁ, ଏହା ମାନବ ସମାଜ ପାଇଁ ଅସାଧାରଣ ସେବା, ସୃଜନଶୀଳତା ଓ ଜ୍ଞାନର ସ୍ୱୀକୃତି। ଏହି ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନେ ବିଶ୍ୱସ୍ତରରେ ପ୍ରେରଣାର ଉତ୍ସ ହୋଇଥା’ନ୍ତି। ଆଜିର ଯୁଗରେ ନୋବେଲ ପୁରସ୍କାର ବିଶ୍ୱର ସର୍ବୋତ୍କୃଷ୍ଟ ପ୍ରତିଭା ଏବଂ ମାନବ ସେବାକୁ ସମ୍ମାନିତ କରିବାର ଏକ ମହାନ ମାଧ୍ୟମ। ଏହା ମଣିଷମାନଙ୍କୁ ନୂତନ ଆବିଷ୍କାର, ସୃଜନଶୀଳ ଚିନ୍ତାଧାରା ଏବଂ ମାନବ କଲ୍ୟାଣ ପାଇଁ କାମ କରିବାକୁ ପ୍ରେରିତ କରେ। ତେଣୁ ନୋବେଲ ପୁରସ୍କାରର ମହତ୍ତ୍ୱ ଓ ଗରିମା ସମଗ୍ର ବିଶ୍ୱରେ ଅତୁଳନୀୟ। ୨୦୨୫ ସୁଦ୍ଧା ବିଶ୍ୱରେ ୬୦୦ରୁ ଅଧିକ ନୋବେଲ ପୁରସ୍କାର ୧୦୦୦ରୁ ଅଧିକ ବ୍ୟକ୍ତି ଓ ସଂସ୍ଥାକୁ ପ୍ରଦାନ କରାଯାଇଛି। ମାରି କ୍ୟୁରି ଏକମାତ୍ର ମହିଳା ଭାବେ ଭୌତିକ ବିଜ୍ଞାନ (୧୯୦୩) ଓ ରସାୟନ ବିଜ୍ଞାନ (୧୯୧୧)ରେ ନୋବେଲ ପୁରସ୍କାର ପାଇଥିଲେ। ସମ୍ପ୍ରତି ପ୍ରତି ପୁରସ୍କାର ବାବଦରେ ଗୋଟିଏ ସ୍ୱର୍ଣ୍ଣପଦକ ସହିତ ପ୍ରାୟ ୮.୮ କୋଟି ଟଙ୍କା, ଯାହା ୧୧ ନିୟୁତ ସ୍ୱିଡେନ କ୍ରୋନର ଆକାରରେ ଦିଆଯାଏ। ଏ ଯାଏଁ ଯୁକ୍ତରାଷ୍ଟ୍ର ଆମେରିକା ସର୍ବାଧିକ ୪୨୦ ନୋବେଲ ପୁରସ୍କାର ହାସଲ କରିଥିବା ସ୍ଥଳେ ଇଂଲଣ୍ଡ ୧୪୫ ଓ ଜର୍ମାନୀ ୧୧୫ ପୁରସ୍କାର ପାଇଛି। ଭାରତ ମୋଟ ୧୩ ଟି ପୁରସ୍କାର ଏଯାଏଁ ପାଇଛି।

ଭାରତ ସହିତ ନୋବେଲ ପୁରସ୍କାରର ସମ୍ପର୍କ ମଧ୍ୟ ଗୌରବମୟ। ୧୯୧୩ ମସିହାରେ ରବୀନ୍ଦ୍ରନାଥ ଠାକୁର ସାହିତ୍ୟ କ୍ଷେତ୍ରରେ ନୋବେଲ ପାଇଥିବା ପ୍ରଥମ ଭାରତୀୟ ତଥା ପ୍ରଥମ ଏସିଆବାସୀ ଥିଲେ। ଏହାପରେ ସି. ଭି. ରମଣ (୧୯୩୦), ମଦର ଟେରେସା (୧୯୭୯), ସୁବ୍ରମଣ୍ୟମ ଚନ୍ଦ୍ରଶେଖର (୧୯୮୩), ଅମର୍ତ୍ତ୍ୟସେନ୍(୧୯୯୮), କୈଳାସସତ୍ୟାର୍ଥୀ(୨୦୧୪) ଓ ଅଭିଜିତ ବାନାର୍ଜୀ (୨୦୧୯) ନୋବେଲ ପୁରସ୍କାର ଲାଭ କରିଛନ୍ତି। ଭେଙ୍କି ରାମକ୍ରିଷ୍ଣନ୍ ୨୦୦୯ ମସିହାରେ ରସାୟନ ଶାସ୍ତ୍ରରେ ନୋବେଲ ପାଇଛନ୍ତି। ଭାରତରେ ଜନ୍ମିତ ହରଗୋବିନ୍ଦ ଖୁରାନା ୧୯୬୮ ମସିହାରେ ଆମେରିକୀୟ ନାଗରିକ ଭାବେ ନୋବେଲ ପୁରସ୍କାର ପାଇଥିଲେ। ମହାତ୍ମା ଗାନ୍ଧୀଙ୍କୁ ଅନେକଥର ନୋବେଲ ଶାନ୍ତି ପୁରସ୍କାର ପାଇଁ ନାମାଙ୍କିତ କରାଯାଇଥିଲେ ମଧ୍ୟ ସେ ଏହି ସମ୍ମାନ ପାଇପାରିନଥିଲେ, ଯାହା ଆଜି ମଧ୍ୟ ନୋବେଲ ଇତିହାସର ଏକ ଚର୍ଚ୍ଚିତ ବିଷୟ।

କୃଷି କ୍ଷେତ୍ରରେ ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ନୋବେଲ ପୁରସ୍କାର ନାହିଁ। ତଥାପି ୧୯୭୦ ମସିହାରେ ନର୍ମାନ ବୋରଲଗ୍ ସବୁଜ ବିପ୍ଳବରେ ତାଙ୍କ ଅବଦାନ ପାଇଁ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଥିଲେ। ଭାରତରେ ଡଃ ଏମ୍. ଏସ୍. ସ୍ୱାମୀନାଥନଙ୍କ ସହଯୋଗରେ ଉଚ୍ଚ ଅମଳକ୍ଷମ ଗହମ ଚାଷର ପ୍ରସାର ଖାଦ୍ୟ ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ହୋଇଥିଲା। କିନ୍ତୁ ପ୍ରଫେସର ସ୍ୱାମୀନାଥନ ନୋବେଲ ପୁରସ୍କାର ପାଇଁ ବିବେଚିତ ହେଲେ ନାହିଁ। ମାର୍କିନ ବୈଜ୍ଞାନିକା ରାଚେଲ କାର୍ସନ ନିରବ ବସନ୍ତ (ସାଇଲେଣ୍ଟ ସ୍ପ୍ରିଙ୍ଗ୍) ପୁସ୍ତକ ପାଇଁ ୧୯୬୨ ମସିହାରେ ନୋବେଲ ପୁରସ୍କାର ପାଇଥିଲେ। ଏହାଯୋଗୁଁ ବିଶ୍ୱରେ କୀଟନାଶକ ବିଷ ବ୍ୟବହାର କ୍ଷେତ୍ରରେ ନିୟନ୍ତ୍ରଣ ଆସିଥିଲା।

ଏତେ ବଡ଼ ଜନସଂଖ୍ୟା ଏବଂ ଗୌରବମୟ ଶିକ୍ଷା ପରମ୍ପରା ଥିବା ସତ୍ତ୍ୱେ ଭାରତରେ ନୋବେଲ ବିଜେତାଙ୍କ ସଂଖ୍ୟା କାହିଁକି ସୀମିତ? ଏହାପଛରେ ଅନେକ କାରଣ ରହିଛି। ପ୍ରଥମତଃ, ଗବେଷଣା ଓ ବିକାଶ କ୍ଷେତ୍ରରେ ଭାରତର ବିନିଯୋଗ ଉନ୍ନତ ଦେଶମାନଙ୍କ ତୁଳନାରେ କମ୍। ଦ୍ୱିତୀୟତଃ, ଉଚ୍ଚମାନର ଗବେଷଣା ଭିତ୍ତିଭୂମି ଓ ଆଧୁନିକ ପରୀକ୍ଷାଗାରର ଅଭାବ ଅନେକ ସମୟରେ ଗବେଷକମାନଙ୍କ କାର୍ଯ୍ୟକୁ ବାଧା ଦେଇଥାଏ। ତୃତୀୟତଃ, ଦକ୍ଷ ବୈଜ୍ଞାନିକ ଓ ଗବେଷକମାନଙ୍କର ବିଦେଶଗମନ ଦେଶର ଗବେଷଣା କ୍ଷମତାକୁ ପ୍ରଭାବିତ କରେ। ଏହାଛଡ଼ା ଆମର ଶିକ୍ଷା ବ୍ୟବସ୍ଥାରେ ମୌଳିକ ଚିନ୍ତନ ଓ ଗବେଷଣା ଅପେକ୍ଷା ପରୀକ୍ଷାମୁଖୀ ଅଧ୍ୟୟନକୁ ଅଧିକ ଗୁରୁତ୍ୱ ଦିଆଯାଏ। ଗବେଷଣା କ୍ଷେତ୍ରରେ ପ୍ରଶାସନିକ ଜଟିଳତା, ଦୀର୍ଘମିଆଦୀ ପ୍ରକଳ୍ପ ପାଇଁ ଅପର୍ଯ୍ୟାପ୍ତ ସହଯୋଗ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଗବେଷଣାର ସୀମିତ ପ୍ରଚାର ମଧ୍ୟ ଦାୟୀ। ଅମର୍ତ୍ତ୍ୟ ସେନ୍, ଅଭିଜିତ ବାନାର୍ଜୀ ଓ ହରଗୋବିନ୍ଦ ଖୁରାନାଙ୍କ ଭଳି ଅନେକ ପ୍ରତିଭା ବିଦେଶରେ ଉନ୍ନତ ଗବେଷଣା ପରିବେଶ ପାଇ ପ୍ରତିଭାର ପୂର୍ଣ୍ଣ ବିକାଶ କରିପାରିଥିଲେ।

ଭାରତରେ ପ୍ରତିଭାର ଅଭାବ ନାହିଁ। ଗବେଷଣା, ନବସୃଜନ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକ ବିନିଯୋଗ, ବିଶ୍ୱସ୍ତରୀୟ ଗବେଷଣା ଭିତ୍ତିଭୂମିର ବିକାଶ ଏବଂ ଯୁବ ପିଢ଼ିକୁ ମୌଳିକ ଚିନ୍ତନ ପାଇଁ ପ୍ରୋତ୍ସାହନ ଦିଆଗଲେ ଭବିଷ୍ୟତରେ ଅଧିକ ଭାରତୀୟ ନୋବେଲ ପୁରସ୍କାର ଅର୍ଜନ କରିପାରିବେ। ଶିକ୍ଷା ବ୍ୟବସ୍ଥାରେ ସୃଜନଶୀଳ ଚିନ୍ତାଧାରା, ଗବେଷଣା ଓ ନବସୃଜନକୁ ଅଧିକ ଗୁରୁତ୍ୱ ଦେବା ଦରକାର। କେବଳ ପରୀକ୍ଷାମୁଖୀ ଶିକ୍ଷା ନୁହେଁ, ବରଂ ଜିଜ୍ଞାସା ଓ ସମସ୍ୟା ସମାଧାନ କ୍ଷମତାକୁ ବିକଶିତ କରିବା ଆବଶ୍ୟକ। ଦ୍ୱିତୀୟତଃ, ବିଶ୍ୱବିଦ୍ୟାଳୟ ଓ ଗବେଷଣା ସଂସ୍ଥାନଗୁଡ଼ିକୁ ପର୍ଯ୍ୟାପ୍ତ ଅର୍ଥ, ଆଧୁନିକ ପରୀକ୍ଷାଗାର ଏବଂ ଉଚ୍ଚମାନର ଗବେଷଣା ପରିବେଶ ଯୋଗାଇବା ଦରକାର। ତୃତୀୟତଃ, ପ୍ରତିଭାଶାଳୀ ଯୁବ ଗବେଷକମାନଙ୍କୁ ଦେଶରେ ରହି କାମ କରିବା ପାଇଁ ଆକର୍ଷଣୀୟ ସୁଯୋଗ ଓ ପ୍ରୋତ୍ସାହନ ଦିଆଯିବା ଉଚିତ। ଚତୁର୍ଥତଃ, ଅନ୍ତର୍ଜାତୀୟ ସହଯୋଗ, ଜ୍ଞାନ ବିନିମୟ ଏବଂ ବହୁବିଷୟକ ଗବେଷଣାକୁ ଉତ୍ସାହିତ କରିବା ଦରକାର। ସେହିପରି ସାହିତ୍ୟ, ଶାନ୍ତି ଓ ସାମାଜିକ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ମୌଳିକ ଚିନ୍ତାଧାରା ଓ ବିଶ୍ୱମାନର କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଆବଶ୍ୟକ।

(ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦)

# ଗର୍ଦ୍ଦଭ ପୂଜନ ପରମ୍ପରା

**ଓଜସ୍ୱିନୀ**

ସବୁ ପଶୁପକ୍ଷୀଙ୍କ ମଧ୍ୟରେ ଗର୍ଦ୍ଦଭ ବା ଗଧକୁ ମୂର୍ଖତା ସହିତ ତୁଳନା କରାଯାଇ ନିକୃଷ୍ଟ ଦୃଷ୍ଟିକୋଣରେ ଦେଖାଯାଏ। ଇତର ପ୍ରାଣୀ ଭାବେ ଗଧକୁ ଅନେକଥର ମନୁଷ୍ୟର ମନ୍ଦ ବୁଦ୍ଧି ଓ ବିବେକ ସହିତ ମଧ୍ୟ ତୁଳନା କରାଯାଏ। ଗଧକୁ ନେଇ ବହୁତ ଆପ୍ତବାକ୍ୟ ରହିଛି। କିନ୍ତୁ ଭାରତୀୟ ଧର୍ମଧାରଣା ଓ ପରମ୍ପରା ଅନୁଯାୟୀ ମା’ କାଳରାତ୍ରି ଏବଂ ମାତା ଶୀତଳାଙ୍କ ବାହନ ଗଧକୁ ମଧ୍ୟ କେତେକ ସ୍ଥାନରେ ପୂଜାର୍ଚ୍ଚନା କରାଯାଉଥିବା ବେଳ ବିଦେଶୀୟ ପରମ୍ପରାରେ ମଧ୍ୟ ଗଧ ଆଦରଣୀୟ ଓ ସମ୍ମାନାସ୍ପଦ ହୋଇଛି।

ରାଜସ୍ଥାନର ବିକାନେର୍‌ଠାରେ ଶୀତଳା ସପ୍ତମୀ ଓ ଶୀତଳା ଅଷ୍ଟମୀରେ ଶୀତଳା ମାତାଙ୍କ ସହିତ ଗଧକୁ ବିଧିବିଧାନର ସହିତ ପୂଜା କରିବାର ପରମ୍ପରା ରହିଛି। ବିଶ୍ୱାସ ରହିଛି ଯେ ଗଧକୁ ପୂଜା କରିବା ଦ୍ୱାରା ମାତା ଶୀତଳାଙ୍କ କୃପା ପ୍ରାପ୍ତ ହୋଇଥାଏ, ଯାହାଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳେ। ମାତା ଶୀତଳାଙ୍କୁ ବାସିବ୍ୟଞ୍ଜନ ଭୋଗ ଲଗାଇବାର ପ୍ରଥା ରହିଛି। ତେଣୁ ମହିଳାମାନେ ସପ୍ତମୀ କିମ୍ବା ଅଷ୍ଟମୀ ପୂର୍ବଦିନରୁ ବ୍ୟଞ୍ଜନ ପ୍ରସ୍ତୁତ କରି ରଖନ୍ତି। ପୂଜା ଦିନ ସକାଳୁ ସ୍ନାନାଦି ସାରି ଶୁଦ୍ଧପୂତ ଭାବେ ମାତା ଶୀତଳାଙ୍କ ମନ୍ଦିରରେ ବ୍ୟଞ୍ଜନଗୁଡ଼ିକୁ ଭୋଗ ଲଗାଇବା ପରେ ଗଧମାନଙ୍କୁ ପୂଜାର୍ଚ୍ଚନା କରିଥା’ନ୍ତି। ଏହାପରେ ଗଧମାନଙ୍କୁ ମଧ୍ୟ ବିଭିନ୍ନ ବ୍ୟଞ୍ଜନ ଅର୍ପଣ କରାଯାଏ ଏବଂ ମାତା ଶୀତଳାଙ୍କ ଭୋଗକୁ ମହିଳାମାନେ ପ୍ରସାଦ ଭାବେ ସେବନ କରନ୍ତି। ମାତା ଶୀତଳା ଓ ଗଧଙ୍କ ଠାରେ ସମର୍ପିତ ଭୋଗକୁ ରୋଗୀ ସେବନ କଲେ ଶୀଘ୍ର ଅରୋଗ୍ୟଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଏହାବ୍ୟତୀତ ଭାରତର ଏଭଳି ଗୋଟିଏ ରାଜ୍ୟ ଅଛି, ଯେଉଁଠି ବର୍ଷର ଗୋଟିଏ ଦିନ ଗଧମାନଙ୍କୁ ବିଭିନ୍ନ ପ୍ରକାର ବସ୍ତ୍ର ଓ ଅଳଙ୍କାରରେ ସଜାଇ ପୂଜାର୍ଚ୍ଚନା କରାଯାଏ। ରାଜସ୍ଥାନର ଭିଲ୍‌ୱାଡ଼ା ଓ ଆଜମେର୍‌ରେ ବସବାସ କରୁଥିବା ମଣ୍ଡଲ ଅଞ୍ଚଳର କୁମ୍ଭାର ସମାଜର ଲୋକମାନେ ଦୀପାବଳୀ କିମ୍ବା ଗୋବର୍ଦ୍ଧନ ପୂଜାର ଦ୍ୱିତୀୟ ଦିନ ଗଧମାନଙ୍କୁ ପୂଜାର୍ଚ୍ଚନା କରିଥା’ନ୍ତି।

## ବିଚିତ୍ର ବିଶ୍ୱାସ

ଉକ୍ତଦିନ ଗଧଙ୍କୁ ବିଭିନ୍ନ ବସ୍ତ୍ର ଓ ଆଭୂଷଣରେ ସଜାଇ ତିଳକ ଲଗାଇ ଆଳତି କରାଯାଏ। ଏହାପରେ ଗଧଙ୍କ ଭିତରେ ଦୌଡ଼ ପ୍ରତିଯୋଗିତା ମଧ୍ୟ ଆୟୋଜନ ହୁଏ। ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗଧର ମାଲିକଙ୍କୁ ପୁରସ୍କୃତ କରାଯାଏ। ଏହାପଛରେ ବିଶ୍ୱାସ ରହିଛି ଯେ, ଗଧମାନେ ହେଉଛନ୍ତି କୁମ୍ଭାର ସମାଜର ଜୀବନଜୀବିକା ପାଇଁ ଏକ ମାଧ୍ୟମ। ମାଟି ଆଣିବାଠାରୁ ଆରମ୍ଭ କରି ମାଟିପାତ୍ର କିଣାବିକା କରିବା ପର୍ଯ୍ୟନ୍ତ ସେମାନେ ଗଧକୁ ନିଜର ସାଧନ ଭାବେ ଉପଯୋଗ କରିଥା’ନ୍ତି। ତେଣୁ ସେମାନେ ଗଧକୁ ଅନ୍ନଦାତା ଏବଂ ଧନ ଉପାର୍ଜନର ମାଧ୍ୟମ ମନେ କରି ତା’ ପ୍ରତି ନିଜର କୃତଜ୍ଞତା ବ୍ୟକ୍ତ କରିବା ପାଇଁ ପୂଜାର୍ଚ୍ଚନା କରିଥା’ନ୍ତି।

ବିଦେଶୀୟ ସଂସ୍କୃତିରେ ଗଧର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ଅଧିକାଂଶ ୟୁରୋପୀୟ ଦେଶ, ବିଶେଷଭାବେ ଗ୍ରୀସ୍ ଓ ଭୂମଧ୍ୟସାଗରୀୟ ଦେଶରେ, ଗଧକୁ ସାଂସ୍କୃତିକ ଲୋକକଥାର ଅଂଶ ଭାବେ ଗ୍ରହଣ କରାଯାଇଛି। ଲୋକକଥା ଅନୁସାରେ ଗଧକୁ ଲୋକମାନଙ୍କ ସେବା କରିବାର ବରଦାନ ପ୍ରଭୁ ଯିଶୁଖ୍ରୀଷ୍ଟ ଦେଇଛନ୍ତି। ବାଇବେଲ୍‌ରେ ଗଧ ଏକ ପବିତ୍ର ପଶୁ ଭାବେ ବର୍ଣ୍ଣିତ। ମାନ୍ୟତା ରହିଛି ଯେ, ମାତା ମରିୟମ୍ ଗଧ ପିଠିରେ ବସି ବେଥଲ୍‌ହମ୍ ଯାଇଥିଲେ ଏବଂ ପ୍ରଭୁ ଯିଶୁ ଗଧ ଉପରେ ବସି ଜେରୁଜେଲମ୍‌ରେ ପହଞ୍ଚିଥିଲେ। ତେଣୁ ଈଶାହି ଧର୍ମରେ ଗଧକୁ ସେବା, ବିନମ୍ରତା ଓ ଶାନ୍ତିର ପ୍ରତୀକ ଭାବେ ଗ୍ରହଣ କରାଯାଇ ବିଶେଷ ସମ୍ମାନ ପ୍ରଦାନ କରାଯାଇଥାଏ। ପ୍ରାଚୀନ ଇଜିପ୍ଟ ସଭ୍ୟତାରେ ଗଧକୁ ଧନ, ଉର୍ବରତା, ଜ୍ଞାନ ଓ ଐଶ୍ୱର୍ଯ୍ୟର ପ୍ରତୀକ ଭାବେ ଗଣନା କରାଯାଉଥିଲା। ପ୍ରାଚୀନ ୟୁନାନ୍ ଓ ରୋମ୍‌ରେ ଗଧକୁ ମଦିରା ଓ ଉତ୍ସବର ଦେବତା ‘ଡାୟୋନିସସ୍’ଙ୍କ ବାହନ ଭାବେ ମାନ୍ୟତା ମିଳିଥିଲା।

ଶତାଧିକ ବର୍ଷ ଧରି ଚାଲିଆସୁଥିବା ଗଧ ପୂଜନର ଏହି ପରମ୍ପରା ପ୍ରକୃତରେ ଅନନ୍ୟ ଭାରତୀୟ ସଂସ୍କୃତିର ବାର୍ତ୍ତା ବହନ କରେ।

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଲାଞ୍ଚ ନେଉଥିଲେ ଫରେଷ୍ଟର; ମାଡ଼ିବସିଲା ଭିଜିଲାନ୍ସ

**ଘରୁ ଜବତ ହେଲା ୧.୪୧ ଲକ୍ଷ ଟଙ୍କା**

ପୁରୀ/ଡେଲାଙ୍ଗ,୧୮।୬(ସମିସ): ଜଙ୍ଗଲ ରାସ୍ତା ଦେଇ ଟ୍ରାକ୍ଟର ଛାଡ଼ିବା ପାଇଁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଡେଲାଙ୍ଗ ରେଞ୍ଜ ଅଧୀନ ଆଙ୍କୁଇ ଫରେଷ୍ଟର ରାକେଶ କୁମାର ପଣ୍ଡା। ତାଙ୍କୁ ଗିରଫ କରାଯାଇଥିବା ବେଳେ ଘରେ ଚଢ଼ଉ ବେଳେ ୧.୪୧ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଫରେଷ୍ଟର ଶ୍ରୀ ପଣ୍ଡା ଜଣେ ଟ୍ରାକ୍ଟର ମାଲିକଙ୍କୁ ଧମକ ଦେଇଥିଲେ। ଟ୍ରାକ୍ଟରରେ ମାଟି ନେଇ ନିଜ ଜମିରେ ପକାଇବା ପାଇଁ ଜଙ୍ଗଲ ରାସ୍ତା ବ୍ୟବହାର କଲେ ଗାଡ଼ି ଜବତ କରିଦେବାକୁ କହି ୨୫ ହଜାର ଟଙ୍କା ଦାବି କରିଥିଲେ। ବାଧ୍ୟ ହୋଇ ଟ୍ରାକ୍ଟର ମାଲିକ ଭିଜିଲାନ୍ସକୁ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ୍ ବୁଧବାର ଯୋଜନା ପ୍ରସ୍ତୁତ କରିଥିଲା। ଅଙ୍କୁଇ ଅଫିସ ରୁମ୍‌ରେ ଟଙ୍କା ନେବା ବେଳେ ସାକ୍ଷୀଙ୍କ ଉପସ୍ଥିତିରେ ରାକେଶ ପଣ୍ଡାଙ୍କୁ ଧରାଯାଇଥିଲା। ତାଙ୍କଠାରୁ ୨୫ ହଜାର ଟଙ୍କା ଜବତ ହୋଇଥିଲା। ତାଙ୍କ ଡାହାଣ ହାତ ଧୋଇବା ପରେ ରାସାୟନିକ ପରୀକ୍ଷାରେ ପଜିଟିଭ୍ ଆସିଥିଲା, ଯାହା ଲାଞ୍ଚ ଟଙ୍କା ଛୁଇଁଥିବା ପ୍ରମାଣ କରିଥିଲା। ଗିରଫ ପରେ ଭିଜିଲାନ୍ସ ଅଙ୍କୁଇସ୍ଥିତ ସରକାରୀ ବାସଭବନ ଓ ଖୋର୍ଦ୍ଧାସ୍ଥିତ ପୈତୃକ ଘରେ ଚଢ଼ଉ କରିଥିଲା। ଖୋର୍ଦ୍ଧା ଘରୁ ନଗଦ ୧ ଲକ୍ଷ ୪୧ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ଦୁର୍ନୀତି ନିବାରଣ ସଂଶୋଧିତ ଆଇନ ୨୦୧୮ ର ଧାରା ୭ ଅନୁଯାୟୀ ରୁଜୁ ହୋଇଛି। ଅଭିଯୁକ୍ତ ଫରେଷ୍ଟର ଶ୍ରୀ ପଣ୍ଡାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇ ଆୟ ବହିର୍ଭୂତ ସମ୍ପତ୍ତିର ତଦନ୍ତ ଜାରି ରହିଛି।



## ୨ ଆଇଏଏସଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୮।୬(ସମିସ): ରାଜ୍ୟ ସରକାର ଗୁରୁବାର ଦୁଇ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ୧୯୯୫ ବ୍ୟାଚର ଆଇଏଏସ ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ପ୍ରଶିକ୍ଷଣ ସମନ୍ୱୟ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏହା ସହିତ ସେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଜାରି ରଖିବେ। ବର୍ତ୍ତମାନ ଚିତ୍ରା ଅରୁମୁଗମ ଶ୍ରମ ଓ ଇଏସ୍‌ଆଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ୨୦୦୧ ବ୍ୟାଚର ଡୋଣ୍ଡା ଭେଙ୍କଟ ସ୍ୱାମୀଙ୍କୁ ଶ୍ରମ ଓ ଇଏସ୍‌ଆଇ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ନିକଟରେ ସେ କେନ୍ଦ୍ରୀୟ ଡେପୁଟେସନ ସାରି ଓଡ଼ିଶା ଫେରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଗାନ୍ଧୀବାଦୀଙ୍କ ନିବେଦନ
## କାର୍ଯ୍ୟକାରୀ ହେଉ ନିଶାମୁକ୍ତ ଓଡ଼ିଶା ଗ୍ୟାରେଣ୍ଟି

ଭୁବନେଶ୍ୱର,୧୮।୬(ସମିସ): 'ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି 'ର ଅନୁପାଳନ ଲାଗି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଜଣାଶୁଣା ଗାନ୍ଧୀ ବିଚାର ଚିନ୍ତକ ପ୍ରହ୍ଲାଦ କୁମାର ସିଂହ। ଏହି ମର୍ମରେ ସେ ନିଜ ଗ୍ୟାରେଣ୍ଟିକୁ ନିଜେ ଅନୁପାଳନ କରାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେ ଲେଖିଛନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ମଇ ମାସରେ ତତ୍କାଳୀନ ବିଜେପି କେନ୍ଦ୍ରୀୟ ସଭାପତି ଜେପି ନଡ୍ଡା 'ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି' ସଂକଳ୍ପ ପତ୍ର ଉନ୍ମୋଚନ କରିଥିଲେ। ଏହି ସଂକଳ୍ପ ପତ୍ରରେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ଲାଗି ମୋଦୀଙ୍କ ନାମରେ ଗ୍ୟାରେଣ୍ଟି ଦିଆଯାଇଥିଲା। ୨୦୨୪ ଜୁନ୍ ୧୨ ତାରିଖରେ ଓଡ଼ିଶାରେ ବିଜେପି ସରକାର ଗଠନ କରାଯିବା ପରେ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ଏହି ସଂକଳ୍ପ ପତ୍ର ବା ଗ୍ୟାରେଣ୍ଟିକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ମାତ୍ର ଦୁଇବର୍ଷ ଭିତରେ ଓଡ଼ିଶାରେ ନିଶା ନିବାରିତ ହେବା ପରିବର୍ତ୍ତେ ଅଧିକ ପ୍ରସାରିତ ହୋଇଛି। ୨୦୨୧-୨୨ ବେଳକୁ ଓଡ଼ିଶାରେ ପ୍ରାୟ ୨୦ କୋଟି ଲିଟର ସରକାରୀ ମଦ ବିକ୍ରୟ କରାଯାଇଥିବାବେଳେ ୨୦୨୪-୨୫ ବେଳକୁ ତାହା ପ୍ରାୟ ୪୦ କୋଟି ୧୭ଲକ୍ଷ ଲିଟରରେ ପହଞ୍ଚିଥିଲା। ରାଜ୍ୟର ଅବକାରୀ ରାଜସ୍ୱ ୨୦୦୦ ମସିହାରେ ୧୩୫କୋଟି ୩୫ଲକ୍ଷ ଟଙ୍କା ଥିବାବେଳେ ଏ ବର୍ଷ ତାହା ୧୦ ହଜାର କୋଟି ଟଙ୍କାରୁ ଅଧିକ ହେବ ବୋଲି ନିଜେ ସରକାର ଅନୁମାନ ରଖିଛନ୍ତି। ଗୁଜରାଟ, ବିହାର ଭଳି ବିଜେପି ଶାସିତ ରାଜ୍ୟମାନଙ୍କରେ ସଂପୂର୍ଣ୍ଣ ନିଶା ନିବାରଣ ଲାଗୁ କରାଯାଇଥିବାବେଳେ ଓଡ଼ିଶାରେ ଏହା ମୋଦୀଙ୍କ ଗ୍ୟାରେଣ୍ଟି ସହ ତୁରନ୍ତ ଲାଗୁ କରିବାକୁ ସେ ନିବେଦନ କରିଛନ୍ତି।

**■ ପୁରୀ ଷ୍ଟେସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ**

## ଆଜି ପୁରୀ-ବଡ଼ବିଲ ଏକ୍ସପ୍ରେସ୍ ବାତିଲ୍

ଭୁବନେଶ୍ୱର, ୧୮।୬(ସମିସ): ପୁରୀ ରେଳ ଷ୍ଟେସନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ ଏବଂ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଶୁକ୍ରବାର ପୁରୀ–ବଡ଼ବିଲ–ପୁରୀ ଏକ୍ସପ୍ରେସ୍‌ର ଚଳାଚଳ ବାତିଲ୍ କରାଯାଇଛି। ତେଣୁ, ୧୯ ଜୁନ୍‌ରେ ପୁରୀରୁ ଯାତ୍ରା ଆରମ୍ଭ କରିବାକୁ ଥିବା ଟ୍ରେନ ନମ୍ବର ୧୮୪୧୬ ପୁରୀ–ବଡ଼ବିଲ ଏକ୍ସପ୍ରେସ ବାତିଲ ରହିବ। ସେହିପରି, ୨୦ ଜୁନ୍‌ରେ ବଡ଼ବିଲରୁ ଯାତ୍ରା ଆରମ୍ଭ କରିବାକୁ ଥିବା ଟ୍ରେନ ନମ୍ବର ୧୮୪୧୫ ବଡ଼ବିଲ–ପୁରୀ ଏକ୍ସପ୍ରେସ ମଧ୍ୟ ବାତିଲ କରାଯାଇଛି।

**■ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି**

## ୧୨ ସୂତ୍ରୀ ବିଫଳତା ଗଣାଇଲା କଂଗ୍ରେସ

ଭୁବନେଶ୍ୱର,୧୮।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ବିଫଳତାକୁ ନେଇ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଏହି ଅବସରରେ ଦଳ ପକ୍ଷରୁ ଏକ ୧୨ ସୂତ୍ରୀ ବଳିଷ୍ଠ ଅଭିଯୋଗ ତଥ୍ୟ ସହ ପ୍ରକାଶ କରାଯାଇଛି। ଦଳ ପକ୍ଷରୁ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ସରକାରଙ୍କ ବିଫଳତା ବିଷୟରେ କହିଛନ୍ତି ଯେ, ଏବେ ରାଜ୍ୟର ସମସ୍ତ ବିଭାଗରେ ଆର୍ଥିକ ସଙ୍କଟ ଦେଖାଦେଇଛି। କୌଣସି ବିଭାଗକୁ ସରକାର ସୁଚାରୁରୂପେ ଚଳାଇବାରେ ଅସମର୍ଥ ହେଉଛନ୍ତି। ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି ଏକ ୧୨ ସୂତ୍ରୀ ଅଭିଯୋଗ ଉପସ୍ଥାପନ କରି କହିଲେ ଯେ, 'ଏଇ ସରକାର ବଦଳିବା ଦରକାର'। ଅର୍ଥନୀତି ଉଡ଼ୁଛି କିନ୍ତୁ ଯୁବକ ବୁଡ଼ୁଛି, ବିକାଶ ହେଉଛି ଫାଇଲରେ, ବେକାରୀ ବଢୁଛି ଗାଁଆରେ, ଗ୍ରାଫ ଉପରକୁ ମାତ୍ର ଆୟ ତଳକୁ ହେଉଛି, ଏହା କି ବିକାଶ। ଘୋଷଣା ବନାମ ବାସ୍ତବତା, ଏମଓୟୁ ଦେଖାଇ ଭୋଟ ମାଗୁଛ ହେଲେ କାରଖାନା ସ୍ଥାପନ କେବେ କରୁଛ! ଘୋଷଣାରେ ଶିଳ୍ପ ମାଟିରେ ବେକାରୀ, କାଗଜରେ କଳ କାରଖାନା, ଗାଆଁରେ ଯୁବକ ଯାଉଛନ୍ତି ଦାଦନ। ସରକାର ଧନୀ, ଲୋକ ଗରିବ ରାଜ୍ୟ କୋଷ ବୃଦ୍ଧି ପାଉଛି ହେଲେ ଗରିବଙ୍କ ଚୁଲି ଜଳିବାରେ ସମସ୍ୟା କାହିଁକି? ଓଡିଶା ଯଦି ଧନୀ ତେବେ ଓଡ଼ିଆ କାହିଁକି ଋଣୀ। ଏଭଳି ଭାବେ ୧୨ ଟି ବିଫଳତା କୁହାଯିବା ସହ ସରକାରଙ୍କ ବିଫଳତା ବାସ୍ତବ ଚିତ୍ର ଉପସ୍ଥାପନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାନ୍ତି ପାଇଁ...

ଗ୍ରହଣ କରିବେ ନାହିଁ। ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଇରାନ ସ୍ପଷ୍ଟ କରିଛି ଯେ ତା'ର ସମୃଦ୍ଧ ୟୁରାନିୟମ ଦେଶ ବାହାରକୁ ଯିବ ନାହିଁ, ବରଂ ଏହାକୁ ପତଳା କରାଯିବା ଉପରେ ବିଚାର କରାଯାଇପାରେ। ତେବେ କ୍ଷେପଣାସ୍ତ୍ର କ୍ଷମତା ଉପରେ କୌଣସି ଆଲୋଚନା ହେବନାହିଁ ବୋଲି ଇରାନ କହିଛି। ଅପରପକ୍ଷରେ ଟ୍ରମ୍ପ ମଧ୍ୟ କହିଛନ୍ତି ଯେ ଆଞ୍ଚଳିକ ସନ୍ତୁଳନ ରକ୍ଷା ପାଇଁ ଇରାନ ପାଖରେ କ୍ଷେପଣାସ୍ତ୍ର ରହିବା ଅନୁଚିତ ନୁହେଁ, କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଆମେରିକୀୟ ସେନା ସେହି ଅଞ୍ଚଳରେ କିଛି ଦିନ ରହିବେ।

ଏହି ବୁଝାମଣା ପ୍ରକ୍ରିୟାରେ ପାକିସ୍ତାନ ମଧ୍ୟସ୍ଥି ସାଜିଥିଲା। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏହାକୁ 'ଇସଲାମାବାଦ ବୁଝାମଣାପତ୍ର' ବୋଲି ଅଭିହିତ କରିଛନ୍ତି ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି। ଏହି ଚୁକ୍ତି ଅନ୍ତର୍ଗତ ଯୁଦ୍ଧ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଇରାନରେ ପ୍ରାୟ ୩୦୦ ବିଲିୟନ ଡଲାରର ପୁଞ୍ଜିନିବେଶ କରାଯିବାର ବ୍ୟବସ୍ଥା ରହିଛି। ହର୍ମୁଜ ପ୍ରଣାଳୀ ପୂର୍ବ ସ୍ଥିତିକୁ ଫେରିବ ନାହିଁ ଏବଂ ଏଥିରୁ ଯାତାୟତ କରୁଥିବା ଜାହାଜଗୁଡ଼ିକ ଠାରୁ ଶୁଳ୍କ ଆଦାୟ କରାଯିବ ବୋଲି ଇରାନର ମୁଖ୍ୟ ଆଲୋଚନାକାରୀ ମହମ୍ମଦ ବାକେର କାଲିବାଫ ସୂଚନା ଦେଇଛନ୍ତି। ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଏହି ଡିଜିଟାଲ ଚୁକ୍ତିନାମା ଆନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ହ୍ରାସ କରିବାରେ ସହାୟକ ହେବ ବୋଲି ଅନେକ ଦେଶ ସ୍ୱାଗତ କରିଛନ୍ତି।

### ଶୁଭଲଗ୍ନରେ ଦେବବିବାହ...

ମହାଖଳା ବଡ଼େଇବାଙ୍କ, ବଡ଼ଦାଣ୍ଡ, ଓ ବିନ୍ଦୁସାଗର ବିଶ୍ରାମଘାଟ ଦେଇ କେଦାରଗୌରୀ ମନ୍ଦିରରେ ପହଞ୍ଚିଥିଲେ। କନ୍ୟାପକ୍ଷ ଅର୍ଥାତ କେଦାର ଗୌରୀ ମନ୍ଦିର ପରିସରକୁ ଫୁଲରେ ସଜା ଯାଇଥିବାବେଳେ ସଂକୀର୍ତ୍ତନ ସହ ବରଯାତ୍ରୀଙ୍କୁ ମଲ୍ଲୀମାଳ, ଚନ୍ଦନ, ଅରୁଆ ଚାଉଳ ଦେଇ ସମ୍ବର୍ଦ୍ଧିତ କରିଥିଲେ କନ୍ୟାପକ୍ଷ। କନ୍ୟାଘର ପକ୍ଷରୁ ଦିଅଁଙ୍କୁ ବାଟ ବରଣୀ ପରେ ବାହାଘରର ସମସ୍ତ ରୀତିନୀତି ହୋଇଥିଲା। ମଧ୍ୟରାତ୍ରୀରେ ହାତଗଣ୍ଠି ପଡ଼ିବା ସହ ଭୋର ପର୍ଯ୍ୟନ୍ତ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିବାହ କାର୍ଯ୍ୟ ସମ୍ପନ୍ନ ହେବା ପରେ ନବ ଦମ୍ପତି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଆସନ୍ତାକାଲି ମହାପ୍ରଭୁ ଶ୍ରୀଲିଙ୍ଗରାଜ ମାତା ପାର୍ବତୀଙ୍କୁ ସାଥିରେ ଧରି ନଗର ପରିକ୍ରମା ସହ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ।

### ପୂର୍ବତନ ମେଡିକାଲ...

ନେବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି। ଡାକ୍ତରଖାନାଗୁଡିକର ଆଧୁନିକୀକରଣ କରାଯାଉଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ୍ୟ ଖୋଲାଯାଉଛି। ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗ ନ ଦେଇ ଦୀର୍ଘ ବର୍ଷ ଧରି ଅନୁପସ୍ଥିତ ରହୁଛନ୍ତି। ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ନିଲମ୍ବନ ହେଲେ...

ମା କବିତା ସ୍ୱାଇଁ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ସୌମ୍ୟଙ୍କୁ ଆଇପିଏସ୍ ଗଙ୍ଗୱାର ନିଜ ଘରେ ରଖି ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରିବା ସହ ମୋଡ଼ାଘସା କାମରେ ଲଗାଇଥିଲେ। ତାଙ୍କ ନିଜସ୍ୱ ଜିମ୍‌ରେ ଖଟାଉଥିଲେ। ଏହାକୁ ନେଇ ପରବର୍ତ୍ତି ସମୟରେ ସୌମ୍ୟ ଓ ଦୟାଲ ଗଙ୍ଗୱାର ମଧ୍ୟରେ ଅପଡ଼ ହୋଇଥିଲା। ତାଙ୍କ କଥା ନ ମାନିବାରୁ ସୌମ୍ୟଙ୍କ ବିରୋଧରେ ଗଙ୍ଗୱାର ଷଡ଼ଯନ୍ତ୍ର ଆରମ୍ଭ କରି ଦେଇଥିଲେ। କ୍ଷମତାର ଅପବ୍ୟବହାର କରି ଶେଷରେ ସୌମ୍ୟଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ ଓ ତାଙ୍କ ଦରମା ବନ୍ଦ କରି ଦିଆଯାଇଥିଲା। ତେଣୁ ଗଙ୍ଗୱାରଙ୍କ ଉପରେ ପରିବାର ଲୋକଙ୍କ ସନ୍ଦେହ କେନ୍ଦ୍ରୀଭୂତ ହୋଇଥିଲା।

ଏହି ସମୟରେ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ଦ୍ୱାରା ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ବାଲିଅନ୍ତା ଭିଡ଼ହତ୍ୟା ମାମଲା ଦାୟର କରାଯାଇଥିଲା। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଣେ କନ୍‌ଷ୍ଟେବଲ୍‌ଙ୍କୁ କିଭଳି ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରିଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ମାମଲାର ତଦନ୍ତ କରିବାକୁ ଦିଲ୍ଲୀରୁ ୨ଜଣିଆ ଟିମ୍ ଭୁବନେଶ୍ୱର ଆସିଥିଲା। ଏହାପୂର୍ବରୁ ମେ' ୨୫ ତାରିଖରେ ଏଚ୍‌ଆର୍‌ପିସି ସୌମ୍ୟ ହତ୍ୟା ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କ୍ରାଇମ୍‌ବ୍ରାଞ୍ଚକୁ ଏକ ରିପୋର୍ଟ ମାଗିଥିଲା। ଏହିଦିନ ଦୟାଲ ଗଙ୍ଗୱାରଙ୍କୁ ଗୃହ ବିଭାଗର ଓଏସ୍‌ଡି ଭାବେ ବଦଳି କରାଯାଇଥିଲା। ଗତମାସ ୨୬ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ରେଳବାଇ ବିଭାଗକୁ ଏକ ଚିଠି ଲେଖି ସୌମ୍ୟଙ୍କୁ କିଭଳି ଭାବେ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା ଏହାର ରିପୋର୍ଟ ଏଚ୍‌ଆର୍‌ପିସିକୁ ପ୍ରଦାନ କରିବାକୁ କୁହାଯାଇଥିଲା। ଜୁନ୍ ୧ ତାରିଖରେ କମିସନଙ୍କ ଟିମ୍ ଭୁବନେଶ୍ୱର ଆସିଥିଲେ ମଧ୍ୟ ଗଙ୍ଗୱାର କିନ୍ତୁ ରାଜ୍ୟ ଅତିଥି ଭବନରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନଥିଲେ। ଏହାପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଉପରେ ସୌମ୍ୟଙ୍କ ପରିବାର ଲୋକଙ୍କ ସନ୍ଦେହ ବଢିବାକୁ ଲାଗିଥିଲା। ସେମାନେ ପୁନର୍ବାର ସିବିଆଇ ତଦନ୍ତ ଦାବି କରିଥିଲେ।

### ଭତ୍ତା ପାଇଁ ନୟାନ୍ତ...

ହେଉଛନ୍ତି। କିଏ ଜୀବନ ରକ୍ଷାକାରୀ ଔଷଧ କିଣି ପାରୁ ନାହାନ୍ତି ତ କିଏ ଭୋକ, ଉପାସରେ ରହୁଛନ୍ତି। ଲୋକଙ୍କ ଦୁର୍ଦ୍ଦଶା ଜନମାନସକୁ ଆନ୍ଦୋଳିତ କରୁଥିବା ବେଳେ ସରକାର କ'ଣ ପାଇଁ ଚୁପ୍ ବସିଛନ୍ତି? ଲୋକଙ୍କୁ ହତାଶା ଭିତରକୁ ଠେଲି ନଦେଇ ତୁରନ୍ତ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯାଉ। ମାନ୍ୟବର ମୁଖ୍ୟମନ୍ତ୍ରୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଲୋକଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

### ଏବର୍ଷ ପିଲା...

ହୋଇଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକରେ ୧,୬୭୮ଟି ତ୍ରୁଟି ଚିହ୍ନଟ ହୋଇଥିବା ଘଟଣା ଶିକ୍ଷକ, ଅଭିଭାବକ ଏବଂ ଶିକ୍ଷାବିତଙ୍କ ମଧ୍ୟରେ ଗଭୀର ଚିନ୍ତା ସୃଷ୍ଟି କରିଛି। ଭୁଲ ବନାନ, ତଥ୍ୟଗତ ତ୍ରୁଟି, ଭୁଲ ଛବି ଏବଂ ଐତିହାସିକ ଭୁଲ ବିବରଣୀ ପରି ଅନେକ ଗୁରୁତର ଅସଙ୍ଗତି ଏହି ପୁସ୍ତକଗୁଡ଼ିକରେ ରହିଥିବା ଜଣାପଡ଼ିଛି। ଏହି ପୁସ୍ତକଗୁଡ଼ିକ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି, ମାତ୍ର ବିଡ଼ମ୍ବନା ହେଉଛି ଏତେବଡ଼ ପ୍ରସଙ୍ଗରେ କାହାକୁ ଉତ୍ତରଦାୟୀ କରାଯାଇ ନାହିଁ।

ସବୁଠାରୁ ଅଧିକ ତ୍ରୁଟି ଥିବା ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ସମ୍ପାଦନାମଣ୍ଡଳୀରେ ଡ଼. ଶିବଶଙ୍କର ସାହୁ, ଡ଼. ହେମନ୍ତ ପରିଡ଼ା, ଡ଼. ରାମଚନ୍ଦ୍ର ମାଝୀ, ଡ଼. ପ୍ରଦୀପ କୁମାର ମିଶ୍ର, ଡ଼. ଶରଦାକାନ୍ତ ମିଶ୍ର, ମନୋଜ କୁମାର ଲେଙ୍କା, ଅମ୍ବିକା ପ୍ରସାଦ ଦାସ ସ୍ଥାନ ପାଇଥିଲେ। ଡ଼. ନିରଞ୍ଜନ ଦାଶ, ଡ଼. ହେମନ୍ତ ପରିଡ଼ା, ଡ଼. ପ୍ରଦୀପ ମିଶ୍ର, ମନୋଜ ଲେଙ୍କା, ଅରବିନ୍ଦ ଦାଶ ଏହାର ସମୀକ୍ଷକ ମଣ୍ଡଳୀରେ ରହିଥିଲେ। ଡ଼. ଗଣେଶ୍ୱର ସ୍ୱାଇଁ ଓ ଅମ୍ବିକା ପ୍ରସାଦ ଦାସ ବିଷୟ ବିଶେଷଜ୍ଞ, ମାନସ ଚନ୍ଦ୍ର ରାଉତ ସଂଯୋଜକ ଓ ଡ଼. ସବିତା ସାହୁ ମୁଖ୍ୟ ସଂଯୋଜିକା ଥିଲେ। ମାତ୍ର କେହି ଜଣେ ହେଲେ ବି ବହିଟିକୁ ମୂଳରୁ ଚୂଳ ଯାଏ ଦେଖିଲେ ନାହିଁ, ଫଳରେ ପଣପଣ ଭୁଲ ବହିରେ ଦେଖିବାକୁ ମିଳିଲା। ଯଦି ଏମାନେ ବହି ଦେଖିଥିଲେ, ତେବେ ଏତେ ଭୁଲ କିପରି ହେଲା ବୋଲି ବି ସ୍ୱାଭାବିକ ପ୍ରଶ୍ନ ଉଠିବ । ବହିରେ ଛପା ଯାଇଥିବା ସମୀକ୍ଷକ, ସମ୍ପାଦକ, ସଂଯୋଜକ, ବିଷୟ ବିଶେଷଜ୍ଞଙ୍କ ନାମ ତ୍ରୁଟିଶୂନ୍ୟ ଭାବରେ ପ୍ରକାଶ ପାଇଲା; ମାତ୍ର ବହି ଭିତରେ ବିଷୟଗୁଡ଼ିକରେ ଏତେ ଭୁଲ କାହିଁକି ହେଲା ବୋଲି ବି ପ୍ରଶ୍ନ ଉଠୁଛି । ବିଶ୍ୱବିଖ୍ୟାତ ବିଜ୍ଞାନୀ ଆଇଜାକ୍ ନ୍ୟୁଟନ୍ କେଉଁଦିନ ଜଣେ ପାଇଲଟ ହେଲେ ତାହା କେହି ବୁଝି ପାରୁନାହାନ୍ତି। କର୍ଣ୍ଣାଟକର ହମ୍ପି ସ୍ଥାପତ୍ୟ କିପରି କୋଣାର୍କ ସୂର୍ଯ୍ୟମନ୍ଦିରରେ ପରିଣତ ହେଲା ତାହା ବି ସମସ୍ତଙ୍କ ପାଇଁ ଅବୋଧ ।

ସାଧାରଣତଃ ଛୋଟ ପିଲାମାନଙ୍କ ମସ୍ତିଷ୍କ ସଫେଦ କାଗଜ ପରି । ସେମାନଙ୍କ ମନରେ ଯାହା ଥରେ ଛପିଯାଏ, ତାହାକୁ ସେମାନେ ଭୁଲି ପାରନ୍ତି ନାହିଁ। ତେଣୁ ବହିର ଭୁଲ ତଥ୍ୟ ପିଲାମାନଙ୍କୁ କେବଳ ମୂର୍ଖ ନୁହେଁ, ମହାମୂର୍ଖ କରିବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ପିଲାଙ୍କ ପଢ଼ା ବହିଗୁଡ଼ିକରେ ତ୍ରୁଟି ସମ୍ପୃକ୍ତ ବହିଗୁଡ଼ିକର ସମ୍ପାଦକ, ସମୀକ୍ଷକ, ବିଶେଷଜ୍ଞ, ସଂଯୋଜକଙ୍କ ଭୂମିକାକୁ କାଠଗଡ଼ାରେ ଠିଆ କରିଛି।

### ତଦନ୍ତ କମିଟି...

ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ଏବଂ ସାଧାରଣ ପ୍ରଶାସନ ବିଭାଗର ଉପ-ସଚିବ ସ୍ମିତା ପାଣି କମିଟିର ସଦସ୍ୟ ରହିଛନ୍ତି। ଏହି କମିଟି ତଦନ୍ତ କରି କେଉଁ ସ୍ତରରେ ମୁଦ୍ରଣଜନିତ ତ୍ରୁଟି ହୋଇଛି ଏବଂ କେଉଁ ଅଧିକାରୀ ବା ସଂସ୍ଥାମାନେ ଏଥିପାଇଁ ଦାୟୀ ତାହା ନିର୍ଣ୍ଣୟ କରିବେ। ସାତ ଦିନ ମଧ୍ୟରେ ତଦନ୍ତ ସମ୍ପୂର୍ଣ୍ଣ କରି ରିପୋର୍ଟ ପ୍ରଦାନ କରିବାକୁ କମିଟିକୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ମୁଦ୍ରଣଜନିତ ତ୍ରୁଟି ଯୋଗୁଁ ପିଲାମାନଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ପ୍ରକାଶ କରି ଗତକାଲି ଏ ସମ୍ପର୍କରେ ସମୀକ୍ଷା କରିଥିଲେ। ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟିଗୁଡିକୁ ତୁରନ୍ତ ସୁଧାରିବା ସହିତ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।


**PUBLIC NOTICE**

It is hereby informed to the general public that certain original property documents deposited with our branch by the borrower/customer as security for credit facilities have been damaged/destroyed due to an accidental fire incident that occurred in the branch premises dated 22.06.2025.

**The details of the property as follows:**

**1) Name of Customer: Susanti Sahoo, Property Address:** Khata No.: 77/604, Plot No.: 656/1592, Mouza: Lathikata, Tahasil/PS: Lathikata, Dist.: Sundargarh, Odisha, PIN-770037, **Document Details:** Original Title Deed/Sale Deed bearing No.: 11711301303 Dated: 02.07.2013 and other related property documents.

**2) Name of Customer: Namita Rana, Property Address:** Khata No.: 119/183, Plot No.: 741/2509, Mouza: Balani, Tahasil/PS: Lathikata, Dist.: Sundargarh, Odisha - 770037, **Document Details:** Original Title Deed/Sale Deed bearing No.: 11712200282, Dated: 21.03.2022 and other related property documents.

Despite diligent efforts, the aforesaid documents could not be retrieved as they were damaged in the accident. Any person having any claim, objection, lien, charge, mortgage or interest in respect of the above mentioned properties are requested to submit the same along with supporting documents to the undersigned within 15 days from the date of publication of this notice.

If no claim is received within the stipulated period, the Bank shall proceed with the issuance of necessary certificates/confirmations regarding loss of documents and take further action as deemed appropriate.

**For and on behalf of State Bank of India**
**Lathikata Branch**
**At/Po: Lathikata, Dist.: Sundargarh, Odisha, PIN-770037**

**FOR SALE**

01 Number of TATA TIGOR CARS & UVS /2024, Registration No.- OD-15-Z-5647, Model- 2024, - ENGINE NO – REVTRN19DVXK45019, CHASSIS NO - MAT63708RKD30756, For Details, contact – 9437019531, Sundaram Finance Ltd., 1st Floor, Sabat Complex, Near Wesco Office, Ainthapalli, Po/dist- Sambalpur-768004

**VEHICLE SALE**

TATA TIAGO, Model - 2024, Registration No- OD-34-U-2309, in as is where is condition Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**

By virtue of an affidavit sworn before The Notary Public, Rayagada No. 6456 dated 17.06.2026, by Smt. Shakuntala Dandasena, aged about 45 years, Wife of Late Trinath Dandasena, resident of Beheraguda, PO- Pitamahal, PS- Seskhal, Block/Dist- Rayagada, Pin-765002, Odisha, declare that I have changed the name of my daughter from Hira Dandasena to Harika Dandasena. Henceforth, she shall be known as **Harika Dandasena** for all purposes.

**Sd/- Shakuntala Dandasena**

**AFFIDAVIT**

By virtue of an affidavit sworn before Executive Magistrate, Rayagada No. 1140 dated 17.06.2026, by Sri Jagannath Yadav, aged about 53 years, S/o- Late Munshi Yadav, presently residing at Sai Priya Nagar, Near NVR Public School, Rayagada, PO/PS/Block/Dist- Rayagada, Pin-765001, Odisha, permanent resident of At/PO/PS-Gudari, Dist-Rayagada, Odisha, 765026, declare that I have changed the name of my daughter from Priyanka Kumari to Priyanka Kumari Yadav. Henceforth, she shall be known as **Priyanka Kumari Yadav** for all purposes.

**Sd/- Jagannath Yadav**

**ZILLA PARISHAD OFFICE, BALANGIR**

19001/108/2627

Balangir - 767001 (Odisha)
E-mail: ori-dbolangir@od.gov.in
No. 245 / Date: 17/06/2026

**SHORT TENDER CALL NOTICE**

CDO-cum-EO, Zilla Parishad, Balangir invite proposal on behalf of Department of Mission Shakti, Govt. of Odisha for Supply of Assorted specific varieties of Flexible Laminates and Food Packaging Pouches/materials with designing & printing with certain terms & conditions from competent Firms/ Agencies/ Parties having GSTN no. may apply for the said works.

The tender papers along with details documents, terms & conditions, eligibility, criteria, format etc. for said works can be downloaded from District portal http://balangir.odisha.gov.in.

The undersigned reserves the right to accept or reject any or all the tenders without assigning any reason thereof.

**CDO-cum-EO,**
**Zilla Parishad, Balangir**

**OIPR-19001/19367/1/26-27/0001**

**AFFIDAVIT**

I, Gulnara Khatoon, W/o- Shaikh Jakir, resident of At-Durgapur, Po- Sujanpur, Ps- Jajpur Sadar, Dist- Jajpur, Pin-755017, Odisha declare by this affidavit No.8492, dtd- 02/06/2026 that now onwards I shall be known as **GULNAR KHATUN** for all future purposes.

**Notice (for Minor)**

By virtue of an affidavit sworn before Executive Magistrate, Bhubaneswar, dated 17/06/2026 I, Madhusmita Nayak, W/o Philiman Nayak, Address Tarini Nagar, Salia Sahi, Po-RRL, PS-Maitree Vihar, Bhubaneswar, Pin-751013 declare that I have changed the name of my daughter from Nancy Nayak to N Nancy. Henceforth, she shall be known as **N Nancy** for all purposes.

**Madhusmita Nayak**

**AFFIDAVIT**

By virtue of an affidavit (SL No. 5259, dtd- 18/03/2026) sworn before The Executive Magistrate, Jajpur. I, **Suhana Bibi** (applicant name), W/o Sk Jibrail, permanent resident of At- Pandiagopinathpur, Po- Rekabi Bazar, Ps- Jajpur Sadar, Dist- Jajpur, Odisha, PIN- 755009 declare that I have changed my minor daughter's name from **Janena Parween** (old name) to **Janera Parween** (new name). Henceforth, she shall be known as **Janera Parween** (new name) for all purposes.

**Suhana Bibi**

**AFFIDAVIT**

By virtue of an affidavit sworn before the Executive Magistrate, Kanas, No.- 2337, Dated.- 11.06.2026, I, PRADIPTA KUMAR SAMANTARAY, Vill- Golara, Po-Gadasahi, Ps- Gadisagoda, Dist-Puri, Odisha, Pin-752017, declared that I havechanged my name from PRADIP KUMAR SAMANTARA (Old Name) to PRADIPTA KUMAR SAMANTARAY (New Name), Henceforth. I shall be known as **PRADIPTA KUMAR SAMANTARAY** for all purposes.

**GOVERNMENT OF ODISHA,**
**DEPARTMENTOF WATER RESOURCES**

32001/412/2627

**Office of the Executive Engineer,**
**Mechanical Division, Bhawanipatna.**
Email Address: eemechbhawanipatna@gmail.com

**e-Procurement Tender Call Notice No.- EE/MDB-01/2026-27**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 08 (Eight) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | : | Varies from 5.84 to ₹ 8.16 lacs. (Excluding GST) |
| 5. | EMD | : | Refer to DTCN |
| 6. | Cost of tender paper | : | Refer to DTCN |
| 7. | Period of Completion | : | 01 (One) calendar month |
| 8. | Date & time of availability of bid documents in the Portal | : | From dt.19.06.2026 (10.00 AM) to dt.29.06.2026 (5.30 PM) |
| 9. | Last date/ time for receipt of bid in the Portal | : | dt.29.06.2026 (up to 5.30 PM) |
| 10. | Date and place of opening of Bid | : | dt.30.06.2026 (12.00 PM onwards in the O/O the undersigned) |
| 11. | Lottery | : | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | : | Executive Engineer, Mechanical Division, Bhawanipatna |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Executive Engineer,
Mechanical Division,
Bhawanipatna

**OIPR-32001/32540/1/26-27/0001**

**AFFIDAVIT**

By virtue of an affidavit No-1958 sworn before the Executive Magistrate, Champua on dtd- 17/06/2026. I, **Janaki Babanga**, Age 53 yrs, W/o- Surendranath Babanga, permanent residence of At- Jamukundia, Po- Kalhohundula, Ps- Joda, Dist- Keonjhar, Pin- 758038, Odisha, declare that I have changed my minor son's name from **Sambhusamanath Munda** (old name) to **Sambhunath Munda** (new name). Henceforth, he shall be known as **Sambhunath Munda** (new name) for all future purposes.

**Sd/- Janaki Babanga**

**Notice (for Minor)**

By virtue of an affidavit sworn before Executive Magistrate, Bhubaneswar, dated 05/06/2026 I, Ruturaj Barik, S/o Dipak Barik, Address Tarini Nagar, Salia Sahi, Po-RRL, PS-Maitree Vihar, Bhubaneswar, Pin-751013 declare that I have changed the name of my son from Sai Barik to Ayush Barik. Henceforth, He shall be known as **Ayush Barik** for all purposes.

**Ruturaj Barik**

**OFFICE OF THE MUNICIPAL COUNCIL, TALCHER**
**DIST :- ANGUL**

13001/903/2627

Phone No.- (06760) 240259
E-Mail ID : e.o.talcher@gmail.com
**No. 2257 / Date: 17.06.26**

**EXPRESSION OF INTEREST**

Expression of interest in the sealed cover and invited from the intending organization/Firms/Persons/NGOs/SHG Groups for **"To Take, Management and day to days Maintenance of the Handidhua Kalyani Mandap for a period of Two Years on Lease Basis under Talcher Municipality"**. The sale of tender paper shall be commenced from **dt.18.06.2026 to dt.25.06.2026** during office hours. The Cost of tender paper is **Rs.2,000/- (Rupees Two Thousand)** only. The last date of receipt sealed cover is **dt.29.06.2026 up to 1:30 PM** and the same will be opened at **3:30 P.M.** The EMD for Each Mandap **Rs.50,000/- (Rupees Fifty Thousand)** only in shape of Cash Deposit Money Receipt / Demand Draft should be enclosed duly in favour of Executive Officer, Talcher Municipality which will be refunded to the unsuccessful bidder after finalization of E.O.I process. They are required to quote the amount of lease for one year to be paid in favour of Executive Officer, Talcher Municipality before execution of agreement in one time. The upset price of the Kalyani Mandap is mention below. They should quote the rate both in words and figures. The copy of PAN Card, Adhaar Card, GST up to date should be enclosed along with E.O.I. The details of terms and conditions are mentioned in the tender paper. The undersigned has the right to accept / reject any or all E.O.I. paper without assigning any reason thereof.

| Sl. No. | Location of the Kalyani Mandap | Unit | Offset Price |
|---|---|---|---|
| 1 | Handidhua Kalyani Mandap | Per One Year | Rs. 4,00,000/- |

**Terms & Conditions:**

1. The period of lease is for two years.
2. No addition and alteration of the building will be taken up by the lessee without the permission of Municipal Authority.
3. He should keep the building as well as premises neat and clean in all times.
4. He should bear the monthly energy charges of the building.
5. Repair of water pumps and electric equipment's will be borne by the lessee.
6. The lessee should hand over the building in good condition at the time of completion of lease period.
7. Disobedience the above terms and conditions will attract cancellation of work order and forfeit of security deposit.

The authority reserved the right to reject or cancel the above E.O.I. without assigning any reason thereof.

**Executive Officer**
**Talcher Municipality**

**OIPR-13001/13077/1/26-27/0015**

**AFFIDAVIT**

By virtue of an affidavit (CF No. 108, dtd- 03/06/2026) sworn before The Executive Magistrate, Bhubaneswar. I, **Khaleeq Ahmad,** S/o- Rafique Ahemad, resident of Nuapatana, VTC Pankal, PS/PS: Nuapatana, Nuapatna, Dist: Cuttack, State: Odisha, Pin: 754035 declare that I have changed my name from **Safique** to **Khaleeq Ahmad** in my birth certificate vide Regd. No. 6341/2006. Henceforth, I shall be known as **Khaleeq Ahmad** for all purposes.

**AFFIDAVIT**

I, SUJAY PANDA alias SUJAY KUMAR PANDA S/o Arun Panda, residing at Immanuel English School, Jhinkar Guda,GP- Tankua, Jeypore, Dist- Koraput, Odisha – 764003. By virtue of an affidavit no2431, Dated 17.06.2026 sworn before Notary, Jeypore, Odisha, I have changed my name and shall be known as **SUJAY ARUN PANDA** for all future purposes

**AFFIDAVIT**

I, Rosanara Bibi, W/o- Hanif Mohammed, resident of At- Betamalia, Po- Alando, Ps- Biride, Dist- Jagatsinghpur, Pin- 754130, Odisha declare by this affidavit No- 20679, date- 17/06/2026 that now onwards I shall be known as **ROSHAN ARA BIBI** for all future purposes.

**AFFIDAVIT**

I,Tapaswini Hota,43 years,W/o Suchitra Hota of Vill- Narasinghpur P.0.-/PS-Dhusuri Dist-Bhadrak,pin- 756119,declaer by this Affidavit No 6073 Dated 10-06-2026 my adhar card No.2601 6824 7560,that my name Tapaswini Hota, and Susama Hota is one and same person being the Wife of Tapaswini Hota,That my husband Late Suchitra Hota was opened a L.I. C.Policy bearing Pol. No. 586543982 in LIC of India Bhadrak Branch,

# ବିବାହ ବନ୍ଧନରେ ବାନ୍ଧିହେଲେ ଦେବ ଦମ୍ପତି

## ଉତ୍ତରଶ୍ୱର ମହାଦେବ

ବାଲିକୁଦା,୧୮।୬(ସମିସ)



ପବିତ୍ର ଶୀତଳ ଷଷ୍ଠୀ ପରିପ୍ରେକ୍ଷୀରେ ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ପୋଦରୁଆଁ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ଉତ୍ତରଶ୍ୱର ମହାଦେବଙ୍କ ବିବାହ ଉତ୍ସବ ମା' ଆଦିଶକ୍ତି ପାର୍ବତୀଙ୍କ ସହ ଗ୍ରାମବାସୀଙ୍କ ଦ୍ୱାରା ବେଶ ଧୂମଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କନ୍ୟା ପିତା ସନ୍ତୋଷ ପଣ୍ଡାଙ୍କ ଘରୁ ବରଧରା ବାହାରି ପ୍ରଭୁ ଉତ୍ତରଶ୍ୱରଙ୍କ ପିତା ବସନ୍ତ ପଣ୍ଡାଙ୍କ ଘରକୁ ଯାଇଥିଲା। ପରେ ଦିଅଁ ମଙ୍ଗୁଳା କାର୍ଯ୍ୟ ଗ୍ରାମର ଗ୍ରାମଦେବତୀ ମା' ବୁଢ଼ୀ ସିଠିଆଣିଙ୍କ ପାଖରେ ସମ୍ପର୍ଣ୍ଣ କରାଯାଇଥିଲା। ପରେ ମହାପ୍ରଭୁ ଉତ୍ତରଶ୍ୱର ମହାଦେବ ନିଜର ବରଯାତ୍ରୀ ସହ ବାଜା ବାଣ ରୋଷଣିରେ ନେଇ ବାଲିପାଟଣା, ଦଶବାଟିଆ, ନଳରା, ଓଳାଶ, ନୂଆଗାଁ ପରିକ୍ରମା କରି ପୋଦରୁଆଁ ଠାରେ ପହଞ୍ଚିଥିଲେ। ସେଠାରେ ପୁରୋହିତ ପ୍ରସନ୍ନ ଶତପଥୀ ମା' ପାର୍ବତୀ ଓ ପ୍ରଭୁ ଉତ୍ତରେଶ୍ୱରଙ୍କ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ କରାଇଥିଲେ। ପରେ ଭୋଜିଭାତ ଖାଇ ବରଯାତ୍ରୀ ଘରକୁ ଫେରିଥିଲେ। ଏହି ବିବାହ କାର୍ଯ୍ୟ ପରିଚାଳନା କରିବାରେ ଦୀପକ ପଣ୍ଡା, ପ୍ରମୋଦ ପଣ୍ଡା, ଉପନ ପଣ୍ଡା, ବାବୁ ପଣ୍ଡା, ମାନସ ପଣ୍ଡା, ବାପି ପଣ୍ଡା, ଲୁନା ପଣ୍ଡା, କେଦାର ପଣ୍ଡା, ଦେବ ପଣ୍ଡା, ପୋକା ପଣ୍ଡାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# କଣ୍ଟକେଶ୍ୱର ଓ ଚମ୍ପକେଶ୍ୱରଙ୍କ ଶୀତଳ ଷଷ୍ଠୀ



କୁଜଙ୍ଗ,୧୮।୬(ସମିସ): କୁଜଙ୍ଗ ବ୍ଲକ ବାଲିଆସ୍ଥିତ କୂଳପଡ଼ାରେ ପ୍ରଭୁ କଣ୍ଟେକେଶ୍ୱର ଶୀତଳ ଷଷ୍ଠୀ ଅନୁଷ୍ଠିତ ହୋଇ ଯାଇଛି। ଲକ୍ଷ୍ମୀନାରାୟଣ ଚାରିଟେବୁଲ ଟ୍ରଷ୍ଟ ଓ ଗ୍ରାମବାସୀଙ୍କ ସହଯୋଗ ରେ ପ୍ରତିବର୍ଷ ପରି ଚଳିତ ଶିବ ବିବାହ ବାଜା ବାଣ ରୋଷଣୀ ରେ ଗାଁ ଦାଣ୍ଡ ଫାଟି ପଡି ଥିଲା। ଏହି ଅବସର ରେ ବାଲିଆର ତେନ୍ତୁଳିଆ ଗ୍ରାମ ଯୁବସମାଜସେବୀ ତଥା ପାଟପୁର ପଞ୍ଚାୟତ ସମିତି ସଭ୍ୟ ଜ୍ୟୋତିପ୍ରକାଶ ପାଣି ବରପକ୍ଷ ହୋଇ ଥିବା ବେଳେ ବାଲିଆ ଗ୍ରାମ ର ରଞ୍ଜନ କୁମାର ଷଡ଼ଙ୍ଗୀ କନ୍ୟା ପକ୍ଷ ହୋଇ ମା ଭବାନୀ ଙ୍କ ବିବାହ ସମ୍ପନ୍ନ କରାଇ ଥିଲେ। ଏହି କାର୍ଯକ୍ରମକୁ ଇନ୍ଦ୍ରମଣି ସ୍ୱାଇଁ, ଭରତ ଚରଣ ସ୍ୱାଇଁ, ମୁରଲୀଧର ସ୍ୱାଇଁ, ବ୍ରଜବନ୍ଧୁ ଖଟେଇ, ଅଜୟ ମହାପାତ୍ର, ପ୍ରମୋଡ ମିଶ୍ର, କେଶବ ଚନ୍ଦ୍ର ବେହେରା ପ୍ରମୁଖ ସମସ୍ତ ଟ୍ରଷ୍ଟି ଓ ଗ୍ରାମର ମୁରବୀମାନେ ପରିଚାଳନା କରିଥିଲେ। ସେହିପରି କୁଜଙ୍ଗ ପଞ୍ଚାୟତ ଜଗନ୍ନାଥପୁର ସ୍ଥିତ ବାବା ଶ୍ରୀଚମ୍ପକଶ୍?ରାୟ ମହାଦେବ ଶୀତଳ ଷଷ୍ଠୀ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇ ଯାଇଛି। ବାବାଙ୍କ ଏହି ସପ୍ତମ ବାର୍ଷିକ ଶୀତଳ ଷଷ୍ଠୀରେ ପଣ୍ଡିତ ରିଙ୍କୁ ନନାଙ୍କ ଉପସ୍ଥିତିରେ ଏହି ଦେବ ବିବାହ ହୋମ ଆଦି ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଅରୁଣ କୁମାର ନାଥ ଓ ସୁପ୍ରଭା ନାଥ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଶୋକ କୁମାର ନାଥ, ଅକ୍ଷୟ କୁମାର ନାଥ, ରବୀନ୍ଦ୍ର କୁମାର ନାଥଙ୍କ ସହଯୋଗରେ ଅନୁଷ୍ଠିତ ହୋଇ ଥିଲା। ଏହି ଅବସରରେ ବାବା ଙ୍କ ସ୍ୱତନ୍ତ୍ର ନୀତି ଓ ପୂଜା ସହ ବିଭିନ୍ନ ଅନୁଷ୍ଠାନମାନ ଅନୁଷ୍ଠିତ ହୋଇଯାଇଛି।

## ବଡ଼ବାଗରେ ରଜ ଉତ୍ସବ ଉଦ୍‌ଯାପିତ



ଜଗତସିଂହପୁର,୨୦।୬(ସମିସ): ଜଗତସିଂହପୁର ପୋରାଞ୍ଚଳ ଅନ୍ତର୍ଗତ ବଡ଼ବାଗସ୍ଥିତ ମାର୍କଣ୍ଡପୁର ଗ୍ରାମରେ କ୍ରିଷ୍ଣା ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରିଷ୍ଣା କଲଚରାଲ ଗ୍ରୁପର କଳାକାରମାନଙ୍କଦ୍ୱାରା ଖୁବ ଧୁମ୍ ଧାମ୍ ରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଭବ୍ୟ ଆସରରେ ସଂଗୀତ, ନୃତ୍ୟ, ରଜପାନ ଓ ପୋଡ଼ପିଠା ପ୍ରତିଯୋଗିତା ଆୟୋଜିତ ହୋଇ ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଂଗୀତଗୁରୁ ଧୂମେଶ ଦତ୍ତ, ବ୍ରଜ ଦତ୍ତ, ରଶ୍ମୀରଞ୍ଜନ ପୁହାଣ, ନବକିଶୋର ତ୍ରିପାଠୀ, ସାରଦା ପ୍ରସାଦ ଦାସ ପ୍ରମୁଖ ବରିଷ୍ଠ ବ୍ୟକ୍ତି ବିଶେଷ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଚିତ୍ତାକର୍ଷକ କରିବାରେ ସହାୟତା କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନେତ୍ରାନନ୍ଦ ସାହୁଙ୍କ ପରଲୋକ



ବାଲିକୁଦା,୧୮।୬(ସମିସ) : ବାଲିକୁଦା ବ୍ଲକ୍ ବରମୁଣ୍ଡଳୀ ପଞ୍ଚାୟତ ମରିଚପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନେତ୍ରାନନ୍ଦ ସାହୁଙ୍କ ଗତ ୨ ଦିନ ତଳେ ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ଆଜି ପୁରାତନ ଛାତ୍ରମାନଙ୍କ ଦ୍ୱାରା ପୂର୍ବତନ ଶିକ୍ଷକ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ଶୋକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଏକାଦଶାହ କାର୍ଯ୍ୟକ୍ରମ ପରେ ଏକ ସ୍ମୃତି ଚାରଣ ସଭା ପାଇଁ ପ୍ରସ୍ତାବ ଆଗତ ହୋଇଥିବା ବେଳେ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ନେତ୍ରାନନ୍ଦ ସାହୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁସୁମାଞ୍ଜଳି ଦାସ, ପ୍ରେମାନନ୍ଦ ପରିଡ଼ା, ପବିତ୍ର କୁମାର ସ୍ୱାଇଁ, ପ୍ରମୋଦ କୁମାର ନାୟକ, ସୁବାସ ନାୟକ, ବିଜୟ ଦାସ, କ୍ଷେତ୍ରମୋହନ ମୁଦୁଲି, ସୁଦାମ ଚରଣ ସ୍ୱାଇଁ, ଧର୍ମାନନ୍ଦ ରାଉତ, ନାରାୟଣ ବାରିକ, ରବୀନ୍ଦ୍ର ସେଠୀ, ସରୋଜ ନାୟକ, ନିର୍ମଳ ମହାନ୍ତି, ଅଶୋକ ମହାନ୍ତି, ସନ୍ତୋଷ କୁମାର ବିଶ୍ୱାଳ, ମାନସ କୁମାର ପରିଡ଼ା, ପ୍ରଶାନ୍ତ ସେଠୀ, ପ୍ରଶାନ୍ତ ଦଳାଇ, କବିନ ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନମତରା ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ



ରାଜକନିକା,୧୮।୬(ସମିସ): ନମତରା ଉଚ୍ଚବିଦ୍ୟାଳୟ ୨୦୦୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଚୈତନ୍ୟ ପୁହାଣ, ପଣ୍ଡିତ ବଟକୃଷ୍ଣ ପଣ୍ଡା, ବିଜ୍ଞାନ ଶିକ୍ଷକ ଦେବେନ୍ଦ୍ର ସାହୁ, କ୍ରୀଡ଼ା ଶିକ୍ଷକ ମଳୟ ସାମଲ ପ୍ରମୁଖ ଯୋଗଦେଇ ଗୁରୁଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ମାନସ ରାଉତ, ଦେବବ୍ରତ ରାଉତ, ରମାକାନ୍ତ ନାୟକ, ଉପେନ୍ଦ୍ର ବେହେରା ବିଦ୍ୟାଧର ନାୟକ, ଗଜେନ୍ଦ୍ର ବେହେରା, ରତିକାନ୍ତ ମଲ୍ଲିକ, ଅରୂପ ସାହୁ, ନିର୍ମଳ ସାହୁ, ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ସମେତ ୨୦୦୧ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବନବିହାରୀ ସାଂସ୍କୃତିକ ପରିଷଦର ରଜ ମହୋତ୍ସବ ଉଦ୍‌ଯାପିତ



ପାରାଦୀପ, ୧୮।୬(ସମିସ) : ପାରାଦୀପ ଉପକଣ୍ଠ ପିପଳ ଗ୍ରାମରେ ବନବିହାରୀ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଜେପି ସମ୍ପାଦିକା ସ୍ମୃତି ପଟ୍ଟନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ଦେବସ୍ମାନ ଦାସ ଯୋଗଦେଇ ସମ୍ପ୍ରତି ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ଗଭୀର ସଙ୍କଟରେ ରହିଛି। ଏହାର ସୁରକ୍ଷା ପାଇଁ ସମସ୍ତେ ଆନ୍ତରିକତାର ସହିତ କାର୍ଯ୍ୟ କରିପାରିଲେ ଆମ ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ହେବ ବୋଲି ଅଭିଭାଷଣରେ କହିଥିଲେ।ସମ୍ମାନିତ ଅତିଥି ଭାବେ ଦ୍ୱିତୀୟ ସନ୍ଧ୍ୟାରେ ଜୋନ ୪ ଜିଲା ପରିଷଦ ସଦସ୍ୟା କନକପ୍ରଭା ବେହେରା ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ପାରାଦୀପଗଡ଼ ପଞ୍ଚାୟତ ସମିତି ସଭ୍ୟା ଅରବିନ୍ଦା ତରାଇ, ପୂର୍ବତନ ସରପଞ୍ଚ ମିହିର ରଞ୍ଜନ ସାହୁ ଓ ରମେଶ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନିନାରାଣୀ ସାହୁ ଯୋଗଦେଇ ପରିଷଦ ପକ୍ଷରୁ ନିୟମିତ ଆୟୋଜିତ ହେଉଥିବା ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ରଜ ମହୋତ୍ସବ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିପାରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଭିନେତା କୁନା ତ୍ରିପାଠୀ କହିଲେ, ସମସ୍ତେ ଆମର ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଏଭଳି ରଜ ମହୋତ୍ସବ ଆୟୋଜନ କରିବା ଆବଶ୍ୟକ। ପରିଷଦର ସଭାପତି ସୁରେଶ ଚନ୍ଦ୍ର ମାଝୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ସୁରେନ୍ଦ୍ର ପଲାଇ ବିବରଣୀ ପାଠ କରିଥିଲେ। ଭୁତମୁଣ୍ଡାଇ ପଞ୍ଚାୟତ ସମିତି ସଭ୍ୟ କେଦାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ତିନି ଦିନ ଧରି ମହିଳାଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ଖୁବ୍ ଉପଭୋଗ କରିଥିଲେ। ବରିଷ୍ଠ ସଭ୍ୟ ଚିତ୍ତରଞ୍ଜନ ନାୟକ, ସନ୍ତୋଷ ମହାପାତ୍ର, ନିର୍ଭୟ ସାମଲ, ପ୍ରମୋଦ ବେହେରା, କିରଣ ନାୟକ, ପ୍ରଦୀପ ନାୟକ, ଉମେଶ ସ୍ୱାଇଁ, ରାଜେଶ ମହାପାତ୍ର, ଜ୍ୟୋତିରଞ୍ଜନ ନାୟକ, ଯଯାତି କେଶରୀ ସାମନ୍ତରାୟ, ଗୋପୀନାଥ ବାରିକ, ମିନର୍ଭା ପରିଡା, ସୌଦାମିନୀ ସ୍ୱାଇଁ ପ୍ରମୁଖ ପରିଷଦର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।"

# ୨୫ରେ ଷଣ୍ଢକୁଦ ଜଗନ୍ନାଥ ମନ୍ଦିରର ରତ୍ନମୁଦ



ପାରାଦୀପ,୧୮।୬(ସମିସ) : ପାରାଦୀପ ପୌରାଞ୍ଚଳ ଅଧୀନ ଷଣ୍ଢକୁଦରେ ନୂତନ ଭାବେ ନିର୍ମାଣ ହୋଇଥିବା ମାଉସୀମା ମନ୍ଦିର ଓ ଜଗନ୍ନାଥ ମନ୍ଦିର ପରିସରରେ ନିର୍ମାଣ ହୋଇଥିବା ମା' ଲକ୍ଷ୍ମୀଙ୍କ ମନ୍ଦିରରେ ରତ୍ନ ମୁଦକ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆୟୋଜିତ ହେବ। ପାରାଦୀପରେ ଥିବା ଏହି ସର୍ବପୁରାତନ ବସ୍ତି ଜନ ଗହଳି ହେବାରେ ଲାଗିଛି। ଏଠାରେ ସବୁ ସମ୍ପ୍ରଦାୟର ଲୋକମାନେ ବସବାସ କରୁଥିବାରୁ ସମସ୍ତଙ୍କ ମଧ୍ୟରେ ଭାଇଚାରା ମଧ୍ୟ ବଜାଇ ରହିଛି। ଓଡ଼ିଆ ସଂସ୍କୃତି ସହିତ ବାର ମାସରେ ତେର ପର୍ବକୁ ଏଠାରେ ଧୁମଧାମରେ ପାଳନ କରାଯାଉଥିଲା ବେଳେ ବସ୍ତିର ମଧ୍ୟ ଭାଗରେ ଶ୍ରୀଜଗନ୍ନାଥଙ୍କର ଏକ ମନ୍ଦିର ଶୋଭାପାଉଛି। ଯାହା ସ୍ଥାନୀୟ ଲୋକଙ୍କୁ ଏକ ଭକ୍ତି ମାର୍ଗରେ ଅନୁପ୍ରାଣିତ କରିବା ସହ ମନ୍ଦିରଟି ଆଖି ଝଲସିଲା ଭଳି ଦୃଶ୍ୟମାନ ହେଉଛି। ଏହି ମନ୍ଦିର ପ୍ରତିଷ୍ଠା ହେବା ଦିନ ଠାରୁ ଶ୍ରୀ ଜଗନ୍ନାଥଙ୍କ ରୀତିନୀତି ନିୟମାନୁଯାୟୀ ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା କରାଯାଉଥିଲା ବେଳେ ପବିତ୍ର ରଥଯାତ୍ରା ଦିନ ଏକ ନିଆରା ପରମ୍ପରା ସୃଷ୍ଟି କରିଥାଏ। ଆସନ୍ତା ୨୫ତାରିଖ ଗୁରୁବାର ଉକ୍ତ ଜଗନ୍ନାଥ ମନ୍ଦିର ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ମା' ଲକ୍ଷ୍ମୀଙ୍କ ମନ୍ଦିର ଓ ଅଟୋ ଷ୍ଟାଣ୍ଡ ନିକଟରେ ଥିବା ମାଉସୀମା ମନ୍ଦିରରେ ରତ୍ନମୁଦକ ଲାଗିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ରୀତିନୀତି ନିୟମାନୁଯାଇ ବିଧିବଦ୍ଧ ଭାବେ ପୂଜାର୍ଚନା କରାଯିବା ସହ ନିକଟରେ ଥିବା ମାଉସୀମା ଙ୍କ ମନ୍ଦିରରେ ମଧ୍ଯ ରତ୍ନମୁଦକ ଓ ନୀଳଚକ୍ର ବାନା ସ୍ଥାପନ କରାଯିବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ପ୍ରଦାନ କରାଯିବା ସହ ଶ୍ରଦ୍ଧାଳୁମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଟ୍ରଷ୍ଟର ସଭାପତି, ଉପସଭାପତି ତଥା ଟ୍ରଷ୍ଟର ସଦସ୍ୟ ଗଦାଧର ଦାସ, ରଥ ଓଝା ଓ କେଦାର ପରିଡ଼ା ପ୍ରମୁଖ ନିବେଦନ କରି କହିଛନ୍ତି।

# ପାରାଦୀପ ସାରସ୍ୱତ ଶାଖା ସଂଘର ପ୍ରତିଷ୍ଠାତା ସଦସ୍ୟଙ୍କ ପରଲୋକ



ପାରାଦୀପ,୧୮।୬(ସମିସ): ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ମହାରାଜଙ୍କ ଜଣେ ନିଷ୍ଠାବାନ ଭକ୍ତ ତଥା ପାରାଦୀପ ସାରସ୍ୱତ ଶାଖା ସଂଘର ଅଗ୍ରଣୀ ସଦସ୍ୟ ମହେନ୍ଦ୍ର କୁମାର ବିଶ୍ୱାଳଙ୍କର ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ବାର୍ଦ୍ଧକ୍ୟଜନିତ ରୋଗରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ବିଶ୍ୱାଳ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଅଞ୍ଚଳ ଅନ୍ତର୍ଗତ ଚଢେଇଗୁଆଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ପାରାଦୀପ ବନ୍ଦର ଟ୍ରଷ୍ଟର ବିଦ୍ୟୁତ ବିଭାଗରେ ଦୀର୍ଘଦିନ ଚାକିରି କରି ଅବସର ଗ୍ରହଣ କରିଥିଲେ। ଚାକିରି କାଳରେ ସେ ୧୯୭୦ ମସିହାରେ ପୁରୀ ଜିଲ୍ଲାର ବୀରତୁଙ୍ଗ କେନ୍ଦ୍ର ଆସନସ୍ଥ ନୀଳାଚଳ ସାରସ୍ୱତ ସଂଘ ସହ ଅନୁବନ୍ଧିତ ପାରାଦୀପ ସାରସ୍ୱତ ଶାଖା ସଂଘର ଗଠନ ଓ ମନ୍ଦିର ନିର୍ମାଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେ କେବଳ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ମହାରାଜଙ୍କ ଜଣେ ଭକ୍ତ ନଥିଲେ, ବରଂ ଜଣେ ସମାଜସେବୀ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଭାବେ ସ୍ଥାନୀୟ ଅଞ୍ଚଳରେ ସୁପରିଚିତ ଥିଲେ। ତାଙ୍କ ବିୟୋଗରେ ପାରାଦୀପ ସାରସ୍ୱତ ଶାଖା ସଂଘର ଭକ୍ତବୃନ୍ଦ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ବିଶ୍ୱାଳଙ୍କ ପରିବାରରେ ତାଙ୍କ ପତ୍ନୀ, ତିନି ଝିଅ, ଜାମାତାମାନେ ଏବଂ ଏକମାତ୍ର ପୁତ୍ର ରହିଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିବା ବେଳେ ପୁତ୍ର ସଞ୍ଜୀବ କୁମାର ବିଶ୍ୱାଳ ମୁଖାଗ୍ନି ପ୍ରଦାନ କରିଥିଲେ।ତାଙ୍କ ବିୟୋଗରେ ପାରାଦୀପ ସାରସ୍ୱତ ଶାଖା ସଂଘର ସଭାପତି ତଥା ଶ୍ରମିକ ନେତା ସୁଧାକର ମନ୍ତ୍ରୀ, ସମ୍ପାଦକ ତ୍ରୈଲୋକ୍ୟନାଥ ସାହୁ, ଜିଲ୍ଲା ସାରସ୍ୱତ ସଂଘର ସଭାପତି ବୀରକିଶୋର ବାରିକ, ସହ-ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଅମରନାଥ ପରିଡ଼ା ପ୍ରମୁଖ ଶୋକ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେମାନେ ଶ୍ରୀଶ୍ରୀ ଠାକୁର ମହାରାଜଙ୍କ ନିକଟରେ ବିଦେହୀ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଧର୍ମେଶ୍ୱର ଶୈବ ପୀଠରେ ଶିବ ବିବାହ ଉତ୍ସବ



ତିର୍ତ୍ତୋଲ,୧୮।୬(ସମିସ): ତିର୍ତ୍ତୋଲ ଅଞ୍ଚଳର ପ୍ରମୁଖ ଶୈବ ପୀଠ ପିପ୍ପଳ ମାଧବସ୍ଥିତ ଧର୍ମେଶ୍ୱର ପୀଠରେ ପବିତ୍ର ଶୀତଳ ଷଷ୍ଠୀରେ ବିଧି ବିଧାନ ଅନୁଯାୟୀ ଶିବ ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରୁ ପୀଠ ଚଳ ଚଞ୍ଚଳ ହୋଇ ଉଠିଥିଲା। ପୂର୍ବାହ୍ନରେ ଏକ ବିରାଟ ପଟୁଆରରେ ଭଗବାନ ଶିବଙ୍କ ବିଗ୍ରହଙ୍କୁ ଏକ ବିମାନରେ ଆରୋହଣ ପୂର୍ବକ ବିଭିନ୍ନ ଗ୍ରାମ ପରିକ୍ରମା କରି କନ୍ୟା ପାର୍ବତୀଙ୍କ ଘରକୁ ବାଜା ବାଣ ରୋଷଣୀରେ ଯାଇଥିଲେ। ସେଠାରୁ ପୀଠକୁ ପ୍ରତ୍ୟାବର୍ତ୍ତନ କରିବା ପରେ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବର ପିତା ଭାବେ ଗୋବିନ୍ଦପୁର ଗ୍ରାମର ଶୁଭ୍ରଜିତ୍ ସ୍ୱାଇଁ ଓ କନ୍ୟା ପିତା ଭାବେ ବନ୍ଧବାଟି ଗ୍ରାମର ସୁବ୍ରତ ବାରିକ କାର୍ଯ୍ୟ ସମ୍ପାଦନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା ଓ ଶ୍ରଦ୍ଧାଳୁ ଜନସାଧାରଣ ଯୋଦେଇଥିଲେ। ମନ୍ଦିର ପରିଚାଳନା କମିଟିର ସଭ୍ୟ ନୀଳମଣି ଶତପଥି, ଅମର କୁମାର ରାଉତ, କେଳୁ ଚରଣ ଲେଙ୍କା, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ରଞ୍ଜନ ସ୍ୱାଇଁ, ବିଷ୍ଣୁ ପ୍ରସାଦ କାନୁନଗୋ, ଗଗନ ମହାନ୍ତି, ଶୈଳେନ୍ଦ୍ର ରାୟ, ସନ୍ତୋଷ ନାୟକ, ବାବାଜୀ ଚରଣ ବିଶ୍ୱାଳ, ପ୍ରିୟ ରଞ୍ଜନ ଆଚାର୍ଯ୍ୟ, ବସନ୍ତ ସାହୁ ଏହି ଉତ୍ସବକୁ ପରିଚାଳନା କରିଥିଲେ।

## ଚତୁର୍ଥ ବାର୍ଷିକ ରଜ ଉତ୍ସବ



ବାଲିକୁଦା,୧୮।୬(ସମିସ): ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ରଖିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଗଠନ ହୋଇଥିବା ମାତୃଶକ୍ତି କଳା ଓ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ଚତୁର୍ଥ ବାର୍ଷିକ ରଜ ଉତ୍ସବ କାର୍ଯ୍ୟକ୍ରମ ଓଳାଶ ଗୋଠ ଦଣ୍ଡାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବାବା ସିଦ୍ଧେଶ୍ୱର ଦାସ ଉଦ୍‌ଘାଟକ ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ଉର୍ମିଳା ସାହୁ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଭଗବାନ ମହାନ୍ତି, ସମ୍ମାନିତ ଅତିଥିଭାବେ ପ୍ରେମାନନ୍ଦ ପରିଡା, ସଂଯୋଜକ ଅକ୍ଷୟ କୁମାର ବେହେରା ଯୋଗ ଦେଇ ଓଡ଼ିଶାର ଐତିହ୍ୟ ଓ ପରମ୍ପରା କୁ ସୁରକ୍ଷା ଦେବା ପାଇଁ ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମ ରେ ମଞ୍ଚ ପରିଚାଳନା ପ୍ରଶାନ୍ତ କୁମାର ମହାନ୍ତି କରିଥିବା ବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ରମେଶ ଚନ୍ଦ୍ର ବହିରା ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମ ରେ ସମ୍ପାଦକୀୟ ବିବରଣୀ ସମ୍ପାଦକ ରମେଶ ଚନ୍ଦ୍ର ପରିଡା ପାଠ କରିଥିବା ବେଳେ ଧନ୍ୟବାଦ ଅର୍ପଣ ଉପସଭାପତି ଦେବକାନ୍ତ ବିଶ୍ୱାଳ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସମ୍ବର୍ଦ୍ଧିତ ପ୍ରତିଭା ବେହୁଲା ଜେନା, ଗୌରବ ପରିଡ଼ା, ଶାନ୍ତିପ୍ରିୟା ସ୍ୱାଇଁ, ବିଦ୍ୟାଧର ସାମଲ, ଅନନ୍ତ ସାହୁ, ସଂକୀର୍ତନ ମଣ୍ଡଳୀ ନଳରା, ଅଲେଖ ଖଞ୍ଜଣୀ ଗ୍ରୁପ ବ୍ରାହ୍ମଣଡିହି କଳାକାର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାରମ୍ପରିକ ବାଦ୍ୟ, ସଙ୍ଗୀତ, ଓଡିଶୀ ନୃତ୍ୟ, କାଠି ଲଉଡ଼ି, ପାଲା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଜ୍ଞାନ ରଞ୍ଜନ ବାରିକ, ଅଭୟ ପ୍ରଧାନ, ଦୀପକ ଶତପଥୀ, ମାନସ ମହାରଣା, ରବୀନ୍ଦ୍ର ସେଠି, ଶୀଧେଶ୍ୱର ମହାନ୍ତି, ସରୋଜ ମହାନ୍ତି, ଆଲୋକ ମହାନ୍ତି, ନରେଶ ସେଠୀ, ପ୍ରମୋଦ ବରାଳ, ଛଇଳ ଦଳାଇ ଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।

# ମହିଳାଙ୍କୁ ଆକ୍ରମଣ; ସ୍କୁଟି ଭଙ୍ଗାରୁଜା

କୁଜଙ୍ଗ,୧୮।୬(ସମିସ)



କୁଜଙ୍ଗ ଥାନା ଗୋପିଆକୁଦ ଶାସନରେ ଜନୈକା ମହିଳାଙ୍କୁ ଯୁବକ ଜଣକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ଚୁଟି ଘୋଷାଡି ମାରିବା ସହିତ ତାଙ୍କ ସ୍କୁଟିକୁ ଭାଙ୍ଗିଦେବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ କୁଜଙ୍ଗ ପୁଲିସ ୧୬୨/୨୬ ସଂଖ୍ୟାରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ଗତ ୧୬ ତାରିଖ ୨ ଘଟିକା ସମୟରେ ଗୋପିଆକୁଦ ଶାଶନରେ ପ୍ରଭୁରଂଜନ ରାଉତଙ୍କ ପୂଜାରାଣୀ ସାହୁ ରାହାମାରେ ରହୁଥିବା ବେଳେ ତାଙ୍କର ଗୋପିଆକୁଦ ଶାଶନ ସ୍ଥିତ ଶାଶୁ ଘରକୁ କୌଣସି କାମରେ ଆସୁଥିଲେ। ଏହି ସମୟରେ ନନ୍ଦ କିଶୋର ରାଉତଙ୍କ ପୁତ୍ର ସଂଜୟ କୁମାର ରାଉତ ତାଙ୍କୁ ତୁ କାହିଁକି ଏଠାକୁ ଆସିଛୁ କହିବା ସହିତ ତାଙ୍କୁ ଅଶ୍ଳୀଳ ବ୍ୟବହାର କରିଥିଲେ। ଏପରିକି ତାଙ୍କ ଚୁଟିଧରି ତାଙ୍କୁ ତଳେ ପକାଇ ଘୋଷାରି ଘୋଷାରି ମାଡ ମାରିଥିଲେ। ସେ ଚିତ୍କାର କରିବାରୁ ତାଙ୍କର ଶାଶୁ ଓ ଦେଢ଼ଶୁର ଆସି ଘଟଣା ସ୍ଥଳରେ ପହଚିଥିଲେ। ଏହି ସମୟରେ ଅଭିଯୁକ୍ତ ଗୋଟିଏ ଠେଙ୍ଗାରେ ତାଙ୍କ ସ୍କୁଟିକୁ ବାଡେଇ ଭାଙ୍ଗିବାକୁ ଆରମ୍ଭ କରିଥିଲେ। ତେବେ କୌଣସି ଉପାୟ ନପାଇ ସେ ୧୧୨ କୁ ଫୋନ ଲଗାଇଥିଲେ। ୧୧୨ ପୁଲିସ ଘଟଣା ସ୍ଥଳରେ ପହଂଚିବା ପରେ ଘଟଣା ଶାନ୍ତ ପଡିଥିଲା। ତେବେ ଅଭିଯୋଗ କାରିଣୀ ପୂଜାରିଣି ସାହୁ ଥାନାକୁ ଯାଇ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ଯ ଅଭିଯୁକ୍ତକୁ ଥାମାକୁ ଆଣି ପୁଣି ଛାଡିଦେଇଥିବା ଅଭିଯୋଗକାରିଣି ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଥାନାରୁ ଆସିବା ପରେ ପୁଣି ତାଙ୍କୁ ଓ ତାଙ୍କ ପରିବାରକୁ ଅଶ୍ଳୀଳ ଗାଳି କରିବା ସହିତ ନାନା ଧମକ ଦେଉଥିବା ସେ କହିଛନ୍ତି। ତେବେ ମାମଲାର ତଦନ୍ତକାରୀ ଅଧିକାରୀ ନୟନା ଲେଙ୍କାଙ୍କୁ ପଚାରିବାରୁ ପୁଲିସ ଅଭିଯୁକ୍ତଙ୍କୁ ନୋଟିସ ବେଲରେ ଛାଡିଥିବା କହିଛନ୍ତି।

# ପ୍ରତିଭା ଅନ୍ୱେଷଣ ଓ ସମ୍ବର୍ଦ୍ଧନା ସମାରୋହ



ଡେରାବିଶ, ୧୮।୬(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲୀସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ପ୍ରତୀକ୍ଷା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। 'ଗୀତି ଗଙ୍ଗୋତ୍ରୀ' ତ୍ରୈମାସିକ ଓଡ଼ିଆ ପତ୍ରିକାର ସମ୍ପାଦକ, ଗୀତୀ ଭାରତୀ ଟ୍ରଷ୍ଟର ମୁଖ୍ୟ ତଥା ଦୋହଲୀ ମଡେଲ ହାଇସ୍କୁଲର ୧୯୭୦ ବ୍ୟାଚ୍ ଟପ୍ପର ପ୍ରାଧ୍ୟାପକ ଅଜୟ ମହାନ୍ତିଙ୍କ ଆନୁକୂଲ୍ୟରେ ପ୍ରତିବର୍ଷ ନୂତନ ଛାତ୍ର ପ୍ରତିଭା ଅନ୍ୱେଷଣ ତଥା ସମ୍ବର୍ଦ୍ଧନା ପ୍ରକ୍ରିୟାରେ ଚଳିତ ବର୍ଷ ଏହି ବିଦ୍ୟାଳୟର ମାଟ୍ରିକରେ ଏ-୧ ଗ୍ରେଡ୍‌ରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର, ସ୍ମାରକୀ ପ୍ଲେଟ ଓ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି ମଞ୍ଚ ସଂଯୋଜନା କରିଥିବାବେଳେ ଅତିଥି ଭାବେ ପ୍ରାଧ୍ୟାପକ ଶ୍ରୀ ମହାନ୍ତି, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଉପସଭାପତି ଅମ୍ବିକା ପ୍ରସାଦ ରଥ, ପୁରାତନ ଛାତ୍ର ଗୋପାଳ ରଥ, ଧରଣୀଧର ଦାଶ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତୀକ୍ଷା ପଣ୍ଡାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟର ଟପ୍ପରଙ୍କୁ ୧୦୦୦ ଟଙ୍କା, ବ୍ଲକ ଟପ୍ପର ହୋଇପାରିଲେ ୨୦୦୦ ଟଙ୍କା ଓ ଜିଲ୍ଲା ଟପ୍ପର ହେଲେ ୫୦୦୦ ଟଙ୍କା ଓ ରାଜ୍ୟର ପ୍ରଥମ ଦଶଜଣଙ୍କ ମଧ୍ୟରେ ରହିଲେ ୧୦୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ମୁଖ୍ୟ ଶ୍ରୀ ମହାନ୍ତି ଘୋଷଣା କରିଥିଲେ।ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

● ବିଦ୍ୟୁତ୍ ଆଘାତରେ ଦୁଇ ଯାଆଙ୍କ ମୃତ୍ୟୁ ଘଟଣା

# ପରିବାରକୁ ଭେଟିଲେ ପୂର୍ବତନ ସାଂସଦ



ସରକାରୀ ସହାୟତା ପ୍ରଦାନ ଦାବି

ଖଜୁରିଆକଟା,୧୮ ।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ରଞ୍ଜାଗୋଳ ଗ୍ରାମରେ ଶେଷ ରଜଯାତ୍ରା ପାଳନ ଚାଲିଥିବା ବେଳେ ରାତିରେ ବର୍ଷା ପବନରେ ଛିଡି ପଡିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗ୍ରାମର ଦୁଇ ଯାଆ ମୃତ୍ୟୁ ବରଣ କରିଥିଲେ। ରଜ ପାଇଁ ଉତ୍ସବରେ ମସଗୁଲ ଥିବା ରଞ୍ଜାଗୋଳବାସୀଙ୍କୁ ଏହି ଦୁଃଖଦାୟକ ଖବର ସ୍ତମ୍ଭୀଭୂତ କରିଥିଲା। ଉଭୟ ମହିଳା ହେଉଛନ୍ତି ରଞ୍ଜାଗୋଳ ଗ୍ରାମର ଗୌର ଦେହୁରୀଙ୍କ ସ୍ତ୍ରୀ ମନୀଷା ଦେହୁରୀ (୪୫) ଓ ବିଭୂତି ଦେହୁରୀଙ୍କ ସ୍ତ୍ରୀ ରଞ୍ଜୁ ଦେହୁରୀ (୪୭) । ଏ ଖବର ପାଇ ପୂର୍ବତନ ସାଂସଦ ମହେଶ ସାହୁ ରଞ୍ଜାଗୋଳ ଆସି ଉଭୟ ପରିବାର ପାଖରେ ପହଞ୍ଚି ଘଟଣା ବିଷୟରେ ସମ୍ପୂର୍ଣ୍ଣ ଅବଗତ ହୋଇଥିଲେ। ଉଭୟ ପରିବାରକୁ ସମବେଦନା ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଉଭୟ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ରେଡକ୍ରସରୁ ଉଭୟ ପରିବାରକୁ ସହାୟତା ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଉଭୟ ପରିବାରକୁ ଅତିକମରେ ଚାରି ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ, ହିନ୍ଦୋଳ ବ୍ଲକ ବିଜେଡି ନେତା ଶୁସାନ୍ତ ବେହେରାଙ୍କ ସହ ବହୁ ଗ୍ରାମବାସୀ ପୂର୍ବତନ ସାଂସଦ ମହେଶ ସାହୁଙ୍କ ସହ ମୃତକଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନାଜଣାଇବାସହସ୍ୱର୍ଗତଆତ୍ମାଙ୍କ ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା

# ବାରିଆ ରାଗୁଡ଼ି ସାପକେରା ଗ୍ରାମକୁ ହେବ ପକ୍କା ରାସ୍ତା

ହିନ୍ଦୋଳ,୧୮ ।୬(ସମିସ)

ସ୍ୱାଧୀନତାକୁ ୭୯ ବର୍ଷ ପୂରିଲାଣି। ହେଲେ ଆଜି ମଧ୍ୟ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଆବଶ୍ୟକ ନ ଥିବା ଜାଗାରେ ନିର୍ମାଣ ହେଉଛି ପକ୍କା ରାସ୍ତା। ହେଲେ ଜନସାଧାରଣ ଯେଉଁଠି ଯାତାୟାତ ପାଇଁ ନହିଁ ନ ଥିବା ହୀନସ୍ତା ହେଉଛନ୍ତି ସେଠାରେ କାମ ହେଉନାହିଁ। ଅନ୍ୟପଟେ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର ହୋଇ ଉଠିଛି। ଶେଷରେ ସାପକେରା ବାରିଆ ରାଗୁଡ଼ି ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨ କୋଟି ୯୪ ଲକ୍ଷ ୬୬ ହଜାର ଟଙ୍କାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବଶୀଘ୍ର ଗ୍ରାମକୁ ନୂତନ ପକ୍କା ରାସ୍ତା



- ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଟେଣ୍ଡର ଆହ୍ୱାନ
- ଏଣେ ପାଣି ମୁନ୍ଦାଏ ପାଇଁ ଡହଳ ବିକଳ ସାପକେରାବାସୀ
- ଶତାଧିକ ମହିଳା ଉପଜିଲ୍ଲାପାଳଙ୍କୁ କଲେ ଅଭିଯୋଗ

ନିର୍ମାଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସାପକେରା ଓ ବାରିଆରାଗୁଡ଼ି ଗ୍ରାମରେ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ବେଳେ ଗ୍ରାମକୁ ଯିବା ପାଇଁ ପକ୍କା ସଡ଼କଟିଏ ନ ଥିଲା। ଏପରିକି ଅସରାଏ ବର୍ଷାରେ ଗାଁକୁ ଯାଇପାରୁ ନାହିଁ ଆମ୍ବୁଲାନ୍ସ। ଏହି ଗ୍ରାମରେ ଅଧାରୁ ଅଧିକ ଅଧିବାସୀ ଅନୁସୂଚିତ ଜାତିର ଲୋକ ବସବାସ କରନ୍ତି। ପିଲାମାନେ ପାଠ ପଢିବା ପାଇଁ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ରହିଛି। ଅଧିକ ପାଠ ପଢିବା ପାଇଁ ଗ୍ରାମର ଛାତ୍ର ଛାତ୍ରୀ ମାନେ ନିକଟସ୍ଥ ଦୁଦୁରୁକୋଟ ଗ୍ରାମକୁ ଯିବାକୁ ପଡିଥାଏ। ଯାହାକି ବା ରିଆରଗଡି ଓ ସାପକରା ଗ୍ରାମଠାରୁ ପ୍ରାୟ ୩ କିଲୋମିଟରରୁ ଅଧିକ ରାସ୍ତା ହେବ। ସତମାଇଲ ନିକଟସ୍ଥ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ୨ କିଲୋମିଟର ଦୂର। ବର୍ଷା ହେଲେ ଗ୍ରାମବାସୀ ମାନେ ନାହିଁ ନଥିବା ହିନସ୍ତା ହେଉଥିବା ଦେଖିବାକୁ ମିଳୁଥିଲା। ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଗ୍ରାମ ୨ କିଲୋମିଟରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ଗ୍ରାମକୁ ଏକ ପକ୍କା ସଡ଼କ ନିର୍ମାଣ କରିବା ପାଇଁ ଗ୍ରାମବାସୀ ମାନେ ଦୀର୍ଘ ଦିନ ହେବ ଦାବି କରି ଆସୁଥିଲେ। ଏ ନେଇ ମଧ୍ୟ ଗଣମାଧ୍ୟମରେ ଦୀର୍ଘ ଦିନ ହେବ ବାରମ୍ବାର ଖବର ପ୍ରକାଶ ପାଇ ଆସୁଥିଲା। ଶେଷରେ ପ୍ରଶାସନ ଗ୍ରାମବାସୀଙ୍କ ଦାବିକୁ ଗ୍ରହଣ କରି ରାସ୍ତା ହେବାପାଇଁ ମଞ୍ଜୁରୀ କରିଥିବାରୁ ଗ୍ରାମବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି।

ହେଲେ ସାପକେରା ଗ୍ରାମବାସୀଙ୍କୁ ଏବେ ପାଣି ଚିନ୍ତା ଘାରିଛି ଗ୍ରାମରେ ଜଳ କଷ୍ଟ ଏବେ ହୋଇପଡ଼ିଛି।



ସରକାରଙ୍କ ବସୁଧା ଯୋଜନାରେ ପାଇପ ଦ୍ୱାରା ପାଣି ଯୋଗାଣ ଏଠି ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଥିବା ବେଳେ ଗ୍ରାମରେ ୨ ଟି ନଳକୂଅ ରହିଛି ଗୋଟିଏ ଘଣ୍ଟା ନଳକୂପ ମାରିଲେ ୧୦ ବାଲ୍ଟି ପାଣି ବାହାରୁଛି। ଏନେଇ ବାରମ୍ବାର ଗମବାସୀ ମାନେ ଅଭିଯୋଗ କରିବା ପରେ ପ୍ରଶାସନ ଏହାର ପ୍ରତିକାର ନକରିବାରୁ ଆଜି ସାପକେରା ଗ୍ରାମର ଶତାଧିକ ମହିଳା ଉପଜିଲ୍ଲାପାଳଙ୍କୁ ଭେଟିବାକୁଯାଇଥିବା ଦେଖିବାକୁ ମିଳିଥିଲା। ଏହାର ସମାଧାନ ଖୁବ ଶୀଘ୍ର ନହେଲେ ଶତାଧିକ ଗ୍ରାମବାସୀମାନେ ରାଜ ରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ହୁତୁହୁତୁ ହୋଇ ଜଳିଗଲା ବ୍ୟାଟେରୀ କାର୍

ଭୁବନ,୧୮ ।୬(ସମିସ): ୫୩ନଂ ଜାତୀୟ ରାଜପଥର ଭୁବନ ଥାନା ଶାମଳ ଗ୍ରାମ ନିକଟରେ ଗୁରୁବାର ଭୋର ସମୟରେ ଏକ ବ୍ୟାଟେରୀ ଚାଳିତ କାର ହୁତୁହୁତୁ ହୋଇ ଜଳିଯାଇଛି। ଚାଳକ ଦେବାଶିଷ ମିଶ୍ର କାର



ନେଇ ଯାଜପୁର ଜିଲ୍ଲା ପାଣିକୋଇଲିରୁ ଅନୁଗୋଳ ଜିଲ୍ଲା ନାଲକୋ ଅଭିମୁଖେ ଯାଉଥିବା ବେଳେ ରାତି ୩ଟାରୁ ସାଢ଼େ ୩ଟା ମଧ୍ୟରେ ଧୂଆଁ ବାହାରିବା ସହ ନିଆଁ ଲାଗିଯାଇଥିଲା। ଦେଖୁଦେଖୁ ଗାଡ଼ି ଜଳିବା ଆରମ୍ଭ ହୋଇଥିଲା। ଚାଳକ ଠିକ ସମୟରେ ଗାଡ଼ିରୁ ବାହାରି ଆସିଥିବାରୁ ସୁରକ୍ଷିତ ରହିଛନ୍ତି। ଭୁବନ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚାଳକଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ନିଆଳ ଅଞ୍ଚଳରେ ବୋଲି ଜଣାପଡ଼ିଛି।

## ଲକ୍ଷାଧିକ ଟଙ୍କାର ଶାଳ ଓ ଶାଗୁଆନ କାଠ ଜବତ



ହିନ୍ଦୋଳ,୧୮ ।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବନବିଭାଗ ଦ୍ୱାରା ଏକ ବଡ଼ ଧରଣର ଚଢ଼ଉ କରାଯାଇ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଳ ଓ ଶାଗୁଆନ କାଠ ଜବତ ହୋଇଥିବା ଦେଖିବାକୁ ମିଳିଛି। ହିନ୍ଦୋଳ ଥାନା ବାଘଧରିଆ ଜଙ୍ଗଲରୁ ରୀତିମତ ଶାଳ କାଠ ନିକଟସ୍ଥ ମୁଣ୍ଡିଆପାସି ଅଞ୍ଚଳରେ ବ୍ୟବସାୟ ହୋଇ ଲକ୍ଷାଧିକ ଟଙ୍କାରେ ବିକ୍ରୟ ହେଉଥିବା ନେଇ ଦୀର୍ଘ ଦିନ ହେବ ଅଭିଯୋଗ ହୋଇ ଆସୁଥିଲା। ଆଜି କୌଣସି ସୂତ୍ରରୁ ଖବରପାଇ ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ସଦଳେ ବଳେ ମୁଣ୍ଡିଆ ପଶି ଅଞ୍ଚଳରେ ଏକ କାଜୁ ବଗିଚାରେ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଳ ଓ ଶାଗୁଆନ କାଠ ଜବତ କରିଥିଲେ। ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କ ନେତୃତ୍ୱରେ ଏପିଆର ଫୋର୍ସ ସହ ସଦଳେବଳେ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଳ, ଶାଗୁଆନ କାଠ ଜବତ କରିଛନ୍ତି। ତେବେ କାଠ ମାଫିଆମାନେ ଚଢ଼ଉ ପୂର୍ବରୁ ଫେରାର ହୋଇଯାଇଥିବାରୁ କାହାକୁ ଗିରଫ କରାଯାଇ ପାରି ନ ଥିବା ବେଳେ ଏନେଇ ତଦନ୍ତ ଜାରି ରହିଛି ଏବଂ ଖୁବଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ରେଞ୍ଜର ଦେହୁରୀ କହିଛନ୍ତି।

## ୩୪ ଜଣଙ୍କୁ ମିଳିଲା କାର୍ଯ୍ୟାଦେଶ



ଭୁବନ,୧୮ ।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଭୁବନ ବ୍ଲକ ପରିସରରେ ପଞ୍ଚାୟତ ସମିତିସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରେମାନନ୍ଦ ଜେନା, ବିଧାୟକ ଶତ୍ରୁଘ୍ନ ଜେନା ଅତିଥି ଭାବେ ଯୋଗଦେଇଥିଲେ। ବିଡିଓ ଆୟୁଷୀ ପ୍ରିୟଦର୍ଶନୀ ମହାପାତ୍ର ଓ ଏବିଡିଓ ଅଶୋକ ମିଶ୍ର ସରକାରଙ୍କ ବିକାଶ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୩୪ ଜଣଙ୍କୁ ଆବାସ କାର୍ଯ୍ୟାଦେଶ, ୨୫ ଜଣକୁ ଅନ୍ନପୂର୍ଣ୍ଣା କାର୍ଡ, ୨୮ ଜଣଙ୍କୁ ଭତ୍ତା କାର୍ଡ ବଣ୍ଟନ କରାଯାଇଥିଲା। ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ସଚେତନତା ଷ୍ଟଲ୍ ସ୍ଥାପନ କରାଯାଇଥିଲା। ଆସନ୍ତା ୨୦ ତାରିଖରୁ ବ୍ଲକର ସମସ୍ତ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି। ତେବେ ଦୟାଣାବିଲ ପଞ୍ଚାୟତ କନ୍ହେଇପାଳ ଗ୍ରାମର ସମୀର ସାହୁଙ୍କୁ ସରପଞ୍ଚ ଦିଲୀପ ସାହୁ, ନିର୍ବାହୀ ଅଧିକାରୀ ବିନୋଦ ବେହେରା, ଯମୁନାକୋଟ ଅଗ୍ନିକାଣ୍ଡରେ ପୀଡ଼ିତ ପ୍ରତାପ ସାମଲ, ମାଳତୀ ସାମଲ, ଚାନ୍ଦିନୀ ସାମଲଙ୍କୁ ସରପଞ୍ଚ ରଞ୍ଜନ ବାରିକ, ନିର୍ବାହୀ ଅଧିକାରୀ ପଙ୍କଜ ମହାଲିକ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଇଥିବାରୁ ସାଧୁବାଦ ଜଣାଇଥିଲେ। ମାତ୍ର ୧୫ ଦିନ ମଧ୍ୟରେ ଆବାସ ଯୋଜନାରେ ଘର ମିଳିଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି।

## ବିଦ୍ୟୁତପ୍ରଭା ଫାଉଣ୍ଡେସନ ସମ୍ବର୍ଦ୍ଧିତ

କାମାକ୍ଷାନଗର,୧୮ ।୬(ସମିସ): ଢେଙ୍କାନାଳ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କାମାକ୍ଷାନଗର ସହରର ଅଗ୍ରଣୀ ସାମାଜିକ ସଂଗଠନ ବିଦ୍ୟୁତପ୍ରଭା ଫାଉଣ୍ଡେସନକୁ ସମ୍ବର୍ଦ୍ଧିତ



କରାଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଲଳିତମୋହନ ବେହେରା ଯୋଗଦେଇ ଅନୁଷ୍ଠାନର ସମ୍ପାଦକ ହୃଦୟବଲ୍ଲଭ ମିଶ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଲିପସା ପ୍ରଧାନ ଏ ନେଇ ଜିଲ୍ଲା ରେଡକ୍ରସ ସୋସାଇଟି, ଜିଲ୍ଲା ରକ୍ତଭଣ୍ଡାର କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଅନୁଷ୍ଠାନ ତରଫରୁ ରକ୍ତଦାନ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ରକ୍ତଦାନ ପାଇଁ ବ୍ୟାପକ ସଚେତନତା କରାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ ମହାପାତ୍ର, ଡା. ସପନ ମହାନ୍ତି, ଜିଲ୍ଲା ଅପାତକାଳୀନ ଅଧିକାରୀ ସୁଦୀପ୍ତ ସାହୁ ଯୋଗଦେଇଥିଲେ। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡା. ସ୍ୱରୂପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମୀକ୍ଷା



ଢେଙ୍କାନାଳ,୧୮ ।୬(ସମିସ): ଭାରତ ନିର୍ବାଚନ ଆୟୋଗଙ୍କ ପ୍ରିନ୍ସିପାଲ ସେକ୍ରେଟାରୀ ଏସ୍‌ବି ଜୋଶୀ ଢେଙ୍କାନାଳ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଜୋଶୀ ମୁଖ୍ୟ ନିର୍ବାଚନ ଅଧିକାରୀ, ମହାରାଷ୍ଟ୍ର କାର୍ଯ୍ୟାଳୟର ଡେପୁଟୀ ସେକ୍ରେଟାରୀ ଏମ୍‌ଆର୍ ପାରକର ଏବଂ ଅଣ୍ଡର ସେକ୍ରେଟାରୀ ପ୍ରଶାନ୍ତ ନାଗେ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହିତ ବିଭିନ୍ନ ବୁଥ ପରିଦର୍ଶନ କରି ବିଏଲ୍‌ଓମାନଙ୍କ ସହ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ପୁନଶ୍ଚ, ପ୍ରିନସିପାଲ ସେକ୍‌ରେଟାରୀ ଶ୍ରୀ ଜୋଷୀ ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଏବଂ ଡେପୁଟୀ କଲେକ୍ଟର, ନିର୍ବାଚନ, ନିବେଦିତା ରାଉତଙ୍କ ସହିତ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

## ସିଦ୍ଧେଶ୍ୱର ମହାଦେବଙ୍କ ବିବାହ ଉତ୍ସବ

ଢେଙ୍କାନାଳ,୧୮ ।୬(ସମିସ): ସ୍ଥାନୀୟ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣରେ ଥିବା ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରେ ମହାଆଡ଼ମ୍ବର ସହ ଶିବ



ବିବାହ ଉତ୍ସବ ପାଳିତ ହୋଇଯାଇଛି। ଏହି ପବିତ୍ର ଅବସରରେ ଦେବ ଦେବ ମହାଦେବ ଏବଂ ମାତା ପାର୍ବତୀଙ୍କ ବିବାହର ସମସ୍ତ ନୀତିକାନ୍ତି ପାରମ୍ପରିକ ରୀତିରେ ପାଳନ କରାଯାଇଥିଲା। ଦିନ ତମାମ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ବାଟ ବରଣୀ ଏବଂ ବିବାହର ଅନ୍ୟାନ୍ୟ ରୀତିନୀତି ଯଥାବିଧି ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଦେବ ବିବାହ ଉତ୍ସବରେ ବରପିତା ଭାବରେ ନରୋତମ ଜେନା ଏବଂ କନ୍ୟା ପିତା ଭାବରେ ସନାତନ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଲିଙ୍ଗରାଜ ପତି ଓ ମନ୍ଦିରର ପୂଜକ ଉଦୟନାଥ ରଣାଙ୍କ ଉପସ୍ଥିତିରେ ବିବାହର ସମସ୍ତ ପୂଜାକାର୍ଯ୍ୟ ବେଦମନ୍ତ୍ର ଧ୍ୱନି ମଧ୍ୟରେ ସମ୍ପନ୍ନ କରାଯାଇଥିଲା। ଏହି ଆଧ୍ୟାତ୍ମିକ ଉତ୍ସବରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଦେବ ଦମ୍ପତିଙ୍କ ଦର୍ଶନ କରିବା ସହ କୃପାଲାଭ କରିଥିଲେ।

## ନାଗନାଥେଶ୍ୱର ମହାଦେବଙ୍କ ବିବାହ ଉତ୍ସବ

ଢେଙ୍କାନାଳ,୧୮ ।୬(ସମିସ): ଉତ୍କଳେ ଜ୍ୟୋତିଲିଙ୍ଗ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ଶିବ ବିବାହ ଉତ୍ସବ ବୈଦିକ ରୀତିନୀତିରେ ପାଳିତ ହୋଇଯାଇଛି। ଉତ୍ସବରେ ଦେବୀ ପାର୍ବତୀଙ୍କ ପିତାମାତା ଭାବେ ଢେଙ୍କାନାଳ ସହରର ପ୍ରତାନାରାୟଣ ତ୍ରିପାଠୀ ଓ ପ୍ରବୀଣା ନନ୍ଦ ଏବଂ ମହାଦେବଙ୍କ ପିତାମାତା ଭାବେ ଗୋପାଳଚନ୍ଦ୍ର ପାତ୍ର ଓ ନିରେଶା ପାତ୍ର ଦାୟିତ୍ୱ ତୁଲାଇଥିଲେ। ପ୍ରାତଃରୁ ପୂଜକ ସାଧୁ ଚରଣ ପାଣିଙ୍କ ଦ୍ୱାରା



ଠାକୁରଙ୍କ ଦ୍ୱାର ଫିଟା ନୀତି କରାଯାଇଥିଲା। ଏହା ପରେ ସୂର୍ଯ୍ୟ ନାରାୟଣଙ୍କୁ ଅର୍ଘ୍ୟ କରାଯାଇ ଦେବଦେବ ମହାଦେବଙ୍କ ଅଭିଷେକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟାରେ ଅଭିଷେକ କାର୍ଯ୍ୟ ସମାପନ ହେବା ପରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ଲାଗି କରାଯାଇଥିଲା। ସନ୍ଧ୍ୟା ୬ଟାରେ ରୀତିନୀତିରେ ଦିଅଁ ମଙ୍ଗୁଳା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ରାତ୍ର ୮ରେ ଦେବ ଦମ୍ପତିଙ୍କୁ ବିମାନରେ ବସାଇ ନଗର ପରିକ୍ରମା କରାଯାଇଥିଲା। ରାତ୍ର ୧୦ରେ ମହାଦେବଙ୍କ ବିବାହ କାର୍ଯ୍ୟ ଆରମ୍ଭ ହୋଇ ରାତ୍ର ୧୧ଟାରେ ସମାପନ ହୋଇଥିଲା। ଶିବ ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରି ଭକ୍ତମାନେ ଆଶିଷ ଲାଭ କରିଥିଲେ। ଶେଷରେ ପ୍ରସାଦ ସେବନ କରାଯାଇଥିଲା। ଏହି ଅବସରରେ ଶ୍ରୀ ଶ୍ରୀ ନାଗନାଥେଶ୍ୱ ମନ୍ଦିର ଉନ୍ନୟନ ପରିଷଦର ସଭାପତି ନିତ୍ୟାନନ୍ଦ ସାହୁ, ସମ୍ପାଦକ ସୁଦାମ ବେହେରା, ସଦସ୍ୟ ଅଶୋକ ପଣ୍ଡା, ସବ୍ୟସଚୀ ପାଣି, ସୁଧୀର କୁମାର ପାଣି, ବିଶ୍ୱନାଥ ସାହୁ, ସୁବାସ ସାହୁ, ପ୍ରଶାନ୍ତ ସାହାଣୀ, ବିକ୍ରମ ଗୋଛାୟତ, ରସାନନ୍ଦ ମହାଲିକ, ପ୍ରଦୀପ ପରିଡାଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

## ଭୁବନ ଛତାମଠରେ ଶିବ ବିବାହ

ଭୁବନ,୧୮ ।୬(ସମିସ): ଭୁବନ ସ୍ଥିତ ପୁରାତନ ଛତାମଠ ପରିସରରେ ପ୍ରତିଷ୍ଠିତ ବାବା କାଶୀ ବିଶ୍ୱନାଥଙ୍କ ସହ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଚଳିତ ବର୍ଷ ବହୁ ଧୁମଧାମରେ ପାଳିତ ହୋଇଯାଇଛି। ବାବା ପ୍ରେମାନନ୍ଦ ଗିରି ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପ୍ରାଚୀନ ମଠରେ ଆୟୋଜିତ ଏହି ଧାର୍ମିକ ଉତ୍ସବରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା। ପରିଚାଳନା କମିଟିର ସଭାପତି ହରିହର ସାହୁଙ୍କ ଆୟୋଜନ କ୍ରମେ ପ୍ରଥମେ ନିର୍ବନ୍ଧ କାର୍ଯ୍ୟ ଏବଂ ପରେ ବୈଦିକ ରୀତିନୀତି ଅନୁସାରେ ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପୂଜକ ପଣ୍ଡିତ ତପନ କୁମାର ମିଶ୍ର ସମସ୍ତ ପୂଜାର୍ଚ୍ଚନା ଓ ବିବାହ ବିଧିକୁ ସଫଳତାର ସହ ସମ୍ପାଦନ କରିଥିଲେ। ବିବାହ ଉତ୍ସବରେ କନ୍ୟାପିତା ଭାବେ ବିପିନ ସାମନ୍ତରାୟ ଏବଂ କନ୍ୟାମାତା ଭାବେ ପ୍ରଭାତୀ ସାମନ୍ତରାୟ ଯୋଗଦେଇଥିବା ବେଳେ ବରପିତା ଭାବେ ଜଗଦାନନ୍ଦ ସାଥୁଆ ମହାପାତ୍ର ଓ ବରମାତା ଭାବେ ବନିତା ସାଥୁଆ ମହାପାତ୍ର ଉପସ୍ଥିତ ରହି ସମସ୍ତ ରୀତିନୀତି ପାଳନ କରିଥିଲେ। ସନ୍ଧ୍ୟା ସମୟରେ ବାଜା, ବାଣ ଓ ରୋଷଣୀର ଆକର୍ଷଣୀୟ ଶୋଭାଯାତ୍ରାରେ ଶିବ ପାର୍ବତୀଙ୍କ ଯୁଗଳମୂର୍ତ୍ତି ଭୁବନ ନଗର ପରିକ୍ରମା କରିଥିଲା। ଏହି ଅବସରରେ ଭକ୍ତମାନେ ଭଜନ, କୀର୍ତ୍ତନ ଓ ହରିବୋଲ ଧ୍ୱନିରେ ପରିବେଶକୁ ଆଧ୍ୟାତ୍ମିକମୟ କରିଥିଲେ। ଦିଲୀପ କୁମାର ମିଶ୍ର, ସଦାନନ୍ଦ ନାୟକ, ବିଶ୍ୱନାଥ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଉତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ବାବା କାଶୀ ବିଶ୍ୱନାଥ ଓ ମାତା ପାର୍ବତୀଙ୍କ ଆଶୀର୍ବାଦ ଲାଭ କରିଥିଲେ।

## ଦୌଡ଼େଶ୍ୱର ମହାଦେବଙ୍କ ବିବାହ ଉତ୍ସବ

ଢେଙ୍କାନାଳ,୧୮ ।୬(ସମିସ): ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ବ୍ରାହ୍ମଣୀ ନଦୀ କୂଳରେ ଥିବା ପ୍ରାଚୀନ ଦୌଡ଼େଶ୍ୱର ମନ୍ଦିରରେ ମହାଦେବଙ୍କ ବିବାହ ଉତ୍ସବ ପାଳିତ ହୋଇଛି। ଓଁକାର ବାବା ଭକ୍ତ କମିଟି ଆୟୋଜନରେ ଅନୁଷ୍ଠିତ ଏହି ଉତ୍ସବରେ ଶିବ ଓ ପାର୍ବତୀଙ୍କ ପିତାଙ୍କ ପ୍ରତିନିଧି ଭାବେ ଆଦ୍ୱୈତ ଚରଣ ନାୟକ ଓ ଅଶ୍ୱିନୀ ମହାପାତ୍ର ଦାୟିତ୍ୱ ଗ୍ରହଣ କରି କନ୍ୟାଦାନ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପଣ୍ଡିତ ଅର୍ଜୁନ କୁମାର ପଣ୍ଡା, ପଣ୍ଡିତ ଶ୍ରୀକାନ୍ତ କୁମାର ପଣ୍ଡା ଏବଂ ପୂଜକ ଅଜୟ କୁମାର ପାଣିଗ୍ରାହୀ ବେଦମନ୍ତ୍ର ଓ ଶାସ୍ତ୍ର ବିଧି ଅନୁଯାୟୀ ବିବାହ କାର୍ଯ୍ୟ ସମାପନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭ୍ୟ ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

ହିନ୍ଦୋଳ ଉପଖଣ୍ଡ: ଦାରିଦ୍ର୍ୟ ସୀମାରେଖା ତଳେ ୮୮ ପ୍ରତିଶତ ଲୋକ

# ଗରିବ ହେବା ପାଇଁ ଚାଲିଛି ପ୍ରତିଯୋଗିତା

ହିନ୍ଦୋଳ,୧୮ ।୬(ସମିସ)

ସରକାରଙ୍କ ଯୋଜନାର ଅନ୍ତ ନାହିଁ। ଜନକଲ୍ୟାଣ ଏବଂ ସାମାଜିକ ଓ ଅର୍ଥନୈତିକ ବିକାଶରେ ସରକାର ବାର୍ଷିକ ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଗରିବୀ ହଟୁନାହିଁ। ରାଜ୍ୟ ସରକାର ଏବେ ଜିଲ୍ଲା ଜିଲ୍ଲା ବୁଲି ଶାସନ କ୍ଷମତାର ୨ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୨ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି। ଆତ୍ମନିର୍ଭର ଭାରତ ସହିତ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନର ନାରା ବାଜୁଛି। ହେଲେ ଗରିବ ହେବାକୁ ଆଜି ବି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ପ୍ରତିଯୋଗିତା ଲାଗିଛି।

ନିକଟରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଘୋଷଣା କରି ଖାଦ୍ୟ ସୁରକ୍ଷାରେ ସାମିଲ ହିତାଧିକାରୀଙ୍କୁ ୫ କିଲୋ ଲେଖାଏଁ ଅତିରିକ୍ତ ଚାଉଳ ଦେବାକୁ ନିଷ୍ପତ୍ତି କରିଛନ୍ତି। ଏହା ଫଳରେ ଗରିବ ଲୋକମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଖାଦ୍ୟ ସୁରକ୍ଷା ଯୋଜନା



ଚାଉଳ ସହିତ ମୁଣ୍ଡପିଛା ଅଧିକ ୫ କେଜି ଚାଉଳ ପାଇବେ। ଏକ ଜନକଲ୍ୟାଣ ରାଷ୍ଟ୍ର ଲାଗି ଏଭଳି ଗରିବ କଲ୍ୟାଣ ଯୋଜନା ଖରାପ ନୁହଁ ହେଲେ ଏହାର ଆଢୁଆଳରେ ହିନ୍ଦୋଳ ଉପଖଣ୍ଡରେ ଗରିବ ହେବାକୁ ଲୋକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଥିବା ବେଳେ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ଯେନତେନ ପ୍ରକାରେ ଯୋଜନାରେ ନିଜର ନାମ ରଖିବାକୁ ଲାଗିପଡ଼ିଛନ୍ତି। ସରକାରୀ ସୂଚନା ମୁତାବକ ହିନ୍ଦୋଳ ବ୍ଲକରେ ସମୁଦାୟ ଜନସଂଖ୍ୟାର ପ୍ରାୟ ୮୮ ପ୍ରତିଶତ ଲୋକ ଖାଦ୍ୟ ସୁରକ୍ଷାରେ ସାମିଲ ହୋଇ ସରକାରଙ୍କ ମାଗଣା ଚାଉଳ ପାଇବାକୁ ଯୋଗ୍ୟ ହୋଇଛନ୍ତି। ହିନ୍ଦୋଳ ଉପଖଣ୍ଡରେ ଜନସଂଖ୍ୟା ୧ ଲକ୍ଷ ୬୭ ହଜାର ହୋଇଥିବା ବେଳେ ସେଥିରୁ ୪୫ ହଜାର ପରିବାର ମଧ୍ୟରୁ ୧ ଲକ୍ଷ ୪୮ ହଜାର ଲୋକ ଅର୍ଥାତ ୮୮ ପ୍ରତିଶତ ଲୋକ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ମାଗଣା ରାସନ ନେଉଛନ୍ତି। ଏହା ସତ୍ତ୍ୱେ ଯୋଜନାରେ ସାମିଲ ହେବାକୁ ଆହୁରି ୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଦରଖାସ୍ତ ଏବେ ବିଭାଗ ପାଖରେ ବିଚାରାଧୀନ ରହିଛି। ତେବେ ନୂତନ ଭାବେ ଆବେଦନ କରିଥିବା ହିତାଧିକାରୀଙ୍କୁ ବିଭାଗ ସାମିଲ କରୁ ଅବା ନ କରୁ ଏକଥା ସ୍ପଷ୍ଟ ଯେ ବର୍ତ୍ତମାନ ସୁଦ୍ଧା ହିନ୍ଦୋଳ ଉପଖଣ୍ଡରେ ୮୮ ପ୍ରତିଶତ ଲୋକ ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ସାମିଲ ହୋଇଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯୋଜନା ଯେତିକି ପୁରୁଣା ହେଉଛି ଏଥିରେ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ପାଇବା ବଦଳରେ ଦିନକୁ ଦିନ ବଢ଼ି ଚାଲିଛି। ରାଜ୍ୟରେ ସରକାର ବଦଳିବା ପରେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହିତାଧିକାରୀଙ୍କ ଚିହ୍ନଟ ପ୍ରକ୍ରିୟାକୁ ଜୋର ଦିଆଯାଇଥିଲା। ଆଶା କରାଯାଉଥିଲା ଯୋଜନାରେ ସାମିଲ ହୋଇଥିବା ଅଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବା ସହ କେବଳ ଯୋଗ୍ୟ ହିତାଧିକାରୀ ରହିବେ। ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସ୍ୱଚ୍ଛତା ଆସିବ। ହେଲେ ହିନ୍ଦୋଳ ଉପଖଣ୍ଡରେ ଯେତିକି ବାଦ୍ ପଡ଼ିଲେ ତା'ଠାରୁ ଅଧିକ ହିତାଧିକାରୀ ଯେନତେନ ପ୍ରକାରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ଅଧିକାରୀଙ୍କଠାରୁ ଆରମ୍ଭ କରି ତଦାରଖ କରୁଥିବା କର୍ମଚାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଗଲେ। ଏହା ସତ୍ତ୍ୱେ ଯୋଜନାରେ ସାମିଲ ହେବାକୁ ଏବେ ମଧ୍ୟ ଆବେଦନକାରୀଙ୍କ ସଂଖ୍ୟା ହ୍ରାସ ପାଇଉନାହିଁ।

ଏହା ଦ୍ୱାରା ହୁଏତ ରାଜନୈତିକ ତୁଷ୍ଟୀକରଣ କରାଯାଇ ପାରିଲା। ହେଲେ ଉପଖଣ୍ଡରୁ ଏବେ ବି ଗରିବ ହଟିନାହିଁ। ତାହା ନିଶ୍ଚିତ କୁହାଯାଇ ପରେ। ଏହି ଧାରା ଲାଗିରହିଲେ ୨୦୩୬ ବେଳକୁ ଉପଖଣ୍ଡରେ ଶହେ ପ୍ରତିଶତ ଲୋକ ଖାଦ୍ୟ ସୁରକ୍ଷାରେ ସାମିଲ ହୋଇ ଇତିହାସ ରଚନା କରିବା ଅସମ୍ଭବ ନୁହଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ଟିଏମ୍‌ସି ନେତାଙ୍କ ଗିରଫକୁ ନେଇ ଆପ୍‌ର ପ୍ରଶ୍ନ

# ସର୍କିଟ ହାଉସ୍ ୧୦୯ ନଂ. ରୁମ୍ କାହା ନାଁରେ ହୋଇଥିଲା ବୁକ୍

ପୁରୀ,୧୮।୬(ସମିସ): ତୃଣମୂଳ କଂଗ୍ରେସ ନେତା ତଥା କୋଲକାତା ମ୍ୟୁନିସିପାଲିଟି କର୍ପୋରେସନ ୧୦୮ ନମ୍ବର ୱାର୍ଡର କାଉନ୍‌ସିଲର ସୁଶାନ୍ତ ଘୋଷଙ୍କୁ ପଶ୍ଚିମବଙ୍ଗ ପୁଲିସ ବୁଧବାର ପୁରୀରୁ ଗିରଫ କରିଥିଲା। କୋଲକାତା ଓ ଓଡ଼ିଶା ପୁଲିସ ମିଳିତ ସହଯୋଗରେ ତାଙ୍କୁ ପିପିଲି ଥାନା ଅଧୀନସ୍ଥ କୌଶଲ୍ୟାଗଙ୍ଗ ଅଞ୍ଚଳରୁ ଗିରଫ କରାଯାଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବରକୁ ନେଇ ପ୍ରଶ୍ନ ଉଠାଇଛି ଆମ୍ ଆଦ୍‌ମୀ ପାର୍ଟି(ଆପ୍)। ସୁଶାନ୍ତ ଘୋଷଙ୍କ ଗିରଫ ହେବା ଘଟଣାର ପୁରା ପ୍ରକ୍ରିୟା ହିଁ ଅନେକ ସନ୍ଦେହ ସୃଷ୍ଟି କରିଛି ବୋଲି କହିଛନ୍ତି ଆପ୍‌ର ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ଗୁରୁବାର ପୁରୀ ଜିଲ୍ଲା ଆପ୍ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି, ଅଭିଯୁକ୍ତ ଟିଏମ୍‌ସି ନେତା ଶ୍ରୀ ଘୋଷ କିଛିଦିନ ହେବ ପୁରୀ ସର୍କିଟ୍ ହାଉସ୍‌ର ୧୦୯ ନମ୍ବର୍ ରୁମ୍‌ରେ ରହିଥିଲେ। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ତାଙ୍କୁ ସର୍କିଟ ହାଉସ୍‌ରୁ ହିଁ ପୁଲିସ ଗିରଫ କରିଥିଲା। କିନ୍ତୁ ପିପିଲିରୁ ଗିରଫ କରାଯିବା ନେଇ ଯାହା ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି ତାହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଯଦି ସେମାନଙ୍କୁ ମିଳିଥିବା ସୂଚନା ସତ୍ୟ, ତେବେ କାହାକୁ ସୁରକ୍ଷା ଦେବାକୁ ଯାଇ ପୁଲିସ ଶ୍ରୀ ଘୋଷଙ୍କୁ ପିପିଲିରୁ ଗିରଫ କରିଛି ବୋଲି କହିଛି। ଏହାର ସତ୍ୟାସତ୍ୟ ପଦାକୁ ଆସିବା ଦରକାର।

ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ସର୍କିଟ୍ ହାଉସ୍‌ର ସେହି ୧୦୯ ନଂ. ରୁମ୍ ସରକାରୀ ଦଳର ଜଣେ ବିଧାୟକଙ୍କ ନାମରେ ବୁକ୍ ଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ତେବେ ଗିରଫ

- ପୁରୀରୁ ଗିରଫ ଟିଏମ୍‌ସି ନେତା ସର୍କିଟ ହାଉସ୍‌ରେ ଥିଲେ!
- ସର୍କିଟ ହାଉସ୍‌ର ରେଜିଷ୍ଟର ଓ ସିସିଟିଭି ଫୁଟେଜ୍ ସାର୍ବଜନୀନ ହେଉ

ଟିଏମ୍‌ସି ନେତାଙ୍କ ସହିତ ସମ୍ପୃକ୍ତ ବିଧାୟକଙ୍କର ସମ୍ପର୍କ କ'ଣ? ରାଜନୈତିକ ସମ୍ପର୍କ ନା ଅନ୍ୟ କିଛି? ବିଧାୟକଙ୍କ ନାଁରେ ବୁକ୍ ହୋଇଥିବା ରୁମ୍‌ରେ ଟିଏମ୍‌ସି ନେତା ରହିଲେ କିପରି ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀ ସର୍କିଟ ହାଉସ୍ ଜିଲ୍ଲାପାଳଙ୍କ ଅଧୀନରେ ରହିଛି। ଜଣେ ବାହାର ରାଜ୍ୟର ଅଭିଯୁକ୍ତ ରାଜନେତା ସର୍କିଟ ହାଉସ୍‌ରେ ରହୁଥିବାବେଳେ ଇଣ୍ଟେଲିଜେନ୍ସ କେମିତି କିଛି ସୁରାକ୍ ପାଉନି? ପଶ୍ଚିମବଙ୍ଗର ବିଭିନ୍ନ ନେତା ପୁରୀରେ ଶରଣ ପଶିବା ଏବଂ ଏଠାରୁ ଗିରଫ ହେବା ପୁରୀର ଛବିକୁ ବି ମଳିନ କରୁଛି। ପୁରୀ ଯେମିତି ଅପରାଧୀଙ୍କ ଶରଣ କ୍ଷେତ୍ର ପାଲଟିଛି ଏଭଳି ବାର୍ତ୍ତା ବାହାରକୁ ଯାଉଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ ଥିବା ସତ୍ତ୍ୱେ ଏକାଧିକଥର (ନିକଟରେ ପୁରୀର ଏକ ହୋଟେଲରୁ ଟିଏମ୍‌ସିର ଜଣେ ପୂର୍ବତନ ବିଧାୟକ ଗିରଫ ହୋଇଥିଲେ) ଏଭଳି ଘଟଣା ସାଧାରଣରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଟିଏମ୍‌ସି ନେତା ଶ୍ରୀ ଘୋଷଙ୍କ ଗିରଫଦାରୀକୁ ନେଇ ଯେଉଁ ଚର୍ଚ୍ଚା ହେଉଛି ବା ଆପ୍ ପାଖରେ ଯେଉଁ ସୂଚନା ପହଞ୍ଚିଛି ତା' ଉପରୁ ପରଦା ହଟିବା ଦରକାର। ଯଥାଶୀଘ୍ର ସର୍କିଟ୍ ହାଉସ୍‌ର ସିସିଟିଭି ଫୁଟେଜ୍ ଏବଂ ରେଜିଷ୍ଟର କପି ସାର୍ବଜନୀନ କରି ସନ୍ଦେହ ଦୂର କରନ୍ତୁ ବୋଲି ଆପ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଆପ୍ ୧୦୯ ନଂ. ରୁମ୍‌ର ୧୬ ଓ ୧୭ ତାରିଖର ସିସିଟିଭି ଫୁଟେଜ ସାର୍ବଜନୀନ କରିବା ଲାଗି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆପ୍‌ର ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଜିତ୍ ମହାନ୍ତି, ଜିଲ୍ଲା ଉପସଭାପତି ଅନୀଲ କୁମାର ସେନାପତି ଉପସ୍ଥିତ ଥିଲେ।

### ଧାନ ବିକ୍ରିରେ ଘୋର ଅବ୍ୟବସ୍ଥା

# ସମବାୟ ସମିତି ପରିସରରେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

ଅସୁରାଳି/ଧୂଷୁରୀ, ୧୮।୬ (ସମିସ): ରାଜ୍ୟରେ ରବି ଧାନ ସଂଗ୍ରହ ବ୍ୟବସ୍ଥାରେ ଥିବା ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ପୁଣି ଜଣେ ଚାଷୀ ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ଧାନ ବିକ୍ରି କରି ନ ପାରି ମାନସିକ ଚାପରେ ଥିବା ଜଣେ ଚାଷୀ ଶେଷରେ ସେବା ସମବାୟ ସମିତି ପରିସରରେ ହିଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଧୂଷୁରୀ ଥାନା ଅଧୀନ ବମକୁରା ପଞ୍ଚାୟତ ଖଡ଼ିମହରା ଗ୍ରାମ ଘାଟସାହିର ଚିତ୍ତରଞ୍ଜନ ମଳିକ (୪୩) ଚଳିତ ବର୍ଷ ପ୍ରାୟ ୨ ଏକର ଜମିରେ ରବି ଧାନ ଚାଷ କରିଥିଲେ। ଧାନ ଅମଳ ପରେ ତାହାକୁ ସରକାରୀ ମଣ୍ଡିରେ ବିକ୍ରି କରିବା ପାଇଁ ସେ ବାରମ୍ବାର ବମକୁରା ସେବା ସମବାୟ ସମିତିକୁ ଦୌଡୁଥିଲେ। ତେବେ ସମିତି କର୍ତ୍ତୃପକ୍ଷ "ଟାର୍ଗେଟ୍ ନାହିଁ" ବୋଲି କହି ପ୍ରତିଥର ତାଙ୍କୁ ନିରାଶ କରି ଫେରାଇ ଦେଉଥିବା ଅଭିଯୋଗ ହୋଇଛି। ପରିବାର ପ୍ରତିପୋଷଣ ଓ ଚାଷ କରଜ ଶୁଝିବା ଚିନ୍ତାରେ ଚିତ୍ତରଞ୍ଜନ ଗଭୀର ଆର୍ଥିକ ସଙ୍କଟ ଓ ମାନସିକ ଚାପରେ ଗତି କରୁଥିଲେ। ଗୁରୁବାର ସେ ପୁଣିଥରେ ସମିତି କାର୍ଯ୍ୟାଳୟକୁ ଯାଇ ଧାନ କ୍ରୟ ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସମ୍ପୂର୍ଣ୍ଣ ହତାଶ ହୋଇ ସେ ସମିତି ପରିସରରେ ହିଁ ଏକ ଗାମୁଛା ସାହାଯ୍ୟରେ ଝୁଲିପଡ଼ି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ଚାଷୀ ଓ ସ୍ଥାନୀୟ ଲୋକମାନେ



ତୁରନ୍ତ ତତ୍ପରତା ପ୍ରକାଶ କରି ଚିତ୍ତରଞ୍ଜନଙ୍କୁ ଉଦ୍ଧାର କରିଥିଲେ ଏବଂ ଗୁରୁତର ଅବସ୍ଥାରେ ଧୂଷୁରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୌଭାଗ୍ୟବଶତଃ, ତୁରନ୍ତ ଚିକିତ୍ସା ଯୋଗୁଁ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏହି ଘଟଣା ପ୍ରଚାରିତ ହେବା ପରେ ସମବାୟ ସମିତି ପରିସରରେ ଚାଷୀ ଓ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ କ୍ଷୋଭ ପ୍ରକାଶ ପାଇଥିଲା। ଅସନ୍ତୁଷ୍ଟ ଚାଷୀମାନେ ଧାନ କ୍ରୟ ପ୍ରକ୍ରିୟାରେ ଚାଲିଥିବା ଦୁର୍ନୀତି ଓ ଅବ୍ୟବସ୍ଥାକୁ ନେଇ ହଙ୍ଗାମା କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସମିତିର ସମସ୍ତ କର୍ମଚାରୀ କାର୍ଯ୍ୟାଳୟରେ ତାଲା ପକାଇ ସେଠାରୁ ଫେରାର୍ ହୋଇଯାଇଛନ୍ତି।

ପ୍ରକାଶ ଯେ, ଚିତ୍ତରଞ୍ଜନଙ୍କ ସ୍ତ୍ରୀ ଗୀତାଞ୍ଜଳି ମଳିକଙ୍କ ନାମରେ ୨୩ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ସରକାରୀ ଟାର୍ଗେଟ୍ ରହିଥିଲା। ଏହା ସତ୍ତ୍ୱେ କେଉଁ

## କାର୍ଯ୍ୟାଳୟରେ ତାଲା ପକାଇ କର୍ମଚାରୀ ଫେରାର୍

ପରିସ୍ଥିତିରେ ତାଙ୍କୁ ଫେରାଇ ଦିଆଗଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ବମକୁରା ସେବା ସମବାୟ ସମିତିର ସମ୍ପାଦକଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ୍ ଫୋନ୍ ସ୍ୱିଚ୍ ଅଫ୍ ରହିଛି। ଚାଷୀଙ୍କ ଏପରି ଚରମ ପଦକ୍ଷେପକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସମ୍ପୂର୍ଣ୍ଣ ଘଟଣାର ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଅଞ୍ଚଳର ସମସ୍ତ ଚାଷୀଙ୍କ ଧାନ ଯଥାଶୀଘ୍ର ସରକାରୀ ମୂଲ୍ୟରେ କ୍ରୟ କରିବା ପାଇଁ ସ୍ଥାନୀୟ ଚାଷୀ ସଂଗଠନ ଓ ସାଧାରଣ ଜନତା ଦୃଢ଼ ଦାବି କରିଛନ୍ତି।

# ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗର୍ଜିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୮।୬(ସମିସ): ରାଜ୍ୟର ନୂତନ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ଚିହ୍ନଟ ହେବା ଘଟଣାକୁ ନେଇ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। ଦଳ ପକ୍ଷରୁ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଥିବା ବେଳେ ତାଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି।

## ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

ଛାତ୍ର କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ର ଓ ସ୍ୱନ୍ଦନ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ବିଶାଳ ରାଲିରେ ଆସି ଗଣଶିକ୍ଷାମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହୋଇଥିଲେ। ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା।




ଏହି ଅବସରରେ ବିଭୂତି ଭୂଷଣ ମହାପାତ୍ର କହିଥିଲେ ଯେ, ରାଜ୍ୟ ସରକାର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ପାଠ୍ୟପୁସ୍ତକରେ ୧୬୦୦ରୁ ଅଧିକ ତ୍ରୁଟି ରହିବା ଗଣଶିକ୍ଷା ବିଭାଗର ଚରମ ଅବ୍ୟବସ୍ଥାର ପ୍ରମାଣ। ଏହି ପ୍ରତିବାଦ ସମୟରେ ସେମାନେ 'ବର୍ଣ୍ଣବୋଧ' ପୁସ୍ତକ ପ୍ରଦର୍ଶନ କରି ଶିକ୍ଷା ବ୍ୟବସ୍ଥାର ଅବନତିକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ଘଟଣା ପାଇଁ ରାଜ୍ୟବାସୀଙ୍କ ନିକଟରେ କ୍ଷମା ମାଗିବା ସହ ଗଣଶିକ୍ଷାମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରନ୍ତୁ। ଏଥିସହ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପୁସ୍ତକଗୁଡ଼ିକର ପୁନଃମୁଦ୍ରଣ କରି ଛାତ୍ରଛାତ୍ରୀଙ୍କୁ ତ୍ରୁଟିମୁକ୍ତ ପୁସ୍ତକ ଯୋଗାଇ ଦିଆଯାଉ ବୋଲି ସେ ଦାବି କରିଥିଲେ।

ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଯେ, ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ଏକ ଅକ୍ଷମଣୀୟ ଅପରାଧ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ସମେତ ବହୁ ଛାତ୍ର ନେତା ଓ କର୍ମୀ ସାମିଲ ହୋଇଥିଲେ।

# ନରହନ୍ତା ଦନ୍ତାକୁ ସାମାଜିକ ଦଣ୍ଡ !

ଆନନ୍ଦପୁର, ୧୮।୬ (ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ଖଣ୍ଡ ଅଞ୍ଚଳରେ ଏକ ଦନ୍ତା ହାତୀ ଏକୁଟିଆ ହୋଇ ଗତ ପ୍ରାୟ ୧୧ ଦିନ ହେଲା ବିଷାଦଗ୍ରସ୍ତ ହୋଇ ଘୂରି ବୁଲୁଥିବା ଘଟଣା ଚର୍ଚ୍ଚାକୁ ଆସିଛି। ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ପରେ ଅଭାବନୀୟ ଘଟଣା ସାମନାକୁ ସ୍ଥାନୀୟ ଅଧିବାସୀ ଓ ବନବିଭାଗର ନିଦ୍ରା ହଜିଯାଇଛି। ମହିଳାଙ୍କୁ ମାରିବା ପରେ ଦନ୍ତା ହାତୀଟି ସାତକୋଶିଆ ଜଙ୍ଗଲକୁ ଯିବାକୁ ଚେଷ୍ଟା କରିଥିଲା। ସେଠାରେ ଥିବା ହାତୀ ପଲ ତାକୁ ଗ୍ରହଣ କରି ନଥିଲେ ବୋଲି ଜଣାପଡ଼ିଛି। ଫଳରେ ଉକ୍ତ ଦନ୍ତା ହାତୀଟି ଦୀର୍ଘ



- ୬ ତାରିଖରେ ଜଣେ ମହିଳାଙ୍କୁ ଦଳି ମାରିଥିଲା
- ୧୧ ଦିନ ହେଲା ଗ୍ରହଣ କରୁନାହାନ୍ତି ହାତୀପଲ

ଆସିଛି। ଏହି ଘଟଣା କେବଳ ମଣିଷ-ହାତୀ ସଂଘର୍ଷର କାହାଣୀ ନୁହେଁ; ବରଂ ବନ୍ୟପ୍ରାଣୀଙ୍କ ସାମାଜିକ ଆଚରଣ ଓ ସେମାନଙ୍କ ରହସ୍ୟମୟ ଜୀବନଧାରା ସମ୍ପର୍କରେ କେତେକ ଅଜଣା କଥା ସାମନାକୁ ଆଣିଛି। ଦନ୍ତା ହାତୀର ଏହି ୧୧ ଦିନର ଏକାକୀ ଜୀବନ ହାତୀପଲର ସାମାଜିକ ଦଣ୍ଡ ଓ କେବଳ ଏକ ସଂଯୋଗ ବୋଲି ବନ୍ୟଜନ୍ତୁ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ସୂଚନା ଅନୁସାରେ, ଗତ ଜୁନ ୬ ତାରିଖରେ ଏକ ଦନ୍ତା ହାତୀ ଆମ୍ବ ତୋଳୁଥିବା ଅବସ୍ଥାରେ ଜଣେ ମହିଳାଙ୍କୁ କଚାଡ଼ି ମାରିବା ହୃଦୟବିଦାରକ ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା। ସେହିଦିନଠାରୁ ଏହି ଦନ୍ତା ଗୋଠକୁ ଫେରି ନପାରି ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ଘୂରି ବୁଲୁଥିବାରୁ ୧୧ ଦିନ ଧରି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନଖଣ୍ଡର ସୀମାବର୍ତ୍ତୀ ବାଉଁଶଗଡ଼, କଣ୍ଟିପାଳ ଓ କାଠକଟା ଅଞ୍ଚଳରେ ଘୂରି ବୁଲିଥିଲା। ଗ୍ରାମବାସୀ ଭୟଭୀତ ହୋଇ ବନ ବିଭାଗ କର୍ମଚାରୀଙ୍କୁ ଜଣାଇବା ପରେ ମିଳିଥିବା ସୂଚନା ଆଶ୍ଚର୍ଯ୍ୟାନ୍ୱିତ କରିଛି। ସେମାନଙ୍କ ମତରେ, ହାତୀଟି ମଣିଷ ମାରିଥିବାରୁ ଅନ୍ୟ ହାତୀମାନେ ତାକୁ କିଛି ସମୟ ପାଇଁ ଅଲଗା ରଖିଥିଲେ ଓ ତାର ଆଚରଣକୁ ନିରୀକ୍ଷଣ କରୁଥିଲେ। ତେବେ, ହାତୀଟି ପୁଣି ପଲରେ ମିଶିବ ବୋଲି ଜଣେ ବାନ୍ୟଜନ୍ତୁ ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଗତ ବୁଧବାରଠାରୁ ସେହି ଦନ୍ତା ହାତୀ ପୁନର୍ବାର ମଣିଷ ମାରିବା ସ୍ଥାନରେ ପହଞ୍ଚି ନିଜ ଦାନ୍ତରେ ଗାତ କରି ପାଣି ଢାଳି ଡାଳପତ୍ରରେ ଘୋଡ଼ାଇ ଦେବା ଭଳି ଗତିବିଧି ଲକ୍ଷ୍ୟ କରାଯାଇଛି। ବନ ବିଭାଗ କର୍ମଚାରୀ ସତର୍କ ରହି ସ୍ଥିତି ଉପରେ ନଜର ରଖିଛନ୍ତି।

# ଓଡ଼ିଆ ଅସ୍ମିତା ଭୟଙ୍କର ସଙ୍କଟରେ: ଓଜେସି

ଭୁବନେଶ୍ୱର,୧୮।୬(ସମିସ): ପାଠ୍ୟ ପୁସ୍ତକ ପ୍ରକାଶନରେ ଦେଖାଦେଇଥିବା ଯାବତୀୟ ତ୍ରୁଟି ଓ ବିଭ୍ରାଟରେ ସଂପୃକ୍ତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା ରୁଜୁ ସହ ଛାତ୍ରଛାତ୍ରୀମାନଙ୍କୁ ତୁରନ୍ତ ସଠିକ୍ ତ୍ରୁଟିମୁକ୍ତ ପୁସ୍ତକ ଯୋଗାଇ ଦେବାପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ଦାବି କରିଛି। ରାଜ୍ୟରେ ସରକାରୀ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଯୋଗାଯାଇଥିବା ପାଠ୍ୟପୁସ୍ତକରେ ମୁଖ୍ୟତଃ ଭାଷା ସାହିତ୍ୟ ବହିରେ ବ୍ୟାପକ ତ୍ରୁଟି, ଭାଷା ସଂଯୋଜନାରେ ମାଳ ମାଳ ଭୁଲ୍ ଯୋଗୁଁ ପ୍ରାଥମିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଯାବତୀୟ ବିଭ୍ରାଟ ସୃଷ୍ଟି ହୋଇଛି ଓ ଶିକ୍ଷାଦାନ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏହି ପୁସ୍ତକ ପ୍ରକାଶନରେ ୫୦ରୁ ୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମୁଖ୍ୟମନ୍ତ୍ରୀ ଏହାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଗଣ ମାଧ୍ୟମରେ ପ୍ରକାଶ ପାଇଛି। ମାତ୍ର ଏହି ଦାୟିତ୍ୱହୀନତା ଓ ଓଡିଆ ଭାଷା ବିରୋଧି କାର୍ଯ୍ୟକୁ ଓଜେସି ତୀବ୍ର ଭର୍ତ୍ସନା କରିବା ସହ ଏଭଳି ଓଡିଆ ଭାଷା ବହି ପ୍ରକାଶନରେ ତ୍ରୁଟି ଯୋଗୁଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ଦାବି କରିଛି।

ଏହି ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିବା ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା ରୁଜୁକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପାର୍ଟି ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ତ୍ରୁଟିଯୁକ୍ତ ପୁସ୍ତକ ପ୍ରକାଶନରେ ହାରାହାରି ୫୦-୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିବା ଅଧିକାରୀ ଓ ସଂସ୍ଥାଙ୍କ ଠାରୁ ତୁରନ୍ତ ଉକ୍ତ ଅର୍ଥ ଆଦାୟ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପାର୍ଟି ଦାବି କରିଛି। ଏହାବ୍ୟତୀତ ଯୋଗାଇ ଦିଆଯାଇଥିବା ତ୍ରୁଟିପୂର୍ଣ୍ଣ ସମସ୍ତ ପୁସ୍ତକ ପ୍ରତ୍ୟାହାର କରାଯାଇ ପୁସ୍ତକ ଗୁଡିକର ପୁନଃସଂସ୍କରଣ କରାଯାଇ ତୁରନ୍ତ ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଇ ଦିଆଯିବା ଦରକାର। ଫଳରେ ଛାତ୍ରଛାତ୍ରୀମାନେ ସଠିକ୍ ଭାଷା ସାହିତ୍ୟ ବହି ପଢି ପାରିବେ ଓ ଜ୍ଞାନ ଅର୍ଜନ କରିପାରିବେ। ଏହି ବିଭ୍ରାଟ ପାଇଁ ଶିକ୍ଷାମନ୍ତ୍ରୀ ସଂପୂର୍ଣ୍ଣ ଦାୟୀ। ତେଣୁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଛି। ଆଗାମୀ ଦିନରେ ଯେପରି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନ କରାନଯିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ପାର୍ଟି ଦାବି କରିଛି। ଓଡିଆ ଭାଷା ସାହିତ୍ୟ ଉପରେ ଅଜ୍ଞ, ଅନଭିଜ୍ଞ ଶିକ୍ଷକମାନଙ୍କୁ ଏହି ପୁସ୍ତକ ପ୍ରକାଶନ ଦାୟିତ୍ୱରୁ ଦୂରେଇ ରଖି, ବିଜ୍ଞ, ଜ୍ଞାନୀଗୁଣୀ ସଂପନ୍ନ ଶିକ୍ଷକମାନଙ୍କୁ ଦାୟିତ୍ୱ ଦେବାକୁ ପାର୍ଟି ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି।

# ପୁସ୍ତକ ପ୍ରତ୍ୟାହାର ଓ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର,୧୮।୬(ସମିସ): ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକରେ ପ୍ରାୟ ୧,୬୭୮ଟି ତ୍ରୁଟି ଚିହ୍ନଟ ହେବା ଘଟଣାକୁ ନେଇ ଆମ ଆଦମୀ ପାର୍ଟି (ଆପ୍) ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି। ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି ଯେ, ଗଣଶିକ୍ଷା ବିଭାଗର ଅବହେଳା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିପଦରେ ପଡ଼ିଛି। ବିନା ସଠିକ୍ ଯାଞ୍ଚରେ ପାଠ୍ୟପୁସ୍ତକ ଛପା ହେବା ଗୁରୁତର ବିଷୟ। ଓଡ଼ିଶା ବିଧାନସୌଧ ପରିବର୍ତ୍ତେ କର୍ଣ୍ଣାଟକ ବିଧାନସଭାର ଫଟୋ, ବନାନ ଭୁଲ ଓ ତଥ୍ୟଗତ ତ୍ରୁଟି ଛାତ୍ରଛାତ୍ରୀଙ୍କୁ ଭୁଲ ଶିକ୍ଷା ଦେବା ସମାନ। ଏତେ ବଡ଼ ତ୍ରୁଟି ସାମ୍ନାକୁ ଆସିଥିଲେ ମଧ୍ୟ ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଶିକ୍ଷକମାନେ ଶ୍ରେଣୀଗୃହରେ ତ୍ରୁଟି ସଂଶୋଧନ କରି ପାଠ ପଢ଼ାଇବେ ବୋଲି ଗଣଶିକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟ ଛାତ୍ର ସମାଜ ପ୍ରତି ଉପହାସ ପରି ହୋଇଛି। ତେଣୁ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ତୁରନ୍ତ ପ୍ରତ୍ୟାହାର କରାଯାଉ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ଏବଂ ନୈତିକ ଦାୟିତ୍ୱ ସ୍ୱୀକାର କରି ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି ।

# ୨୯ ହଜାରରୁ ଅଧିକ ଶିକ୍ଷକ ପଦ ଖାଲି

ଭୁବନେଶ୍ୱର,୧୮।୬(ସମିସ): ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ଦୀର୍ଘଦିନ ଧରି ୨୯,୫୮୬ରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ି ରହିଥିବା ବେଳେ ତୁରନ୍ତ ନିଯୁକ୍ତି ଦାବି ଜୋର ଧରିଛି। ଖାଲି ପଦବୀ ପୂରଣରେ ବିଳମ୍ବ ହେତୁ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ଖାଲି ପଦବୀଗୁଡ଼ିକୁ ଅବିଳମ୍ବେ ପୂରଣ କରିବା ଏବଂ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦାବିରେ ଓଡ଼ିଶା ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଆସନ୍ତା ଜୁନ୍ ୨୫ ତାରିଖରେ ରାଜ୍ୟବ୍ୟାପୀ ଆନ୍ଦୋଳନ

## ଆସନ୍ତା ୨୫ରେ ରାଜ୍ୟବ୍ୟାପୀ ଆନ୍ଦୋଳନ

କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଉପଲବ୍ଧ ତଥ୍ୟ ଅନୁଯାୟୀ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲରେ ୧,୬୫୨ଟି, ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରେ ୫,୫୩୮ଟି, ସରକାରୀ ହାଇସ୍କୁଲରେ ୮,୦୦୦ଟି, ସହକାରୀ ଶିକ୍ଷକ ଭାବେ ୧୫,୦୦୦ଟି ଏବଂ ଓଏଭିଏସରେ୧,୮୩୧ଟି ପଦବୀ ଖାଲି ରହିଛି। ଏପରିସ୍ଥିତିରେ ରାଜ୍ୟର ୧.୨୦ ଲକ୍ଷରୁ ଅଧିକ ବିଏଡ୍ ଓ ଡିଏଲ୍‌ଏଡ୍ ପାସ୍ ପ୍ରାର୍ଥୀ, ଯେଉଁମାନେ ଓଟିଇଟି ଓ ଓଏସ୍‌ଏସ୍ଟିଇଟି ଯୋଗ୍ୟତା ହାସଲ କରିଛନ୍ତି, ସେମାନେ ନିଯୁକ୍ତିକୁ ଅପେକ୍ଷା କରି ରହିଛନ୍ତି। ତେଣୁ ସରକାର ଶୀଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ସହ ଖାଲି ପଦବୀ ପୂରଣ ପାଇଁ ସ୍ପଷ୍ଟ ରୋଡମ୍ୟାପ ପ୍ରକାଶ କରିବାକୁ ଦାବି ହୋଇଛି।

# ବାରିପଦାରୁ ମିଳିଲା ୧୫ ନିୟୁତ ବର୍ଷର ସାର୍କ ଜୀବାଶ୍ମ

ବାରିପଦା,୧୮।୬(ସମିସ): ଅଥଳ ସମୁଦ୍ର ଗର୍ଭରୁ ଜନ୍ମ ନେଇଛି ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହର ଓ ଏହାର ଆଖପାଖ ଅଞ୍ଚଳ। ବାରିପଦା ସହର ସନ୍ନିକଟ ସାତପଉଟିଆ, ଅସୁରଡିହି, ଇଟାମୁଣ୍ଡିଆ, ମୁକୁରମାଟିଆ, ପ୍ରତାପପୁର ପର୍ଯ୍ୟନ୍ତ ବୁଢ଼ାବଳଙ୍ଗ ନଦୀ ପାଶ୍ୱର୍ରେ ଅବସ୍ଥିତ ଅଞ୍ଚଳରୁ ପ୍ରାୟ ୧୨ ନିୟୁତ ବର୍ଷ ପୁରାତନ ଜୀବାଶ୍ମ ଭଣ୍ଡାର ଠାବ ହେବା ପରେ ଏବେ ଧୀରେ ଧୀରେ ଏହାକୁ ନେଇ ଅନେକ ରହସ୍ୟ ଉନ୍ମୋଚନ ହେବାରେ ଲାଗିଛି। ଏଠାରୁ

- ଠାବ କଲେ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟର ପ୍ରଫେସର

ମିଳୁଥିବା ଜୀବର ସଂରକ୍ଷିତ ଶାରୀରିକ ଅବଶେଷ ଯେପରିକି ହାଡ, ଦାନ୍ତ, ଖୋଳ, କିମ୍ବା ପତ୍ର ଆଦି ଜୀବାଶ୍ମ ଛାପରୁ ଏବେ ଅନେକ ତଥ୍ୟ ଜଣାପଡୁଛି। ଏହାର ସଂରକ୍ଷଣ ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି।

ବାରିପଦାରୁ ୧୫ ନିୟୁତ ବର୍ଷର ସାର୍କ ମାଛର ଜୀବାଶ୍ମ ଠାବ କରିଛନ୍ତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ଏମ୍‌ଏସ୍‌ସିବି)ର ପ୍ରଫେସର ଡକ୍ଟର ଦେବବ୍ରତ ନନ୍ଦୀ, ଅଧ୍ୟାପିକା ଶୁଭସ୍ମିତା ଦାସ ଓ ବିଦ୍ୟାର୍ଥୀ ବିଶ୍ୱରଞ୍ଜନ ଭୋଇ।

ମିଳିଥିବା ଏକ ତଥ୍ୟ ଅନୁସାରେ ବାରିପଦା ବେଡ୍‌ର ଜୀବାଶ୍ମ ସାମୁଦ୍ରିକ ଭଣ୍ଡାର ମେରୁଦଣ୍ଡୀ ଓ ଅମେରୁଦଣ୍ଡୀ ପ୍ରାଣୀ ପାଇଁ ବେଶ୍ ଜଣାଶୁଣା। ଏହି ଶଯ୍ୟାରୁ ରେକର୍ଡ କରାଯାଇଥିବା ଜୀବାଶ୍ମ ମାଛ ସମୂହରେ ଶାର୍କ (୪୮ ପ୍ରତିଶତ), ବାଟୋଇଡ୍ (୩୧ ପ୍ରତିଶତ) ଓ ଟେଲିଓଷ୍ଟ (୨୦ ପ୍ରତିଶତ) ଅନ୍ତର୍ଭୁକ୍ତ। ଏଥିରେ ସେଲାଚିଆନ୍ ପ୍ରଜାତି ଯଥା କାର୍ଚାରିନସ୍ ଆଫଫ୍ ବିଷୟରେ ରିପୋର୍ଟ କରାଯାଇଛି। ଏକ ବିବିଧ ଜୀବାଶ୍ମ ମାଛ ଜୀବଜନ୍ତୁଙ୍କ ଉପସ୍ଥିତି ମାୟୋସିନ ସମୟରେ ବିଶ୍ୱ ଜୈବ ବିବିଧତାରେ ସାମଗ୍ରିକ ବୃଦ୍ଧି ସହିତ ଭଲ ଭାବେ ପ୍ରମାଣିତ



ମଧ୍ୟ କରୁଥିବା ନେଇ ସୂଚନା ମିଳିଛି। ଏହା ଉପରେ ଅଧିକ ଅଧ୍ୟୟନ କରାଗଲେ ଆହୁରି ଅନେକ ତଥ୍ୟର ଉନ୍ମୋଚନ ହୋଇପାରିବ ବୋଲି ବିଶ୍ୱବିଦ୍ୟାଳୟର ପକ୍ଷରୁ କୁହାଯାଇଛି।

ଭୂତାତ୍ତ୍ୱିକ ବୈଜ୍ଞାନିକମାନେ ଆମ ଦେଶରେ ମଧ୍ୟ ଅନେକ ସ୍ଥାନରୁ ଜୀବାଶ୍ମ ଉଦ୍ଧାର କରି ହଜାର ହଜାର ବର୍ଷ ପୂର୍ବର ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି। ବାରିପଦା ସହର ଓ ଏହାର ଆଖପାଖ ଅଞ୍ଚଳ ଦିନେ ସଲୋ ୱାଟର ମେରାଇନ କଣ୍ଡିସନ ଥିଲା। ଏଠାରେ ମଲାସ୍କା, ଓଷ୍ଟ୍ରୀୟା ଓ ସାର୍କ ଭଳି ଜଳଚର ଜୀବଙ୍କ ଜୀବାଶ୍ମ ମିଳୁଛି। ପୃଥିବୀର ଟ୍ରାନ୍ସଗେସନ ଓ ରିଗ୍ରେସନ ହୋଇଛି। ବାରିପଦା ଜୀବାଶ୍ମ ଶଯ୍ୟାରେ ମେଗା ଫସିଲ ଓ ମାଇକ୍ରୋଫସିଲ ସବୁ ରହିଛି। ଏହି ଜୀବାଶ୍ମ ଉପରେ ଅଧିକ ଅଧ୍ୟୟନ କରାଗଲେ ସେ ସମୟରେ ଏଠାକାର ପରିବେଶ କ'ଣ ଥିଲା, କେଉଁ ଭଳି ଜୀବ ଏଠାରେ ରହୁଥିଲେ; ଏଭଳି ଅନେକ ରହସ୍ୟମୟ ତଥ୍ୟ ଉପରୁ ପରଦା ଉଠିପାରନ୍ତା। ତେଣୁ ଏସବୁ ଜିନିଷ ଉପରେ ଲୋକେ ସଚେତନ ନାହାନ୍ତି, ଫଳରେ ଏଗୁଡିକର ସଂରକ୍ଷଣ ହୋଇପାରୁନାହିଁ।

ସରକାରଙ୍କ ପକ୍ଷରୁ ଏହି ଅଞ୍ଚଳକୁ ଜିଓ-ହେରିଟେଜ ଭାବେ ସଂରକ୍ଷଣ କରାଗଲେ; ଏହା ଆଗାମୀ ପିଢ଼ି ପାଇଁ ଅନେକ ଉପାଦେୟ ହୋଇପାରନ୍ତା ବୋଲି ବାରିପଦାସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଭୂତତ୍ତ୍ୱବିତ୍ ଡ ପ୍ରମୋଦ ଚନ୍ଦ୍ର ସାହୁ କହିଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ତଥା ରତ୍ନ ଗର୍ଭା ମୟୂରଭଞ୍ଜର ଏହି ଜୀବାଶ୍ମ ଶଯ୍ୟା ପୃଥିବୀର ଅନେକ ଫସିଲ୍ ସାଇଟ୍ ମଧ୍ୟରୁ ଅନ୍ୟତମ ଏବଂ ବିରଳ। ଏହାର ରକ୍ଷଣାବେକ୍ଷଣ କରାଯିବା ସହ ଏହାକୁ ଏକ 'ଫସିଲ୍ ପାର୍କ' ରେ ପରିଣତ କରାଗଲେ ଗବେଷକଙ୍କ ପାଇଁ ଏହା ଗବେଷଣା କେନ୍ଦ୍ର ଓ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ନୁତନ ଜ୍ଞାନ ଆହରୋଣର ମାଧ୍ୟମ ସାଜିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

# ବିଶ୍ୱର ଶ୍ରେଷ୍ଠ ୫% ବୈଜ୍ଞାନିକଙ୍କ ତାଲିକାରେ କିଟ୍‌ର ୪୫ ପ୍ରଫେସର

ଭୁବନେଶ୍ୱର,୧୮।୬(ସମିସ):ଗବେଷଣା ଓ ବିଜ୍ଞାନ ପ୍ରତି ଅବଦାନ ଆଧାରରେ ୨୦୨୫ ପାଇଁ ସାଇ-ର୍‌ୟାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ସମ୍ମାନଜନକ 'ଗ୍ଲୋବାଲ୍ ସାଇଣ୍ଟିଷ୍ଟ ଇଣ୍ଡେକ୍ସ'ର ବିଶ୍ୱର ଶ୍ରେଷ୍ଠ ୫ପ୍ରତିଶତ ବୈଜ୍ଞାନିକ ତାଲିକାରେ କିଟ୍ ବିଶ୍ୱବିଦ୍ୟାଳୟର ୪୫ଜଣ ପ୍ରଫେସର ସ୍ଥାନ ପାଇଛନ୍ତି। 'ସାଇର୍‌ୟାଙ୍କ ଗ୍ଲୋବାଲ୍ ରେଜିଷ୍ଟ୍ରି' ହେଉଛି ଏକ ସ୍ୱାଧୀନ ଏବଂ ସ୍ୱଚ୍ଛ ଗ୍ଲୋବାଲ୍ ବେଞ୍ଚମାର୍କିଂ ପ୍ଲାଟଫର୍ମ। ଏହା ବାଇବ୍ଲିଓମେଟ୍ରିକ୍ ବିଶ୍ଳେଷଣ ମାଧ୍ୟମରେ କେବଳ ଯୋଗ୍ୟତା ଆଧାରରେ ଗବେଷକମାନଙ୍କ ମୂଲ୍ୟାଙ୍କନ କରେ। ୨୦୨୫ ସୂଚକାଙ୍କ ବିଶ୍ୱବ୍ୟାପୀ ୧୦ ନିୟୁତରୁ ଅଧିକ ସକ୍ରିୟ ଗବେଷକ ଏବଂ ପ୍ରାୟ ୫୦ ନିୟୁତ ଗବେଷଣା କାର୍ଯ୍ୟର ପ୍ରୋଫାଇଲ୍ ମୂଲ୍ୟାଙ୍କନ କରାଯାଇଛି। ଶୀର୍ଷ ୫ ପ୍ରତିଶତରେ ସ୍ଥାନ ପାଇଥିବା ବୈଜ୍ଞାନିକମାନଙ୍କୁ ବିଶ୍ୱବ୍ୟାପୀ ସେମାନଙ୍କ ସମକକ୍ଷଙ୍କ ୯୫ ପ୍ରତିଶତ ଅପେକ୍ଷା ଅଧିକ ଉତ୍ପାଦନକ୍ଷମ ଏବଂ ପ୍ରଭାବଶାଳୀ କୁହାଯାଉଛି। ଏହି ମାନ୍ୟତା ବିଶ୍ୱବିଦ୍ୟାଳୟର ଏକ ଗବେଷଣା-ମୁଖୀ ପରିବେଶକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱକୁ ଉଜ୍ଜ୍ୱଳ କରିବା ସହ ଉଚ୍ଚମାନର ପ୍ରକାଶନ, ନବସର୍ଜନା ଏବଂ ଆନ୍ତଃବିଭାଗୀୟ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ସାଇର୍‌ୟାଙ୍କ ଗ୍ଲୋବାଲ୍ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି ଅନୁଯାୟୀ ଗବେଷକମାନଙ୍କୁ ଚୟନ କରିବା ପାଇଁ 'ସାଧାରଣ କମ୍ପୋଜିଟ୍ ସ୍କୋର' ବ୍ୟବହାର କରାଯାଏ। ଏହି ସ୍କୋର ପ୍ରକାଶନ, ଉଦ୍ଧୃତି ଏବଂ ଅନ୍ୟାନ୍ୟ ବାଇବ୍ଲିଓମେଟ୍ରିକ୍ ସୂଚକ ଉପରେ ଆଧାରିତ ବୈଜ୍ଞାନିକ ପ୍ରଭାବର ମୂଲ୍ୟାଙ୍କନ କରେ। ତେବେ ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହି ସମ୍ମାନଜଣକ ବିଶ୍ୱ ତାଲିକାରେ କିଟ୍ ପ୍ରଫେସରମାନେ ସାମିଲ ହେବା ଦ୍ୱାରା କିଟ୍‌ର ଅନ୍ତର୍ଜାତୀୟ ଶୈକ୍ଷିକ ସ୍ଥିତି ଆହୁରି ମଜବୁତ ହେବ ବୋଲି କହିଛନ୍ତି। ଏହା ସହ ଗବେଷଣା ସହଯୋଗ, ନବସର୍ଜନା ଏବଂ ଛାତ୍ର ପରାମର୍ଶ ପାଇଁ ଉନ୍ନତ ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୯୧୦- ପ୍ରଥମ ଥର ପାଇଁ ୱାଶିଙ୍ଗଟନ୍‌ରେ ପିତୃ ଦିବସ ପାଳନ କରାଗଲା।
- ୧୯୩୩- ଅଷ୍ଟ୍ରିଆ ସରକାର ନାଜି ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲେ।
- ୧୯୬୮ - ମାର୍ଟିନ୍ ଲୁଥର୍ କିଙ୍ଗ୍‌ଙ୍କ ନେତୃତ୍ୱରେ ଆର୍ଥିକ ନ୍ୟାୟ ପାଇଁ ୫୦ ହଜାର ଲୋକ ବିକ୍ଷୋଭ କଲେ।
- ୧୯୯୧- ସୋଭିଏତ୍ ସଂଘରୁ ହଙ୍ଗେରି ମୁକ୍ତ ହେଲା।



## ୪୦ ବର୍ଷ ପରେ ରଜନୀକାନ୍ତ -ହ୍ରିତିକ୍

ସୁପରଷ୍ଟାର୍ ରଜନୀକାନ୍ତ ଏବେ ତାଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ଜେଲର୍'ର ସିକ୍ୱେଲକୁ ନେଇ ଚର୍ଚ୍ଚାରେ। ଅନେକ ଦିନ ହେଲାଣି 'ଜେଲର୍ ୨'ରେ ଶାହାରୁଖ୍ ଖାନ୍ ଅତିଥି କଳାକାର ଭାବେ ନଜର ଆସିବେ ବୋଲି କୁହାଯାଉଥିଲା। ହେଲେ ଶାହାରୁଖ୍ ଏବେ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଥିବାରୁ ସେ ଏଥିରୁ ଓହରି ଯାଇଛନ୍ତି। ଏବେ ଏଥିରେ ହ୍ରିତିକ୍ ରୋଶନ ଶାହାରୁଖ୍‌ଙ୍କ ସ୍ଥାନ ନେବେ ବୋଲି ଜଣାପଡ଼ିଛି। ଏବେ ଏହି ଫିଲ୍ମ ମାଧ୍ୟମରେ ରଜନୀକାନ୍ତ ଓ ହ୍ରିତିକ୍‌ଙ୍କୁ ଦୀର୍ଘ ୪୦ ବର୍ଷ ପରେ ପରଦା ଉପରେ ଏକାଠି ଦେଖିବାକୁ ମିଳିବ। ଏହା ପୂର୍ବରୁ ଏହି ଦୁଇ କଳାକାର ୧୯୮୬ ମସିହାରେ ଆସିଥିବା ସିନେମା 'ଭଗବାନ ଦାଦା'ରେ ଏକାଠି ନଜର ଆସିଥିଲେ। ଏଥିରେ ଶିଶୁ କଳାକାର ଭାବେ ହ୍ରିତିକ୍, ରଜନୀକାନ୍ତଙ୍କ ପୁଅ ଭୂମିକାରେ ଅଭିନୟ କରିଥିଲେ। ହ୍ରିତିକ୍ ଜୁନ୍ ୨୨ରେ 'ଜେଲର୍ ୨'ର ସୁଟିଂ ଚେନ୍ନାଇରେ ଆରମ୍ଭ କରିବେ। ସେ ସିନେମାରେ ଏମିତି ଏକ ପଏଣ୍ଟରେ ଏଣ୍ଟ୍ରି ମାରିବେ ଯାହା ରଜନୀକାନ୍ତଙ୍କ ଭୂମିକାକୁ ଆଗକୁ ବଢ଼ାଇବ। ନେଲ୍‌ସନ୍ ଦିଲୀପ କୁମାର ଏହାର ନିର୍ଦ୍ଦେଶନା ଦେଉଥିବାବେଳେ ସନ୍ ପିକଚର୍ସ ଏହାକୁ ନିର୍ମାଣ କରୁଛି। ଯଦିଓ ସିନେମାଟି ଆସନ୍ତା ସେପ୍ଟେମ୍ବରରେ ରିଲିଜ୍ ହେବ ବୋଲି କୁହାଯାଉଛି ହେଲେ ଏନେଇ କୌଣସି ବିଧିବଦ୍ଧ ଭାବେ ସୂଚନା ଆସିନାହିଁ।

## ରୋବଟ୍ ମାଗୁଛି ଭିକ

ଆଜିକାଲି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଫଟୋ ତଥା ଭିଡିଓ ଲୋକଙ୍କ ଦୃଷ୍ଟିଆକର୍ଷଣ କରୁଛି। ଏହି କ୍ରମରେ ଚୀନ୍‌ର ଏକ ଭିଡିଓ ଏବେ ଖୁବ୍ ଭାଇରାଲ ହେଉଛି। ଏଥିରେ ଚୀନ୍ ରାଜରାସ୍ତା ଉପରେ ଏକ ରୋବଟ୍ ରାସ୍ତାରେ ବସି ଭିକ ମାଗୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଏହାକୁ ଦେଖି ଲୋକେ ବି ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ରୋବଟ୍‌ଟି ତା'ର ଦୁଇ ଗୋଡ଼ରେ ଆଣ୍ଠୁମାଡ଼ି ରାସ୍ତା ଉପରେ ବସିଛି । ତା'ସହ ରୋବଟ୍ ସମ୍ମୁଖରେ ଏକ କ୍ୟୁଆର୍ କୋଡ୍, ଗୋଟିଏ ପ୍ଲେଟ୍ ଏବଂ ବ୍ୟାଗ୍ ରଖାଯାଇଛି। ସେହିପରି ସେଇ ବାଟ ଦେଇ ଯାଉଥିବା ଲୋକଙ୍କୁ ରୋବଟ୍‌ଟି ପ୍ଲେଟ୍ ଉଠାଇ ଭିକ ମାଗୁଥିବାର ଦେଖାଯାଇଛି। ଅନ୍ୟପଟେ ଲୋକମାନେ ବି ସେହି ପ୍ଲେଟ୍‌ରେ ଟଙ୍କା ରଖି ଚାଲି ଯାଉଛନ୍ତି। ତେବେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। କିଏ ଏହାକୁ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣରୁ ଦେଖୁଥିବା ବେଳେ ଆଉ କିଏ ଭବିଷ୍ୟତରେ ଏଆଇ ଏବଂ ରୋବଟିକ୍‌ର ବ୍ୟବହାରକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।



## ୫ ଲକ୍ଷର ତରଭୁଜ




ଭାରତରେ ୨୦-୧୦୦ ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ତରଭୁଜ ଜାପାନରେ ଲକ୍ଷାଧିକ ଟଙ୍କାରେ ବିକ୍ରି ହୁଏ। ଏକଥା ଜାଣି ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ଅବଶ୍ୟ ଏହା ଭାରତର ତରଭୁଜଠାରୁ ସମ୍ପୂର୍ଣ୍ଣ ଅଲଗା। ଡେନ୍‌ସୁକେ ତରଭୁଜ ହେଉଛି ବିଶ୍ୱର ସବୁଠାରୁ ଦାମୀ ତରଭୁଜ। ଜାପାନର ହୋକାଇଡୋ ଦ୍ୱୀପରେ ଏହା ଚାଷ କରାଯାଏ। ଏହାର ଅସାଧାରଣ ରଙ୍ଗ, ସ୍ୱାଦ ଏବଂ ଅତ୍ୟଧିକ ମୂଲ୍ୟ ପାଇଁ ଏହା ସାରା ବିଶ୍ୱରେ ପ୍ରସିଦ୍ଧ। ଏହାର ବାହାର ଚୋପା ସମ୍ପୂର୍ଣ୍ଣ ଗାଢ଼ ସବୁଜ ବା ଚମକଦାର କଳା ରଙ୍ଗର ହୋଇଥାଏ, ଯେଉଁଥିପାଇଁ ଏହାକୁ ବ୍ଲାକ୍ ଡାଇମଣ୍ଡ ମଧ୍ୟ କୁହାଯାଏ। ଏହାର ଭିତର ଅଂଶଟି ସାଧାରଣ ତରଭୁଜ ଭଳି ଲାଲ୍ ରଙ୍ଗର ହୋଇଥାଏ, କିନ୍ତୁ ଏହା ଅଧିକ ମିଠା ଏବଂ ରସାଳ ହୋଇଥାଏ। ଏହି ତରଭୁଜ କେବଳ ହୋକାଇଡୋର ଆଗ୍ନେୟଗିରି ମାଟିରେ ହିଁ ଭଲ ଭାବେ ବଢ଼ିଥାଏ। ଏହା ବେଶ୍ କମ୍ ଫଳୁଥିବା କାରଣରୁ ଏହାର ଦାମ୍ ଅଧିକ ହୋଇଥାଏ। ବର୍ଷକୁ କେବଳ ୧୦୦ଟି ଏଭଳି ତରଭୁଜ ଉତ୍ପାଦନ ହୋଇଥାଏ। ସେଥିପାଇଁ ଏହାକୁ ନିଲାମ ମାଧ୍ୟମରେ ବିକ୍ରି କରାଯାଏ। ଏକ ସାଧାରଣ ଡେନ୍‌ସୁକେ ତରଭୁଜର ମୂଲ୍ୟ ୨୦,୦୦୦ ଟଙ୍କାରୁ ଅଧିକ ହୋଇଥାଏ। ୨୦୦୮ ମସିହାରେ ହୋଇଥିବା ଏକ ନିଲାମରେ ଏହାର ଗୋଟିଏ ତରଭୁଜ ୫ ଲକ୍ଷ ଟଙ୍କାରେ ବିକ୍ରି ହୋଇ ରେକର୍ଡ କରିଥିଲା। ଜାପାନରେ ଏହି ତରଭୁଜକୁ ଗର୍ବର ପ୍ରତୀକ ଭାବେ ବିବେଚନା କରାଯାଏ। ଏହାକୁ ଲୋକେ ଦାମୀ ଉପହାର ଭାବେ ବି କିଣନ୍ତି। ସେଥିପାଇଁ ଲୋକେ ବିବାହ ଉତ୍ସବ, ପାର୍ଟି ଆଦି ଭଳି ବିଶେଷ ଅବସରରେ ଏହାକୁ ଉପହାର ସ୍ୱରୂପ ଦିଅନ୍ତି। ଅନେକ ବଡ଼ ହୋଟେଲ ବିଶେଷ ଅତିଥିଙ୍କୁ ଏହା ପରଷି ଥାଏ।

## ଯୁବପିଢ଼ିଙ୍କୁ ହୃଦ୍‌ଘାତ

**ହୃତ୍‌ପିଣ୍ଡର ଗୋଟିଏ ଅଂଶକୁ ରକ୍ତ ସରବରାହ ବନ୍ଦ ହୋଇଯିବାକୁ ହୃଦ୍‌ଘାତ ବା ହାର୍ଟ ଆଟାକ୍ କୁହାଯାଏ। ହୃଦ୍‌ଘାତ ବର୍ତ୍ତମାନ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହାଦ୍ୱାରା ପ୍ରତିବର୍ଷ ଅନେକ ରୋଗୀ ଅସମୟରେ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଆମ ଦେଶରେ ଅପେକ୍ଷାକୃତ ଭାବରେ ଯୁବାବସ୍ଥାରେ ଏହା ଦେଖାଯାଉଛି। ଯୁବପିଢ଼ିଙ୍କଠାରେ ହୃଦ୍‌ଘାତ କମ୍ ଦେଖାଯାଏ, ତେବେ ଏହା ଅତ୍ୟନ୍ତ ଗୁରୁତର ସମସ୍ୟା। ଏହାର ମୁଖ୍ୟ କାରଣ ହେଉଛି ବଂଶାନୁଗତ ସମସ୍ୟା, ଅନିୟନ୍ତ୍ରିତ ଉଚ୍ଚ ରକ୍ତଚାପ, ମଧୁମେହ, ଶାରୀରିକ ନିଷ୍କ୍ରିୟତା, ମେଦବହୁଳତା, ମାନସିକ ଚାପ ଓ ନିଦ୍ରାହୀନତା।**



ଆଜିକାଲି ଯୁବପିଢ଼ି ଘଣ୍ଟା ଘଣ୍ଟା ଧରି ମୋବାଇଲ୍, ଟିଭି, ଭିଡିଓ ଗେମ୍‌ରେ ବ୍ୟସ୍ତ ରହୁଛନ୍ତି। ଶାରୀରିକ ବ୍ୟାୟାମ, ଖେଳ କସରତର ଅଭାବ ଯୋଗୁଁ ସେମାନଙ୍କ ହୃଦୟ ଏବଂ ରକ୍ତ ସଞ୍ଚାଳନ ଉପରେ ପ୍ରଭାବ ପଡ଼ିଥାଏ। ଏହାବାଦ୍ ଅତ୍ୟଧିକ ଚିନି, ଲୁଣ, ପ୍ରୋସେସ୍ଡ ଖାଦ୍ୟ, ଜଙ୍କ୍‌ଫୁଡ୍ ଖାଉଥିବାରୁ ମେଦବହୁଳତାର ଶିକାର ହେଉଛନ୍ତି। ମେଦବହୁଳତା ଯୋଗୁଁ ଉଚ୍ଚ ରକ୍ତ ଚାପ, ଉଚ୍ଚ କୋଲେଷ୍ଟ୍ରଲ, ଟାଇପ୍ -୨ ମଧୁମେହ ହେବାର ଆଶଙ୍କା ବଢ଼ିଥାଏ। ଏହା ହୃଦ୍‌ରୋଗ ସହିତ ଜଡ଼ିତ।


ତେଣୁ ଯୁବାବସ୍ଥାରେ ଛାତିରେ ଯନ୍ତ୍ରଣା ହେବା କିମ୍ବା ଚାପ ଅନୁଭବ କରିବା, ଖେଳିବା ସମୟରେ ଥକ୍କା ଲାଗିବା ଓ ବାରମ୍ବାର ବେହୋଶ ହେବା, ନିଃଶ୍ୱାସ ନେବାରେ କଷ୍ଟ ହେବା, ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା, ହୃଦ୍‌ସ୍ପନ୍ଦନ ଜୋର୍ ଜୋର୍ ଚାଲିବା ଆଦି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ତୁରନ୍ତ ନିକଟସ୍ଥ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ।

**ଉପଚାର:** ଯୁବପିଢ଼ିଙ୍କୁ ପ୍ରତିଦିନ ୩୦ମିନିଟ୍ ଶାରୀରିକ ବ୍ୟାୟାମ କରାଇବାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ସେମାନେ ଖାଦ୍ୟପେୟରେ ସବୁଜ ପନିପରିବା ଓ ଫଳମୂଳ ସାମିଲ କରିବା ସହିତ ଦୈନିକ ୭ରୁ ୮ ଘଣ୍ଟା ଶୋଇବା ଜରୁରି। ଚିନ୍ତା ମୁକ୍ତ ରହିବାକୁ ଯୋଗ ଓ ପ୍ରାଣାୟମ କରିପାରିବେ। ପରିବାରରେ ଅନ୍ୟ କାହାର ହୃଦ୍‌ସମ୍ବନ୍ଧୀୟ ରୋଗ ଥିଲେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ଏକାନ୍ତ ଆବଶ୍ୟକ।

## ସଞ୍ଜୀବନୀ

## ଗର୍ଭାବସ୍ଥାରେ ମୁଖ ଗହ୍ୱରର ଯତ୍ନ

**ଗର୍ଭଧାରଣ ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ଗର୍ଭାବସ୍ଥା ସମୟରେ ମହିଳାଙ୍କ ଶରୀରରେ ବିଭିନ୍ନ ପ୍ରକାର ହରମୋନ୍‌ର ପରିବର୍ତ୍ତନ ହୋଇଥାଏ। ଏହା କେବଳ ସ୍ୱାସ୍ଥ୍ୟ ନୁହେଁ ବରଂ ମୁଖ ଗହ୍ୱରର ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ତେଣୁ ଗର୍ଭାବସ୍ଥାରେ ମହିଳାମାନେ ମୁଖ ଗହ୍ୱରର ସଠିକ ଯତ୍ନ ନେବା ଆବଶ୍ୟକ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଗର୍ଭାବସ୍ଥାରେ ୬୦% ମହିଳାଙ୍କ ମାଢ଼ି ଫୁଲିବା, ମାଢ଼ିରୁ ରକ୍ତ ବାହାରିବା କିମ୍ବା ସଂକ୍ରମଣଜନିତ ସମସ୍ୟା ଦେଖାଯାଏ। ଦାନ୍ତ ଯନ୍ତ୍ରଣା ଯୋଗୁଁ ମହିଳାମାନେ ଦାନ୍ତ ଭଲଭାବେ ସଫା କରି ପାରନ୍ତିନି। ଦାନ୍ତରେ ଖାଦ୍ୟ କଣିକା ଜମି ଜୀବାଣୁ ବୃଦ୍ଧି ପାଇ ମୁଖ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଦୀର୍ଘଦିନ ଧରି ଏହାକୁ ଅଣଦେଖା କଲେ ଏହା ଜିଞ୍ଜିଭାଇଟିସ୍ ପରି ରୋଗ ଆଶଙ୍କାକୁ ବଢ଼ାଏ। ଏହାକୁ 'ଗର୍ଭାବସ୍ଥାଜନିତ ଜିଞ୍ଜିଭାଇଟିସ୍' କୁହାଯାଏ। ଏହା ମା ସହିତ ଗର୍ଭସ୍ଥ ଶିଶୁ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ଫଳରେ ସମୟ ପୂର୍ବରୁ ଗର୍ଭଧାରଣ ଏବଂ କମ୍ ଓଜନଯୁକ୍ତ ପିଲା ଜନ୍ମ, ପିଲାର ମସ୍ତିଷ୍କ ଆଘାତ, ଦୃଷ୍ଟିଶକ୍ତି ଓ ଶ୍ରବଣ ଶକ୍ତି ହ୍ରାସ ପରି ସମସ୍ୟା ବିକଶିତ ହୋଇପାରେ । ତେଣୁ ଗର୍ଭବତୀ ମହିଳାମାନେ ନିୟମିତ ସଠିକ୍ କୌଶଳରେ ଦାନ୍ତ ସଫା କରିବା ଜରୁରି। ଦନ୍ତ ବିଶେଷଜ୍ଞଙ୍କ ପରାମର୍ଶରେ ଦିନରେ ଥରେ କିମ୍ବା ଦୁଇଥର ଫ୍ଲସ୍ କରିପାରିବେ। ସନ୍ତୁଳିତ ଖାଦ୍ୟ ଖାଇବା ସହ ସଠିକ ମାତ୍ରାର ପାଣି ପିଇବା ଆବଶ୍ୟକ। ମୁଖ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ପାଇଁ ଦନ୍ତ ଚିକିତ୍ସକଙ୍କ ସହିତ ପରାମର୍ଶ କରିପାରିବେ।

## ଘର ବଇଦ

## ଅଜୀର୍ଣ୍ଣର ଉପଚାର

- ପ୍ରତିଦିନ ଖାଇବାର ପ୍ରାୟ ଏକ ଘଣ୍ଟା ପୂର୍ବରୁ ଦୁଇଅଣି ଓଜନ ଅଦା ସହିତ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ଖାଇଲେ ଅଜୀର୍ଣ୍ଣ ହେବ ନାହିଁ।
- ଖାଇବାର ୧୫ ମିନିଟ୍ ପରେ ୩ଟା ବା ୫ଟା ଗୋଲମରିଚ ଚୋବାଇ ଖାଇ ଉଷୁମ ପାଣି ଏକ ଗ୍ଲାସ୍ ପିଇଲେ ଯେତେ ଗରିଷ୍ଠ ଖାଦ୍ୟ ଖାଇଥିଲେ ମଧ୍ୟ ଜୀର୍ଣ୍ଣ ହୋଇଯିବ।
- ସୈନ୍ଧବ ଲବଣ, ଗୋଲମରିଚ ଓ ଭଜା ଜୀରା ସମଭାଗ ଏକତ୍ର ଚୂର୍ଣ୍ଣ କରି ଦୁଇଅଣା ମାତ୍ରାରେ ଗୁଆଦହି ସହିତ ଖାଇବେ।
- ଜୁଆଣୀ ୨୦ ତୋଳା, ସୈନ୍ଧବ ଲବଣ ଦୁଇ ତୋଳା, ବିଟ ଲବଣ ଦୁଇ ତୋଳା, କାଗେଜି ଲେମ୍ବୁ ରସରେ ପକାଇ ଶୁଖାଇ ରଖିବେ। ସୁକି ଓଜନରେ ଖାଇଲେ ଅଜୀର୍ଣ୍ଣ ଦୋଷ ନଷ୍ଟ ହୁଏ, କ୍ଷୁଧା ବୃଦ୍ଧି ହୁଏ, ଝାଡ଼ା, ବାନ୍ତି ଓ ପେଟର ବେଦନା ଶାନ୍ତି ହୁଏ।
- ଶୋଧିତ ଗନ୍ଧକ, ତ୍ରିକଟୁ, ଯବକ୍ଷାର, ସର୍ଜୀକ୍ଷାର, ସୈନ୍ଧବଲବଣ, ଲବଙ୍ଗ ସମଭାଗ ଏକତ୍ର ୧୨ ଘଣ୍ଟା ଲେମ୍ବୁ ରସରେ ମର୍ଦ୍ଦନ କରି ଦୁଇ ରତି ହିସାବରେ ବଟିକା କରି ଦିନକୁ ଦୁଇଥର ସକାଳ ଓ ସନ୍ଧ୍ୟାରେ ଖାଇଲେ କ୍ଷୁଧା ବଢ଼େ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ଓଜନ ହ୍ରାସ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା

**ବର୍ତ୍ତମାନ ସମସ୍ତେ ଫିଟ୍ ଓ ପତଳା ରହିବାକୁ ପସନ୍ଦ କରୁଛନ୍ତି। ଓଜନ ହ୍ରାସ ପାଇଁ କିଛି ଜଣ ବ୍ୟାୟାମ ଓ ଖାଦ୍ୟପେୟକୁ ଗୁରୁତ୍ୱ ଦେଉଥିବାବେଳେ ଆଉ କିଛି ଅତ୍ୟାଧୁନିକ ଔଷଧ ସେବନ କରୁଛନ୍ତି। ତେବେ ଏହି ଅତ୍ୟାଧୁନିକ ଔଷଧ ସେବନ କେତେ ନିରାପଦ ଜାଣିବା।**



ଓଜନ ହ୍ରାସ ଏବଂ ଟାଇପ୍-୨ ମଧୁମେହ ନିୟନ୍ତ୍ରଣ ପାଇଁ ବଜାରରେ ଅତ୍ୟାଧୁନିକ ଔଷଧ ଯଥା - ଜିଏଲ୍‌ପି-୧ ଆଗୋନିଷ୍ଟ, ଓଜେମ୍ପିକ, ଟିର୍‌ଜେପାଟାଇଡ ଆଦି ଔଷଧ ରହିଛି। ଏହି ଔଷଧକୁ ଦୀର୍ଘ ଦିନ ଧରି ସେବନ କରିବା ଦ୍ୱାରା ଏହାର ସାଧାରଣ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ପ୍ରଥମତଃ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗନି। ଏହା ପାକସ୍ଥଳିକୁ ଅଚଳ କରିବାର ଆଶଙ୍କା ବଢ଼ାଏ। ପେଟ ଯନ୍ତ୍ରଣା, ଖାଦ୍ୟ ହଜମରେ ବାଧା ଉପୁଜାଏ। ରକ୍ତ ଶର୍କରା କମ୍ ବେଶୀ ହୋଇଥାଏ। ଶରୀରରେ ନ୍ୟୁଟ୍ରିଶନ କମ୍ ହୋଇ ମାଂସପେଶୀ ଏବଂ ଅସ୍ଥି ଦୁର୍ବଳ ହୋଇପାରେ । ବାନ୍ତି, ପେଟ ଫୁଲିବା, ଝାଡ଼ା, କୋଷ୍ଠକାଠିନ୍ୟ, ଭୋକ ନ ଲାଗିବା ସମସ୍ୟା ମଧ୍ୟ ହୋଇଥାଏ। ହୃଦ୍‌ସ୍ପନ୍ଦନରେ ଅନିୟମିତତା, ମୁଣ୍ଡବିନ୍ଧା, ଅନିଦ୍ରା, କେଶ ଝଡ଼ିବା ଆଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ।

ତେଣୁ ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତି ସର୍ବଦା ଡାକ୍ତରଙ୍କ ଉଚିତ ପରାମର୍ଶ ନେବା ଉଚିତ। ପ୍ରାକୃତିକ ଉପାୟରେ ଓଜନ ନିୟନ୍ତ୍ରଣ କରିବା ଫଳପ୍ରଦ। ଏଥିପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ସନ୍ତୁଳିତ ଖାଦ୍ୟ ସେବନ ଓ ନିୟମିତ ବ୍ୟାୟାମ, ଯୋଗାଭ୍ୟାସ କରିବା ଜରୁରି।

## ଡିଟକ୍ସ ପାନୀୟ

**ଶରୀରର ଜଳୀୟଅଂଶକୁ ସନ୍ତୁଳିତ ରଖିବାକୁ ଡିଟକ୍ସ ପାନୀୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ପାଣି ସହିତ କିଛି ପରିମାଣରେ ଫଳ, ପରିବା କିମ୍ବା ଔଷଧୀୟ ପତ୍ରର ମିଶ୍ରଣରୁ ଡିଟକ୍ସ ପାନୀୟ ପ୍ରସ୍ତୁତ ହୋଇଥାଏ।**

- ଏକ ଜଗ୍‌ରେ ଲିଟର ପାଣି ନେଇ ସେଥିରେ ପତଳା କଟାଯାଇଥିବା ଲେମ୍ବୁ ଏବଂ କିଛି ପରିମାଣର ପୁଦିନା ପତ୍ର ମିଶାଇ ଫ୍ରିଜ୍‌ରେ ୨ରୁ ୩ ଘଣ୍ଟା ରଖାଯାଏ। ଏହି ଡିଟକ୍ସ ପାନୀୟ କିଛି କିଛି ମାତ୍ରା କରି ଦିନରେ ପିଇବା ଦ୍ୱାରା ଶରୀର ଥଣ୍ଡା ରୁହେ। ସେହିପରି କାକୁଡ଼ି ଏବଂ ପୁଦିନା ମିଶା ଡିଟକ୍ସ ପାନୀୟ ପିଇବା ଦ୍ୱାରା ଶରୀରର ଜଳୀୟଅଂଶ ସନ୍ତୁଳିତ ରୁହେ।
- ଏକ ଲିଟର ପାଣିରେ ପତଳା କଟାଯାଇଥିବା କାକୁଡ଼ି ଓ ଲେମ୍ବୁ ମିଶାଇ ୨ରୁ୩ ଘଣ୍ଟା ରଖି ପିଇଲେ ଏହା ଶରୀରକୁ ସତେଜ ରଖେ। ତ୍ୱଚାରେ ଚମକ ଆଣେ । ସେହିପରି ଏକ ଲିଟର ପାଣିରେ ତରଭୁଜ କଟାରେ ତୁଳସୀ ପତ୍ର ମିଶାଇ ୧ରୁ୨ଘଣ୍ଟା ରଖିବା ପରେ ଏହାକୁ ପିଇବା ଦ୍ୱାରା ମାଂସପେଶୀ ସୁସ୍ଥ ରୁହେ। ଡିଟକ୍ସ ପାନୀୟ ଶରୀରକୁ ଜଳୀୟଅଂଶ ପ୍ରଦାନ କରିବା ସହ ଆବଶ୍ୟକ ଭିଟାମିନ୍ ଏବଂ ମିନେରାଲ ଯୋଗାଏ। ଶରୀରରୁ ବିଷାକ୍ତ ଦ୍ରବ୍ୟ ବାହାର କରିବା ସହ ଏହା ପାଚନ କ୍ରିୟାକୁ ଉନ୍ନତ କରେ। ତେବେ ଡିଟକ୍ସ ପାନୀୟ ସହିତ ସନ୍ତୁଳିତ ଖାଦ୍ୟ ଓ ପାନୀୟ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ।






## ଘାନାର ପ୍ରଥମ ବିଜୟ

ଟରଣ୍ଟୋ,୧୮।୬(ଏଜେନ୍ସି): କାଲେବ ୟିରେଙ୍କିଙ୍କ ଷ୍ଟପେଜ୍ ଟାଇମ୍ ଗୋଲ ବଳରେ ସ୍ଥାନୀୟ ଟରଣ୍ଟୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଏଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ବ୍ଲାକ୍ ଷ୍ଟାରସ ଘାନା ୧-୦ ଗୋଲ୍‌ରେ ପାନାମାକୁ ପରାସ୍ତ କରିଛି। ଏହା ଫଳରେ ଗ୍ରୁପ୍-ଏଲ୍‌ରେ ଇଂଲଣ୍ଡ ସହ ପାନାମା ପୂରା ପଏଣ୍ଟ ପାଇଛି। ଘାନା ଓ ପାନାମା ମଧ୍ୟରେ ଖେଳାଯାଇଥିବା ମୁକାବିଲା ଶେଷ ପର୍ଯ୍ୟନ୍ତ ମୀମାଂସା ହୋଇ ପାରି ନ ଥିଲା। ଷ୍ଟପେଜ୍ ଟାଇମ୍‌ର ୫ମ ମିନିଟ୍‌ରେ ବ୍ରାଣ୍ଡନ ଥୋମାସ-ଆସାନ୍ତେଙ୍କଠାରୁ ବାସ୍ ପାଇ କାଲେବ ୟିରେଙ୍କି ଚମତ୍କାର ସଟ ବଳରେ ଗୋଲ ଦେଇଥିଲେ। ଏହି ଗୋଲ ବ୍ଲାକ୍ ଷ୍ଟାର୍ସଙ୍କୁ ବିଜୟୀ ଉତ୍ସବ ପାଳନ କରିବାରେ ବେଶ ଖୋରାକ ଯୋଗାଇଥିଲା। ଚଳିତ ବିଶ୍ୱକପ୍‌ରେ ଶେଷ ଶେଷ ହେବାର ଅଳ୍ପ ସମୟ ବା ଷ୍ଟପେଜ୍ ଟାଇମ୍‌ରେ ଏଯାଏ ୨ଟି ଗୋଲ ହୋଇଛି। ଏହି ଗୋଲ କରିଥିବା ଦୁଇଟି ଯାକ ଦଳ ଆଫ୍ରିକୀୟ ମହାଦେଶର ଓ ଉଭୟ ୧-୦ ଗୋଲରେ ବିଜୟୀ ହୋଇଛନ୍ତି। ପୂର୍ବରୁ ଇକ୍ୱେଡରକୁ ମଧ୍ୟ ଷ୍ଟପେଜ୍ ଟାଇମ୍ ଗୋଲରେ ଆଇଭରି କୋଷ୍ଟ ପରାସ୍ତ କରିଥିଲା।

## ମେସି, ରୋନାଲ୍ଡୋଙ୍କ ରେକର୍ଡ ଷଷ୍ଠ ବିଶ୍ୱକପ୍

ୱାସିଂଟନ,୧୮।୬(ଏଜେନ୍ସି): ବିଶ୍ୱଫୁଟବଲର ଦୁଇ ସୁପରଷ୍ଟାର ଖେଳାଳି ଆର୍ଜେଣ୍ଟିନାର ଲିଓନେଲ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଚଳିତ ବିଶ୍ୱକପ୍‌ରେ ପ୍ରଥମ ମ୍ୟାଚ୍ ଖେଳି ରେକର୍ଡ ବୁକ୍‌ରେ ସାମିଲ ହୋଇଛନ୍ତି। ଗ୍ରୁପ୍-ଏଚ୍‌ରେ ଆଲଜେରିଆ ସହ ଖେଳି ମେସି ପ୍ରଥମ ଖେଳାଳି ଭାବେ ୬ଷ୍ଠ ବିଶ୍ୱକପ୍ ପଦାର୍ପଣ କରିଥିଲେ। କେବଳ ଏତିକି ନୁହେଁ ଏହି ମ୍ୟାଚରେ ସେ ହ୍ୟାଟ୍ରିକ୍ ଗୋଲ ସ୍କୋର ତାଙ୍କ ରେକର୍ଡକୁ ସ୍ମରଣୀୟ କରିପାରିଛନ୍ତି। ସେ ମଧ୍ୟ ୨୭ତମ ମ୍ୟାଚ୍‌ରେ ୧୬ତମ ଗୋଲ ଦେଇ ଫିଫା ବିଶ୍ୱକପ୍‌ରେ ସର୍ବକାଳୀନ ସର୍ବାଧିକ ଗୋଲ ଦେବାରେ ଜର୍ମାନୀୟ ମିରୋସ୍ଲାଭ୍ କୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କିନ୍ତୁ ରୋନାଲ୍ଡୋଙ୍କ ପଦାର୍ପଣ ରେକର୍ଡ ଛଡ଼ା ସ୍ମରଣୀୟ କଲ ଭଳି କିଛି ପ୍ରଦର୍ଶନ କରିପାରି ନାହାନ୍ତି। ସେ ଜଣେ ଷ୍ଟ୍ରାଇକର ହୋଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ ଦେଇପାରି ନାହାନ୍ତି। ଏପରିକି କଙ୍ଗୋ ଭଳି ଦଳ ସହ ମଧ୍ୟ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ମ୍ୟାଚ୍ ଡ୍ର ରଖିଛି। ଉଭୟ ୩୯ ବର୍ଷିୟ ମେସି ଓ ୪୧ ବର୍ଷିୟ ରୋନାଲ୍ଡୋ, ୨୦୦୬ରେ ଜର୍ମାନୀ, ୨୦୧୦ରେ ଦକ୍ଷିଣ ଆଫ୍ରିକା, ୨୦୧୪ରେ ବ୍ରାଜିଲ, ୨୦୧୮ରେ ରୁଷିଆ, ୨୦୨୨ରେ କତାର ଓ ଏବେ ୨୦୨୬ରେ ଉତ୍ତର ଆମେରିକାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଖେଳିଛନ୍ତି।

### ହ୍ୟାରୀ କେନ୍, ଜୁଡ ବେଲିଂହାମ୍‌ଙ୍କ ଦମ୍‌ଦାର ପ୍ରଦର୍ଶନ

# କ୍ରୋଏସିଆକୁ ହରାଇ ଇଂଲଣ୍ଡର ପ୍ରତିଶୋଧ

ଆର୍ଲିଙ୍ଗଟନ,୧୮।୬(ଏଜେନ୍ସି): ଷ୍ଟାର ଖେଳାଳି ହ୍ୟାରୀ କେନ୍‌ଙ୍କ ଡବଲ ଗୋଲ, ଜୁଡ ବେଲିଂହାମ ଓ ମାର୍କସ ରାଶଫୋର୍ଡଙ୍କ ଗୋଟିଏ ଲେଖାଏଁ ଗୋଲ ବଳରେ କ୍ରୋଏସିଆକୁ ୪-୨ ଗୋଲରେ ପରାସ୍ତ କରି ଫିଫା ବିଶ୍ୱକପ୍‌ରେ ବିଜୟ ଅଭିଯାନ ଆରମ୍ଭ କରିଛି। ଏହି ବିଜୟ ସହ ୨୦୧୮ ସେମିଫାଇନାଲରେ କ୍ରୋଏସିଆଠାରୁ ପରାଜୟର ପ୍ରତିଶୋଧ ନେବାରେ ମଧ୍ୟ ସଫଳ ହୋଇଛି ଇଂଲଣ୍ଡ। ଏଥର ଇଂଲଣ୍ଡ ଦଳ ବେଶ ଶକ୍ତିଶାଳୀ ରହିଥିଲାବେଳେ କ୍ରୋଏସିଆକୁ ହରାଇବା ଲାଗି ବିଶେଷ କଷ୍ଟ କରିବାକୁ ପଡ଼ି ନ ଥିଲା। ପରାଜିତ କ୍ରୋଏସିଆ ପକ୍ଷରୁ ମାର୍ଟିନ ବାଟୁରିନା ପେଟାର ମୁସା ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ। ଉଭୟ ଦଳ ଖେଳକୁ ସମାନ ନିୟନ୍ତ୍ରଣରେ ରଖିଥିଲାବେଳେ ବେଲିଂହାମ ଓ ବଦଳ ଖେଳାଳି ରାଶଫୋର୍ଡଙ୍କ ଗୋଲ ଦଳକୁ ଜିତାଇଥିଲା। ପ୍ରତିଦ୍ୱନ୍ଦ୍ୱୀଙ୍କ ତ୍ରୁଟିରୁ ଉଭୟ ଦଳ ସେମାନଙ୍କ ପ୍ରଥମ ଗୋଲ ସ୍କୋର କରିଥିଲେ। ଖେଳର ୧୨ତମ ମିନିଟ୍‌ରେ ପେନାଲ୍‌ଟିର ହ୍ୟାରୀ କେନ୍ ପ୍ରଥମ ଓ ୪୨ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ଏହା ଫଳରେ ଫିଫା ବିଶ୍ୱକପ୍‌ରେ ସେ ଗ୍ୟାରୀ ଲିନେକରଙ୍କ ସର୍ବାଧିକ ୧୦ଟି ଗୋଲ ଦେବାରେ ଇଂଲଣ୍ଡ ରେକର୍ଡ ସହ ସମକକ୍ଷ ହୋଇଥିଲେ। ସେହିପରି ଇଂଲଣ୍ଡ ରକ୍ଷଣଭାଗର ତ୍ରୁଟିରୁ ଫାଇଦା ଉଠାଇ କ୍ରୋଏସିଆର ବାଟୁରିନା ଗୋଲ ଶୁଝାଇଥିଲେ। ୪୬ତମ ମିନିଟ୍‌ରେ ମୁସା ଆଉ ଏକ ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାପରେ ଇଂଲଣ୍ଡ ପକ୍ଷରୁ ଘନ ଘନ ଆକ୍ରମଣ ହୋଇଥିଲା। ୪୭ତମ ମିନିଟ୍‌ରେ ଜୁଡ ବେଲିଂହାମ୍ ଏବଂ ୮୫ତମ ମିନିଟ୍‌ରେ ବଦଳ ଖେଳାଳିଭାବେ ଖେଳିବାକୁ ଆସିଥିବା ରାଶ୍‌ଫୋର୍ଡ ଗୋଟିଏ ଲେଖାଏଁ ଗୋଲ ଦେଇ ଗ୍ରୁପ୍-ଏଲ୍‌ରେ ଇଂଲଣ୍ଡ ବିଜୟକୁ ସୁନିଶ୍ଚିତ କରିଥିଲେ।



## ପର୍ତ୍ତୁଗାଲକୁ ନାକେଦମ କଲା କଙ୍ଗୋ



ହଷ୍ଟନ,୧୮।୬(ଏଜେନ୍ସି): ଶକ୍ତିଶାଳୀ ତଥା ବିଶ୍ୱର ଅନ୍ୟତମ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ସହ ଡିଆର୍ କଙ୍ଗୋ ଜବରଦସ୍ତ ଖେଳି ମ୍ୟାଚ୍ ଡ୍ର ରଖିଛି। ପର୍ତ୍ତୁଗାଲ ପକ୍ଷରୁ ଖେଳର ୬ଷ୍ଠ ମିନିଟ୍‌ରେ ଜୋଆଓ ନେଭେସ୍ ଏବଂ କଙ୍ଗୋ ପକ୍ଷରୁ ଯୋଆନେ ୱିସା ପ୍ରଥମାର୍ଦ୍ଧର ଷ୍ଟପେଜ୍ ଟାଇମ୍‌ରେ ଗୋଲ ଦେଇଥିଲେ। କିନ୍ତୁ ପର୍ତ୍ତୁଗାଲ ଏହି ମ୍ୟାଚ୍ ଜିତି ନ ପାରିବା ଏକ ବିପର୍ଯ୍ୟୟ ସହ ତୁଳନା କରାଯାଉଛି। ଏହି ମ୍ୟାଚ୍‌ରେ ପଦାର୍ପଣ କରି ସୁପରଷ୍ଟାର ରୋନାଲ୍ଡୋ ରେକର୍ଡ କରିଥିଲେ ମଧ୍ୟ ଦଳ ମ୍ୟାଚ୍ ଜିତି ନ ପାରିବାରୁ ତାଙ୍କର ଏହି ରେକର୍ଡ ମଳିନ ପଡ଼ିଯାଇଥିଲା।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୧୯, ଶୁକ୍ରବାର ରାତି |
| ଆମେରିକା-ଅଷ୍ଟ୍ରେଲିଆ |
| ସିଆଟଲ, ରାତି ୧୨.୩୦ |
| ସ୍କଟଲାଣ୍ଡ-ମରୋକ୍କୋ |
| ଲସ୍‌ଏଞ୍ଜେଲ୍ସ, ରାତି ୩.୩୦ |
| (୧୯ ତାରିଖ ଭୋର) |
| ଜୁନ୍-୨୦ ଶନିବାର |
| ବ୍ରାଜିଲ-ହାଇତି |
| ଫିଲାଡେଲଫିଆ, ସକାଳ ୬ଟା |
| ତୁର୍କୀ-ପାରାଗୁଏ |
| ସାଣ୍ଟା କ୍ଲାରା, ସକାଳ ୮.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଚେକିଆ-୧: ଦ.ଆଫ୍ରିକା-୧

ଆଟଲାଣ୍ଟା, ୧୮।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଗ୍ରୁପ୍ ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଠାରେ ଚେକ୍ ଗଣରାଜ୍ୟ (ଚେକିଆ) ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଗ୍ରୁପ୍-ଏ'ର ଏହି କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଉଭୟ ଦଳ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଗୋଟିଏ ଲେଖାଏ ଗୋଲ୍ ଦେବାରେ ସକ୍ଷମ ହୋଇଥିଲେ। ମ୍ୟାଚର ଷଷ୍ଠ ମିନିଟରେ ମିଚେଲ ସାଦିଲେକଙ୍କ ଗୋଲ୍ ବଳରେ ଚେକିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ମ୍ୟାଚର ଅନ୍ତିମ ମୁହୂର୍ତ୍ତର ତଥା ୮୩ତମ ମିନିଟରେ ଏକ ପେନାଲ୍ଟିର ଭରପୁର ଫାଇଦା ଉଠାଇ ତେବୋହୋ ମୋକୋଏନା ଦକ୍ଷିଣ ଆଫ୍ରିକା ପାଇଁ ଗୋଲଟି ଶୁଝି ଦେଇଥିଲେ। ଉଭୟ ଦଳ ନିଜ ନିଜର ପ୍ରଥମ ମ୍ୟାଚରେ ହାରିଥିବାରୁ ଏଠାରେ ପଏଣ୍ଟ ଖାତା ଖୋଲିଛନ୍ତି। ଏହି ମ୍ୟାଚରେ ଆମେରିକାର ୩୯ ବର୍ଷୀୟା ମହିଳା ରେଫରୀ ଟୋରି ପେନସୋ ମ୍ୟାଚ୍ ପରିଚାଳନା କରିଥିଲେ।

# କଲମ୍ବିଆର ଦମ୍‌ଦାର ବିଜୟ



ମେକ୍ସିକୋ ସିଟି,୧୮।୬(ଏଜେନ୍ସି): ଡେବ୍ୟୁଟାଣ୍ଟ ଉଜ୍‌ବେକିସ୍ତାନକୁ ୩-୧ ଗୋଲରେ ପରାସ୍ତ କରି କଲମ୍ବିଆ ଫିଫା ବିଶ୍ୱକପ୍‌କୁ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଛି। ଏହି ମନୋରଞ୍ଜକାରୀ ଟିମ୍ ୨୦୨୨ ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନ ଥିଲା। ଗ୍ରୁପ୍-କେ'ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ଖେଳର ୪୦ତମ ମିନିଟ୍‌ରେ ଡାନିଏଲ୍ ମୁନୋଜ୍, ୬୫ତମ ମିନିଟ୍‌ରେ ଲୁଇସ୍ ଡିଆଜ ଓ ଷ୍ଟପେଜ୍ ଟାଇମ୍‌ରେ ଜାମିନଷ୍ଟନ କ୍ୟାମ୍ପଜ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଉଜ୍‌ବେକିସ୍ତାନ ପ୍ରଥମଥର ଫିଫା ବିଶ୍ୱକପ୍ ଖେଳୁଥିଲାବେଳେ ସେପରି କିଛି ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୋଇ ନ ଥିଲା। କିନ୍ତୁ ଗୋଟିଏ ସଂସ୍କରଣରେ ବିଶ୍ୱକପ୍ ଖେଳି ନ ପାରିବା ସମସ୍ତଙ୍କୁ କଷ୍ଟ ଦେଇଥିଲା।

## ଚୌକାରେ ମନ୍ଧାନାଙ୍କ ରେକର୍ଡ

ଲଣ୍ଡନ, ୧୮।୬ (ଏଜେନ୍ସି): ମହିଳା ଟି-୨୦ କ୍ରିକେଟ ଇତିହାସରେ ପ୍ରଥମ ଖେଳାଳି ଭାବେ ଭାରତର ସ୍ମୃତି ମନ୍ଧାନା ୬୦୦ ଚୌକା ମାରିବାର ବିଶ୍ୱରେକର୍ଡ କରିଛନ୍ତି। ଗତକାଲି ଅନୁଷ୍ଠିତ ଆଇସିସି ଟି-୨୦ ବିଶ୍ୱକପ୍‌ର ନେଦରଲ୍ୟାଣ୍ଡସ ବିପକ୍ଷ ମ୍ୟାଚରେ ମନ୍ଧାନା ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଏହି ମ୍ୟାଚରେ ମନ୍ଧାନାଙ୍କ ୭୪ ରନ ବଳରେ ଭାରତ ୯୫ ରନରେ ନେଦରଲ୍ୟାଣ୍ଡସକୁ ମାତ୍ ଦେଇଥିଲା। ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୧୧ ଚୌକା ଓ ଗୋଟିଏ ଛକା ମାରିଥିଲେ। ଫଳରେ ଟି-୨୦ରେ ୧୬୮ତମ ମ୍ୟାଚରୁ ମନ୍ଧାନାଙ୍କ ଚୌକା ସଂଖ୍ୟା ୬୦୪ରେ ପହଞ୍ଚିଛି। ନ୍ୟୁଜିଲାଣ୍ଡର ଭେଟେରାନ ସୁଜି ବେଟ୍ସ ୫୨୧ ଚୌକା ସହ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଲ୍ଲେଖନୀୟ କଥା ହେଉଛି କୌଣସି ପୁରୁଷ କ୍ରିକେଟର୍ ମଧ୍ୟ ଟି-୨୦ ଫର୍ମାଟରେ ଆଜି ପର୍ଯ୍ୟନ୍ତ ୫୦୦ ଚୌକା ମାରିପାରିନାହାନ୍ତି। ୪୭୭ ଚୌକା ସହ ପାକିସ୍ତାନର ବାବର ଆଜାମ ଶୀର୍ଷରେ ରହିଛନ୍ତି। ଆୟର୍ଲାଣ୍ଡର ପଲ ଷ୍ଟର୍ଲିଂ (୪୪୯), ଭାରତର ରୋହିତ ଶର୍ମା (୩୮୩) ଏହି ତାଲିକାରେ ପଛକୁ ପଛ ରହିଛନ୍ତି।



## ମନପ୍ରୀତ୍‌ଙ୍କ ୪୧୩ ମ୍ୟାଚ୍ ମାଇଲଖୁଣ୍ଟ

ରୋଟରଡାମ, ୧୮।୬ (ଏଜେନ୍ସି): ଭେଟେରାନ ମିଡ୍‌ଫିଲ୍ଡର ମନପ୍ରୀତ୍ ସିଂହ ଅନ୍ତର୍ଜାତୀୟ ପୁରୁଷ ହକିରେ ଭାରତ ପାଇଁ ସର୍ବାଧିକ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଜର୍ମାନୀ ବିପକ୍ଷ ମୁକାବିଲା ମନପ୍ରୀତ୍‌ଙ୍କ କ୍ୟାରିୟରର ୪୧୩ ମ୍ୟାଚ୍ ଥିଲା। ଏହିକ୍ରମରେ ସେ ପୂର୍ବତନ ଅଧିନାୟକ ଦିଲୀପ ତିର୍କୀଙ୍କୁ ପଛରେ ପକାଇଦେଇଛନ୍ତି। ଦିଲୀପ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ୪୧୨ଟି ମ୍ୟାଚ୍ ଖେଳି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହି ମାଇଲଖୁଣ୍ଟର ଅଧିକାରୀ ରହିଥିଲେ। ଯାହାକୁ ୩୩ ବର୍ଷୀୟ ମନପ୍ରୀତ୍ ଏବେ ଟପିଯାଇଛନ୍ତି। ପଞ୍ଜାବ ଜଳନ୍ଧର ଜିଲ୍ଲାର ମିଥାପୁରରେ ଜନ୍ମିତ ମନପ୍ରୀତ୍ ମାତ୍ର ୧୮ ବର୍ଷ ବୟସରେ ସିନିଅର ଦଳ ପକ୍ଷରୁ ପଦାର୍ପଣ କରିଥିଲେ। କ୍ୟାରିୟରରେ ସେ ଦୁଇଥର ଅଲିମ୍ପିକ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ବିଶ୍ୱରେ ପୁରୁଷ ହକିରେ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ତାଲିକାରେ ମନପ୍ରୀତ୍ ୫ମ ସ୍ଥାନରେ ରହିଛନ୍ତି। ବେଲ୍‌ଜିୟମର ଜନ୍-ଜନ୍ ଡୋହମେନ ୪୮୧ ମ୍ୟାଚ୍ ସହ ତାଲିକାର ଶୀର୍ଷରେ ରହିଛନ୍ତି। ୪୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିଥିବା ଏକମାତ୍ର ସକ୍ରିୟ ଖେଳାଳି ହେଉଛନ୍ତି ମନପ୍ରୀତ୍। ତେଣୁ ତାଙ୍କ ନିକଟରେ ବିଶ୍ୱରେକର୍ଡର ସୁଯୋଗ ରହିଛି।




## ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତର ପ୍ରଥମ ବିଜୟ

ରୋଟରଡାମ, ୧୮।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି ଭାରତ। ଗତକାଲି ରାତିରେ ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତୀୟ ପୁରୁଷ ହକି ଦଳ ୩-୧ ଗୋଲ୍‌ରେ ଡିଫେଣ୍ଡିଂ ବିଶ୍ୱଚାମ୍ପିଅନ ଜର୍ମାନୀକୁ ହରାଇଦେଇଛି। ମନଦୀପ୍ ସିଂହ (୭ତମ ମିନିଟ) ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା (୧୩ତମ ମିନିଟ)ଙ୍କ ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩୫ତମ ମିନିଟରେ ନୀଳକାନ୍ତ ଶର୍ମା ଭାରତ ପାଇଁ ୩ୟ ଗୋଲଟି ଦେଇଥିଲେ। ତେବେ ଜର୍ମାନୀ ପାଇଁ ରାଫେଲ ହାର୍ଟକଫ ୪୫ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଶୁଝି ଦେଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଚଳିତ ପ୍ରୋ ଲିଗ୍‌ରେ ୧୦ମ ମ୍ୟାଚରୁ ଭାରତର ଏହା ପ୍ରଥମ ବିଜୟ। ଗୋଟିଏ ବିଜୟ, ୬ଟି ପରାଜୟ ଓ ୩ଟି ଡ୍ର' ସହ ଭାରତ ମୋଟ୍ ୭ ପଏଣ୍ଟ ପାଇ ନଅ ଦଳୀୟ ଟେବୁଲ୍ ତାଲିକାର ୮ମ ସ୍ଥାନରେ ରହିଛି।

## ନେସନ୍ସ କପ୍ ମହିଳା ହକି: ହ୍ୟାଟ୍ରିକ ବିଜୟ ସହ ସେମିରେ ଭାରତ

ଅକ୍‌ଲାଣ୍ଡ, ୧୮।୬ (ଏଜେନ୍ସି): ନ୍ୟୁଜିଲାଣ୍ଡରେ ଚାଲିଥିବା ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ବିଜୟ ସହ ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଗୁରୁବାର ପୁଲ୍ ପର୍ଯ୍ୟାୟର ୩ୟ ମ୍ୟାଚରେ ଭାରତ ୩-୨ ଗୋଲରେ ଉରୁଗୁଏକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଦୀପିକା ସେରାୱତ ୨ଟି ଓ ଦୀପିକା ସୋରେଙ୍ଗ ଗୋଲ୍ ଦେଇଥିଲେ। ପୂର୍ବରୁ ଭାରତ ୩-୨ ଗୋଲରେ ଆମେରିକାକୁ ଓ ୨-୧ ଗୋଲ୍‌ରେ ଜାପାନକୁ ହରାଇଥିଲା। ଫଳରେ ହ୍ୟାଟ୍ରିକ ବିଜୟ ସହ ଭାରତ ୯ ପଏଣ୍ଟ ପାଇ ପୁଲ୍-ଏ'ରେ ଶୀର୍ଷରେ ରହିବା ସହ ସେମିଫାଇନାଲକୁ ଉଠିଛି। ଶନିବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତର ମୁକାବିଲା ଚିଲି ସହ ହେବ।

OFFICE OF THE PRINCIPAL
ITAMATI H. S. SCHOOL OF EDUCATION AND TECHNOLOGY
At /P.O./P.S.- Itamati, Dist- Nayagarh - 752068, Ph. No.-(06753) 256090
WALK-IN-INTERVIEW
A walk in interview of guest faculties (for +2 classes) will be held on dt. **23.06.2026 at 11:00 AM** in the H S School premises for Contractual Appointment of lecturers in the following subjects.
**1. Economics - 01, 2. English - 01, 3. Sociology - 01, 4. History - 01**
**Qualifications: P.G.** in concerned subject with **55% marks.** Candidates with higher qualification are preferred. No TA/DA will be paid for the purpose. Candidates are required to produce all certificates (Original & Xerox).
Sd/- Principal
Itamati H. S. of Edn. & Tech.

## ଏସୀୟ କ୍ରୀଡ଼ା ଟିଟି ଦଳରୁ ମନିକା ବାତ୍ରା ବାଦ୍

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ଲାଗି ଗୁରୁବାର ଭାରତୀୟ ଟେବୁଲ ଟେନିସ (ଟିଟି) ଦଳ ଘୋଷଣା କରାଯାଇଛି। ତେବେ ଦେଶର ସବୁଠୁ ତାରକା ଟିଟି ଖେଳାଳି ମନିକା ବାତ୍ରାଙ୍କୁ ଘୋଷିତ ଦଳରୁ ବାଦ୍ ଦିଆଯିବା ସମସ୍ତଙ୍କୁ ଚକିତ କରିଛି। ଟେବୁଲ ଟେନିସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଟିଟିଏଫ୍‌ଆଇ) ଦ୍ୱାରା ନିର୍ଦ୍ଧାରିତ ଚୟନ ମାନଦଣ୍ଡ ପୂରଣ କରି ନ ଥିବାରୁ ମନିକାଙ୍କୁ ବାଦ୍ ଦିଆଯାଇଛି। ସେ ଘରୋଇ ଇଭେଣ୍ଟରେ ଅଂଶଗ୍ରହଣ ନ କରି ଅନୁପସ୍ଥିତ ରହିଥିଲେ। ଯାହା ଫଳରେ ସେ ଟିଟିଏଫ୍‌ଆଇ ର୍ୟାଙ୍କିଙ୍ଗରେ ସ୍ଥାନ ପାଇନାହାଁନ୍ତି। ତଥାପି ସ୍ୱସ୍ତିକା ଘୋଷଙ୍କ ସହିତ ରିଜର୍ଭ ଦଳରେ ମନିକାଙ୍କୁ ନିଆଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକାଧିକ ପଦକ ଜିତିଥିବା ମନିକା ବର୍ତ୍ତମାନ ବିଶ୍ୱ ମାନ୍ୟତାର ୫୧ତମ ସ୍ଥାନରେ ରହିଛନ୍ତି। ଏସୀୟ କ୍ରୀଡାର ବିଂଶତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାରେ ଅନୁଷ୍ଠିତ ହେବ।

# ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୮।୬ (ସମିସ): ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ପଟିଆରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଚେସ୍ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆୟୋଜନରେ ଆୟୋଜିତ ଏହି ପ୍ରତିଯୋଗିତାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଚାରିଦିନ ଧରି ଚାଲିବାକୁ ଥିବା ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ରେକର୍ଡ ୧୮୦ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୧୩୫ଜଣ ବାଳକ ଓ ୩୫ଜଣ ବାଳିକା ପ୍ରତିଯୋଗୀ ରହିଛନ୍ତି। ସେହିଭଳି ଅଂଶଗ୍ରହଣକାରୀଙ୍କ ମଧ୍ୟରେ ୪୨ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳି ରହିଛନ୍ତି। ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ବାଳକ ବିଭାଗରେ ଟପ୍ ସିଡ୍ ଅଦଭିକ ଆଦିତ୍ୟ ସ୍ୱାଇଁ, ଆଦ୍ୟ ଅଦଭିକ ଦାଶ, ଶାୟାଂଶ ଦାସ, ସତ୍ୟ ସ୍ୱରୂପ ତ୍ରିପାଠୀ, ଶିବମ ସାବତ ଓ ସୋନାଲ ବୈଭବଙ୍କ ସହ ମୋଟ୍ ୨୭ଜଣ ଖେଳାଳି ୨ ପଏଣ୍ଟ ଲେଖାଏ ପାଇ ମିଳିତ ଭାବରେ ଅଗ୍ରଣୀ ଲାଭ କରିଛନ୍ତି। ସେହିଭଳି ବାଳିକାରେ ମୋଟ୍ ୯ ଜଣ ଖେଳାଳି ୨ ପଏଣ୍ଟ ସହ ମିଳିତ ଅଗ୍ରଣୀ ହାସଲ କରିଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବିଜେପି ନେତା ଗୋଲେଖ ମହାପାତ୍ର, କେନ୍ଦ୍ରପଡ଼ା ଜିଲ୍ଲା ଚେସ୍ ସଂଘ ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଆୟୋଜକ ମନୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

## ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୮।୬ (ସମିସ): ଅହମ୍ମଦାବାଦରେ ଚାଲିଥିବା ଜାତୀୟ ସିନିଅର ଆକ୍ୱାଟିକ ଚାମ୍ପିଅନସିପ୍‌ର ୭୯ତମ ସଂସ୍କରଣରେ ଓଡ଼ିଶାର ପ୍ରତ୍ୟାଶା ରାୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ୨୦୦ ମିଟର୍ ବ୍ୟାକଷ୍ଟ୍ରୋକରେ ପ୍ରତ୍ୟାଶା ୨ ମିନିଟ୍ ୨୦.୨୨ ସେକେଣ୍ଡ ସମୟ ନେଇ ରେସ୍ ଫିନିଶ କରିବା ସହ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିରେ କର୍ଣ୍ଣାଟକର ନୈଶ (୨:୨୧.୬୪) ଓ ଉତ୍ତର ପ୍ରଦେଶର ଜିୟା ଯାଦବ (୨:୨୨.୨୬) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ଏହି ଚାମ୍ପିଅନସିପ୍‌ରେ ପ୍ରତ୍ୟାଶାଙ୍କ ଏହା କ୍ରମାଗତ ଦ୍ୱିତୀୟ ପଦକ। ଗତକାଲି ସେ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ କାଂସ୍ୟ ପଦକ ଜିତିଥିଲେ।



ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 20.06.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS